# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୫/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, April 5/2024 | Page 14 | ₹ 7.00

୫୦ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 131 | ମୂଲ୍ୟ ₹୭/-




## ସାଇନାଙ୍କୁ ଡବଲ ସ୍ୱର୍ଣ୍ଣ

ହିମାଚଳ ପ୍ରଦେଶର ଧର୍ମଶାଳାରେ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୨

## ଭୟରେ କାନ୍ଦିଥିଲେ ମାଧୁରୀ

ଫିଲ୍ମ 'ପ୍ରେମପ୍ରତିଜ୍ଞା'ରେ ଖଳନାୟକ ଭୂମିକାରେ ଅଭିନୟ କରିଥିବା ରଞ୍ଜିତଙ୍କୁ ଭୟ କରି ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାନ୍ଦିବା ସହ ଶୁଟିଂକୁ ଆସି ନ ଥିଲେ।



# ଜୀବନ ନେଉଛି ମୁକୁଳା ଡ୍ରେନ୍

## ମାସାଧିକ କାଳ ଖୋଲାପଡ଼ିଥିବା ଡ୍ରେନ୍‌ରେ ଖସି ରାଜମିସ୍ତ୍ରିଙ୍କ ମୃତ୍ୟୁ

- ଅଘଟଣ ପରେ ତରବରିଆ ଭାବେ ସ୍ଲାବ ପଡ଼ିଲା
- ପଙ୍କୋଦ୍ଧାର ପାଇଁ ସ୍ଲାବ ଖୋଲାଯାଇଥିଲା: ମେୟର

କଟକ,୪।୪(କାର୍ତ୍ତିକ ସାହୁ)

କଟକ ସହରରେ ମୁକୁଳା ଡ୍ରେନ୍‌ରେ ପଡ଼ି ପୁଣି ଜଣଙ୍କର ଜୀବନ ଯାଇଛି। ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନୂଆବଜାର ମହିମାନଗରରେ ଘଟିଛି ଏହି ଅଘଟଣ। ମୃତକ ହେଉଛନ୍ତି ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜାକିର ଖାନ୍(୪୮)। ସେ କଟକରେ ରହି ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ମାସାଧିକକାଳ ଡ୍ରେନ୍ ମୁକୁଳା ରହିଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହୁଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ପଙ୍କୋଦ୍ଧାର ପାଇଁ ଡ୍ରେନ୍ ସ୍ଲାବ କଢ଼ାଯାଇଥିଲା। ତେଣୁ ଏଥିରେ ପ୍ରଶାସନର କିଛି ଅବହେଳା ନାହିଁ ବୋଲି ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ନୂଆବଜାର ମହିମାନଗର ରାସ୍ତାପାର୍ଶ୍ୱ ମୁକୁଳା ଡ୍ରେନ୍‌ରେ ଜଣେ ବ୍ୟକ୍ତି ମୁହଁମାଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ସିଆରଆର୍‌ଆଇ ଥାନାକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚିବା ପରେ ମୃତଦେହକୁ ଡ୍ରେନ୍ ମଧ୍ୟରୁ ବାହାର କରିଥିଲା। ମୃତକଙ୍କ ପୋଷାକ ଯାଞ୍ଚ କରିବା ପରେ ଏକ ମୋବାଇଲ୍ ମିଳିଥିଲା। ଉକ୍ତ ମୋବାଇଲରେ ଥିବା ନମ୍ବରକୁ ଫୋନ୍ କରିବା ପରେ ମୃତକଙ୍କ ପରିଚୟ ପୋଲିସକୁ ମିଳିଥିଲା। ସିଆର୍‌ଆର୍‌ଆଇ ଥାନା ଆଇଆଇସି ବିଜୟ ବାରିକଙ୍କ କହିବାନୁସାରେ, ମୃତକଙ୍କ ଘର ଲୋକେ ଖବର ପାଇବା ପରେ ଆସୁଛନ୍ତି। ସେମାନେ କଟକରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ମୃତଦେହ ହସ୍ତାନ୍ତର କରାଯିବ। ତେବେ କେମିତି ଯୁବକ ଜଣକ ଡ୍ରେନ୍‌ରେ ପଡ଼ିଲେ ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହୁଏତ ନିଶାସକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ସେ ଡ୍ରେନ୍‌ରେ ପଡ଼ିଯାଇଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କାରଣ ଯାହାବି ହେଉନା କାହିଁକି ଦୀର୍ଘଦିନ ଧରି ଡ୍ରେନ ମୁକୁଳା ପଡ଼ିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକମାନଙ୍କ କହିବା କଥା ହେଲା ଠିକାଦାର ସ୍ଲାବଗୁଡ଼ିକୁ ଖୋଲିବା ପରେ ସେଗୁଡ଼ିକୁ ଆଉ ଡ୍ରେନ୍‌ରେ ଘୋଡ଼ାଇ ନ ଥିଲେ। ଅପରପକ୍ଷରେ ଏଭଳି ଅଘଟଣ ପରେ ସିଏମ୍‌ସିର ଚେତା ପଶିଛି। ତୁରନ୍ତ ଉକ୍ତ ଅଞ୍ଚଳର ମୁକୁଳା ଡ୍ରେନ୍‌ଗୁଡ଼ିକର ଖୋଲା ଯାଇଥିବା ସ୍ଲାବଗୁଡ଼ିକୁ ପୁଣି ଯଥାସ୍ଥାନରେ ଘୋଡ଼ାଇ ଦିଆଯାଇଛି। ସିଏମ୍‌ସି ମେୟର ସୁବାସ ସିଂହ କୁହନ୍ତି, ଉକ୍ତ ଅଞ୍ଚଳର ଡ୍ରେନ୍‌ରୁ ସ୍ଲାବଗୁଡ଼ିକୁ ଖୋଲାଯାଇ ପଙ୍କୋଦ୍ଧାର କରାଯାଉଥିଲା। ସେଥିପାଇଁ ଖୋଲା ରହିଥିଲା। ସହରର ବିଭିନ୍ନ ଅଞ୍ଚଳରେ ବହୁ ମୁକୁଳା ଡ୍ରେନ୍ ରହିଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ସ୍ଲାବ ଦ୍ୱାରା ଘୋଡ଼ା ଯାଉଛି। ଏଥିପାଇଁ ଅର୍ଥ ମଞ୍ଜୁର ହୋଇ କାମ ଚାଲୁରହିଛି।

ପ୍ରକାଶ ଯେ, ପ୍ରଶାସନିକ ଅବହେଳା କାରଣରୁ ବିଭିନ୍ନ ସମୟରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣକ ପରେ ଜଣେ ଲୋକଙ୍କ ପ୍ରାଣହାନି ଘଟୁଛି। ୨୦୨୩ ଜାନୁଆରୀ ୧୫ରେ ବିଡ଼ାନାସୀ ଅଞ୍ଚଳରେ ମୁକୁଳା ଡ୍ରେନ୍‌ରେ ପଡ଼ି ୯ବର୍ଷର ଜୋଶେଫ ସାହାଣୀ ନାମକ ସ୍କୁଲ୍ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାର କିଛି ମାସ ପରେ ଅର୍ଥାତ୍ ଜୁଲାଇ ୧୬ରେ ଖୋଲାସାହିରେ ମୁକୁଳା ଡ୍ରେନ୍‌ରେ ପଡ଼ି ରାଜସ୍ଥାନର ରାହୁଲ୍ ଖଟିକ୍(୨୧)ଙ୍କ ମୃତ୍ୟୁ ଘଟିଥିଲା। ମୁକୁଳା ଡ୍ରେନ୍‌ରେ ପଡ଼ି ଏକାଧିକ ☞ପୃଷ୍ଠା-୪



କଟକ ନୂଆବଜାର ମହିମାନଗରରେ ମୁକୁଳା ପଡ଼ିଥିବା ଡ୍ରେନ୍।

# ଗଣତନ୍ତ୍ରକୁ ତା' ବାଟରେ ଯିବାକୁ ଦିଆଯାଉ

## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ,୪।୪(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଅରବିନ୍ଦ କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ତୃତୀୟ ଥର ପାଇଁ ଖାରଜ କରିଦେଇଛନ୍ତି। ଗଣତନ୍ତ୍ରକୁ ତା' ବାଟରେ ଯିବାକୁ ଦିଆଯାଉ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଉଲ୍ଲେଖନୀୟ ଟିପ୍ପଣୀ ଦେଇଛନ୍ତି। ଜାତୀୟ ସ୍ୱାର୍ଥ ଆଗରେ ବ୍ୟକ୍ତିଗତ ସ୍ୱାର୍ଥ ଗୌଣ ବୋଲି ହାଇକୋର୍ଟ କହିଛନ୍ତି। ଆମେ ଆଇନର ଅଦାଲତ ହୋଇଥିବାରୁ ଆମକୁ ଆଇନ ଅନୁଯାୟୀ ଯିବାକୁ ହେବ। ଆପଣଙ୍କର ଉପଚାର ଏଠାରେ ନାହିଁ, ଅନ୍ୟ କେଉଁଠି ରହିଛି। ଆପଣ ଉପଯୁକ୍ତ ଫୋରମକୁ ଯାଆନ୍ତୁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ।

କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବାଦ୍ ଦେବାକୁ ଅନୁରୂପ ଏକ ପିଟିଶନକୁ ନିକଟରେ ଉକ୍ତ ଖଣ୍ଡପୀଠ ଖାରଜ କରିଥିଲେ। ଏହା ଉପରେ କୌଣସି ଭିନ୍ନ ମତାମତ ନିଆଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିବା ପରେ ☞ପୃଷ୍ଠା-୪



ଅରବିନ୍ଦ କେଜ୍‌ରିୱାଲ

# ପରୀକ୍ଷାରେ ଝିଅ ନମ୍ବର କମିବାରୁ ଶିକ୍ଷକଙ୍କୁ ହାଣିଲେ ବାପା

ଢେଙ୍କାନାଳ,୪।୪(ରତନ ନାୟାର)

ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଝିଅର ନମ୍ବର କମିଯିବାରୁ ସହକାରୀ ଶିକ୍ଷକଙ୍କୁ କଟୁରିରେ ହାଣିଛନ୍ତି ଅଭିଭାବକ। ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ସୋଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨ ତାରିଖରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମରଣାନ୍ତକ ଆକ୍ରମଣରେ ଗୁରୁତର ହୋଇଥିବା ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ଏ ନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ଗୁରୁବାର ପୋଲିସ ଅଭିଯୁକ୍ତ ଅଭିଭାବକ ମକରଧ୍ୱଜ ବେହେରା (୩୮)ଙ୍କୁ ଗିରଫ କରିଛି।

ପୋଲିସ କହିଛି, ସୋଗର ପଞ୍ଚାୟତ ଝଗଡ଼ପଦା ଗ୍ରାମର ମକରଧ୍ୱଜଙ୍କ ଝିଅ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ପରୀକ୍ଷାରେ ଝିଅର ନମ୍ବର କମିଯିବାରୁ ମକରଧ୍ୱଜ ସ୍କୁଲକୁ ଯାଇ ☞ପୃଷ୍ଠା-୪

# ସ୍କୁଲରେ ବାଜିବ 'ଜଳ ବିରତି ଘଣ୍ଟି'

## ପିଲାଙ୍କୁ ମନେପକାଇବ ପାଣି ପିଇବାର ସମୟ

ଭୁବନେଶ୍ୱର, ୪।୪
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ବିଦ୍ୟାଳୟରେ 'ଜଳ ବିରତି ଘଣ୍ଟି' ବାଜିବ। ଏହି ସ୍ୱତନ୍ତ୍ର ଘଣ୍ଟି ଉଭୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ପାଣି ପିଇବାର ସମୟ ମନେପକାଇଦେବ। ଏବେ ସକାଳୁଆ ସ୍କୁଲ୍ ଚାଲିଥିବାବେଳେ ଦୈନିକ ୩ଥର ଜଳ ବିରତି ଘଣ୍ଟି ବାଜିବ। ଏଭଳି ଏକ ଅଭିନବ ପଦକ୍ଷେପ ନେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।

ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ଛୁଇଁଥିବା ବେଳେ ଅନେକ ସହରରେ ଦିନ ତାପମାତ୍ରା ୪୧ ଡିଗ୍ରୀ ପାର୍ ହୋଇଛି। ଆଗକୁ ମଧ୍ୟ ଆହୁରି ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ସମେତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସିଧାସଳଖ ଭାବରେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସିବା ପାଇଁ ସଚେତନ ରହିବାକୁ ମଧ୍ୟ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

ତୁର୍କୀ ଗଣତନ୍ତ୍ରର ବିଜୟ


## ସ୍କୁଲ ସମୟ ପରିବର୍ତ୍ତନ: ଆଜି ହୋଇପାରେ ନିଷ୍ପତ୍ତି

ଭୁବନେଶ୍ୱର, ୪।୪
(ଅସମାପିକା ସାହୁ)

ରାଜ୍ୟରେ ଏବେ ପାରଦ ୪୨ ଡିଗ୍ରୀ ଛୁଇଁଲାଣି। ସକାଳ ୯ଟା ପରେ ବି ଘରୁ ବାହାରିବା କଷ୍ଟ ହୋଇପଡ଼ିଲାଣି। ଏପରି ସ୍ଥିତିରେ ସ୍କୁଲ ସମୟକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ଖରାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସ୍କୁଲ ସମୟ ପରିବର୍ତ୍ତନ କରି ସକାଳୁଆ କରିଥିଲେ। ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। କିନ୍ତୁ ଛୁଟି ହେବା ପରେ ପିଲାମାନେ ଘରକୁ ଫେରିବା ବେଳେ ଉହଉହ ଖରାତାତି ସାଙ୍ଗକୁ ଗୁଲୁଗୁଳି କଷ୍ଟ ଦେଉଛି। ସେପଟେ ରାଜ୍ୟରେ ପାରଦ ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏସବୁକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ସ୍କୁଲ ଛୁଟି କିମ୍ବା ସମୟ ପରିବର୍ତ୍ତନ କରି ହାଫ୍ ଡେ' ସ୍କୁଲ କରିବା ପାଇଁ ଅଭିଭାବକମାନେ ଦାବି କରୁଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ମଧ୍ୟ ସ୍କୁଲ ସମୟ ପରିବର୍ତ୍ତନ ନେଇ ସରକାରଙ୍କୁ ☞ପୃଷ୍ଠା-୪







## ସଂକ୍ଷେପରେ

### ଇରାନରେ ସଂଘର୍ଷ: ୫ ଯବାନଙ୍କ ସମେତ ୧୩ ମୃତ

ଦୁବାଇ,୪।୪

ଦକ୍ଷିଣ-ପୂର୍ବ ଇରାନର ବିଭିନ୍ନ ସ୍ଥାନରେ ସଂଘର୍ଷ ଘଟି ୮ ବନ୍ଧୁକଧାରୀ ଏବଂ ୫ ଯବାନ ନିହତ ହୋଇଛନ୍ତି। ଅନ୍ୟ ୧୦ ଜଣ ସୁରକ୍ଷା ବଳ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ସିସ୍ତାନ ଏବଂ ବାଲୁଚିସ୍ତାନ ପ୍ରଦେଶରେ ଗତ ରାତିରେ ବନ୍ଧୁକଧାରୀମାନେ ରାସ୍କ ଟାଉନରେ ଥିବା ରିଭଲ୍ୟୁଶନାରୀ ଗାର୍ଡ ପୋଷ୍ଟ ଉପରେ ଗୁଳିମାଡ଼ କରିବା ସହ ଚାବହାର ସହରର ଏକ ତଟରକ୍ଷା କେନ୍ଦ୍ର ଉପରେ ଆକ୍ରମଣ କରିଥିଲେ। ୬ ଆକ୍ରମଣକାରୀ ଗିରଫ ହୋଇଛନ୍ତି।

### କଂଗ୍ରେସ ଛାଡ଼ି ଭାଜପାରେ ଗୌରବ ବଲ୍ଲଭ



ନୂଆଦିଲ୍ଲୀ,୪।୪

ଫାଇନାନ୍ସ ତଥା ଅର୍ଥନୀତି ସମ୍ପର୍କିତ ଟିଭି ବିତର୍କ କାର୍ଯ୍ୟକ୍ରମରେ କଂଗ୍ରେସରୁ ପ୍ରତିନିଧିତ୍ୱ କରୁଥିବା ଦଳର ମୁଖପାତ୍ର ପ୍ରଫେସର ଗୌରବ ବଲ୍ଲଭ ଗୁରୁବାର ଦଳ ଛାଡ଼ିବାର କିଛି ଘଣ୍ଟା ପରେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। କଂଗ୍ରେସ ଦିଶାହୀନ ହୋଇପଡ଼ିଥିବା ସେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପାଖକୁ ଲେଖିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜାତି ଜନଗଣନାକୁ ବିରୋଧ କରିବା ସହ ସନାତନ ଧର୍ମ ବିରୋଧୀ ସ୍ଲୋଗାନ ସପକ୍ଷରେ ଯୁକ୍ତି ବାଢ଼ିପାରିବେ ନାହିଁ ବୋଲି କହି କଂଗ୍ରେସ ଛାଡ଼ିଛନ୍ତି।

### ଜନମତ ସର୍ଭେ: ୬ ରାଜ୍ୟରେ ବାଇଡେନ୍‌ଙ୍କଠାରୁ ଟ୍ରମ୍ପ୍ ଆଗରେ

ୱାଶିଂଟନ,୪।୪

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ନିକଟରେ ହୋଇଥିବା ଏକ ଜନମତ ସର୍ଭେ ରିପୋର୍ଟ ଅନୁଯାୟୀ ଜୋର୍‌ଦାର ଲଢ଼େଇ ହେବାକୁ ଥିବା ୬ରୁ ୭ ରାଜ୍ୟରେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନର ରାଷ୍ଟ୍ରପତି ତଥା ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କଠାରୁ ଆଗରେ ରହିଛନ୍ତି। ଉକ୍ତ ରାଜ୍ୟଗୁଡ଼ିକ ହେଲେ ପେନ୍‌ସିଲଭାନିଆ, ମିଚିଗାନ, ଆରିଜୋନା, ଜର୍ଜିଆ, ନେଭଡ଼ା ଏବଂ ନର୍ଥ କରୋଲିନା। ବାଇଡେନ୍‌ଙ୍କ ସାମର୍ଥ୍ୟକୁ ନେଇ ଭୋଟରମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଦେଶର ଅର୍ଥବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଆଗାମୀ ନିର୍ବାଚନରେ ଟ୍ରମ୍ପ୍ ଓ ବାଇଡେନ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାକୁ ଥିବାବେଳେ ବିଜୟୀ ନିର୍ଦ୍ଧାରଣ କରିବାରେ ଏହି ରାଜ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

# ମୋଦି ମିଛୁଆଙ୍କ ସର୍ଦ୍ଦାର: ଖାର୍ଗେ

## ଚାଇନା ଭାରତରେ ଅନୁପ୍ରବେଶ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଶୋଇଯାଉଛନ୍ତି

ଜୟପୁର,୪।୪(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଛୁଆଙ୍କ ସର୍ଦ୍ଦାର ବୋଲି କହିଛନ୍ତି। ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନା ଅନୁପ୍ରବେଶ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଶୋଇଯାଉଥିବା ସେ ଅଭିଯୋଗ କରିଛନ୍ତି। ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ମୋଦି ଦେଶ ପାଇଁ ଚିନ୍ତା କରୁନାହାନ୍ତି। ବରଂ ଦେଶ ପାଇଁ ଜୀବନ ଦେଇଥିବା ଗାନ୍ଧୀ ପରିବାରର ସଦସ୍ୟମାନଙ୍କୁ ଗାଳି ଦେବାରେ ସେ ବ୍ୟସ୍ତ ରହୁଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବରୁ କହିଥିଲେ,



ମଲ୍ଲିକାର୍ଜୁନ ଖାର୍ଗେ

ତାଙ୍କର ୫୬ ଇଞ୍ଚ ଛାତି ଓ ସେ ଭୟ କରନ୍ତି ନାହିଁ। ଯଦି ଆପଣ ଭୟ କରୁ ନାହାନ୍ତି, ତେବେ ଆମର ଏକ ବୃହତ୍ ଅଞ୍ଚଳକୁ ଚାଇନା ହାତରେ ଟେକିଦେଲେ କାହିଁକି। ଚାଇନା ସୈନ୍ୟ ଅନୁପ୍ରବେଶ କଲାବେଳେ ନିଦ ବଟିକା ଖାଉଛ ନା ସେମାନେ ରାଜସ୍ଥାନ କ୍ଷେତରୁ ଅଫିମ ନେଇ ଆପଣଙ୍କୁ ଖୁଆଉଛନ୍ତି ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ବିପକ୍ଷ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର କାର୍ଯ୍ୟାନୁଷ୍ଠାନକୁ ନେଇ ଖାର୍ଗେ ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦୁର୍ନୀତିଗ୍ରସ୍ତ ନେତା ଭାଜପାକୁ ଯିବା ମାତ୍ରେ ଦୋଷମୁକ୍ତ ହୋଇଯାଉଥିବା ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପାଖରେ ଏକ ବଡ଼ ୱାଶିଂ ମେଶିନ ରହିଥିବା ଖାର୍ଗେ କଟାକ୍ଷ କରିଛନ୍ତି। ଯେପର୍ଯ୍ୟନ୍ତ ନେତାମାନେ ଆମ ପାଖରେ ଅଛନ୍ତି, ସେମାନେ ଦୁର୍ନୀତିଗ୍ରସ୍ତ। ଭାଜପା ପାଖକୁ ଗଲେ ସେମାନେ ମାସକ ମଧ୍ୟରେ ସ୍ୱଚ୍ଛ ହୋଇଯାଉଛନ୍ତି। ଭାଜପାରେ ଥିବା ଲୋକମାନେ ଜାଲ୍ ଓ ମିଛୁଆ ଏବଂ ମୋଦି ମିଛୁଆ ମାନଙ୍କ ସର୍ଦ୍ଦାର। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର ବିଭାଗ କଂଗ୍ରେସ ନେତାଙ୍କ ପଛରେ ପଡ଼ିଥିବା ଖାର୍ଗେ କହିଛନ୍ତି।

ସୂଚନାଯୋଗ୍ୟ, ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା ଅନ୍ତର୍ଗତ ପୂର୍ବ ଲଦାଖର ସୀମାନ୍ତ ଅଞ୍ଚଳକୁ ଅକ୍ତିଆର କରି ନିଜର ବୋଲି ଦାବି କରୁଥିବା ବେଳେ ନିକଟରେ ଅରୁଣାଚଳ ପ୍ରଦେଶର ୩୦ଟି ସ୍ଥାନର ନାଁ ବଦଳାଇ ଦେଇଛି।



ଅଭିନେତ୍ରୀ ତଥା ଭାଜପା ପ୍ରାର୍ଥୀ ହେମା ମାଳିନୀ ଗୁରୁବାର ମଥୁରା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ହେମାମାଳିନୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ: ସୁର୍‌ଜେୱାଲାଙ୍କୁ ମହିଳା କମିଶନଙ୍କ ସମନ୍

ଅମ୍ବାଲା, ୪।୪

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି ହେମାମାଳିନୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ନେତା ରଣଦୀପ ସୁରଜେୱାଲାଙ୍କୁ ଗୁରୁବାର ହରିୟାଣା ମହିଳା କମିଶନ ସମନ୍ ଜାରି କରିଛନ୍ତି। ସୁରଜେୱାଲାଙ୍କ ବୟାନ ଫଳରେ ମହିଳାଙ୍କ ସମ୍ମାନରେ ଆଞ୍ଚ ଆସିଥିବା ଦର୍ଶାଇ ଏହି ସମନ୍ ଜାରି ହୋଇଛି। ତେବେ ଏନେଇ ଏପ୍ରିଲ ୯ରେ ଜବାବ ରଖିବାକୁ ସୁରଜେୱାଲାଙ୍କୁ ହରିୟାଣା ମହିଳା କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ହରିୟାଣା କୈଥଲ ଜିଲାର ଏକ ଗ୍ରାମରେ ନିର୍ବାଚନୀ ଜନସଭାକୁ ସମ୍ବୋଧନ କରି ହେମାମାଳିନୀଙ୍କ ବିରୋଧରେ ସୁର୍‌ଜେୱାଲା ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏ ସମ୍ପର୍କିତ ଏକ ଭିଡିଓ ଭାଜପା ଆଇଟି ସେଲ୍ ପକ୍ଷରୁ ଜାରି କରାଯାଇ କଂଗ୍ରେସକୁ ମହିଳା ବିରୋଧୀ ଦଳ ଭାବେ କୁହାଯାଇଛି। ତେବେ ଏନେଇ କଂଗ୍ରେସ ନେତା ରଣଦୀପ ସୁର୍‌ଜେୱାଲା ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଭାଷଣର କେବଳ କିଛି ଅଂଶ ଶେୟାର କରି ଭାଜପା ମିଥ୍ୟା ଅପପ୍ରଚାର କରୁଥିବା ସେ କହିଛନ୍ତି।

## ସୋନିଆ, ଅଶ୍ୱିନୀଙ୍କ ସମେତ ୧୨ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ



ସୋନିଆ ଗାନ୍ଧୀ



ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୪।୪(ପି.ଟି.)

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମେତ ୧୪ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଆରେ ଶପଥ ପାଠ କରିଥିଲେ। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ନୂଆ ପାର୍ଲାମେଣ୍ଟ ଭବନରେ ସେମାନଙ୍କୁ ଏମ୍‌ପି ଭାବେ ଶପଥ ପାଠ କରାଇଥିଲେ। ସୋନିଆ ରାଜସ୍ଥାନରୁ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବାବେଳେ ଅଶ୍ୱିନୀ ଓଡ଼ିଶାରୁ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ନେତା ଅଜୟ ମାକେନ ଏବଂ ସୟେଦ ନାସିର ହୁସେନ୍ କର୍ନାଟକରୁ ଭାଜପା ନେତା ଆର୍.ପି.ଏନ୍. ସିଂ ଉତ୍ତରପ୍ରଦେଶରୁ, ସମିକ ଭଟ୍ଟାଚାର୍ଯ୍ୟ ପଶ୍ଚିମବଙ୍ଗରୁ ରାଜ୍ୟ ସଭାକୁ ଯାଇଛନ୍ତି। ଶପଥ ନେଇଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବିହାରରୁ ଜେଡିୟୁ ନେତା ସଞ୍ଜୟ କୁମାର ଝା, ଓଡ଼ିଶାରୁ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟ, ରାଜସ୍ଥାନରୁ ଭାଜପା ନେତା ମଦନ ରାଠୋର, ୱାଇଏସ୍‌ଆର୍‌ସିପି ନେତା ଗୋଲା ବାବୁରାଓ, ମେଦା ରଘୁନାଥ ରେଡ୍ଡୀ, ୟେରାମ ଭେଙ୍କଟ ସୁବା ରେଡ୍ଡୀ ଏବଂ ବିଆର୍‌ଏସ୍ ନେତା ରବି ଚନ୍ଦ୍ର ବଦ୍ଦିରାଜୁ। ସୂଚନାଯୋଗ୍ୟ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଦେବାଶିଷ ଓ ସୁଭାଶିଷ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ଅଶ୍ୱିନୀଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ପୁଣି ଥରେ ରାଜ୍ୟସଭାକୁ ଯାଇଛନ୍ତି।

## ସବୁଦିନ ନିର୍ବାଚନମଣ୍ଡଳୀ ଯାଇ ଲୋକଙ୍କ ସମସ୍ୟା ସମାଧାନ କର

### ଜେଲରୁ ଆପ୍ ବିଧାୟକଙ୍କୁ କେଜ୍‌ରିୱାଲଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୪।୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ପ୍ରତିଦିନ ଯାଇ ଲୋକମାନଙ୍କ ସମସ୍ୟାର ସମାଧାନ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରୁ ଏକ ବାର୍ତ୍ତା ପଠାଇଛନ୍ତି। ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଗୁରୁବାର ଏହି ବାର୍ତ୍ତା ସମ୍ପର୍କରେ କହିଛନ୍ତି। କେଜ୍‌ରିୱାଲ ତାଙ୍କ ବାର୍ତ୍ତାରେ କହିଛନ୍ତି, ଯଦିଓ ସେ ଜେଲରେ ରହିଛନ୍ତି, ଦିଲ୍ଲୀର ଦୁଇ କୋଟି ଜନସାଧାରଣ ତାଙ୍କର ପରିବାର। ସେମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ହେବ। ସରକାରୀ କାର୍ଯ୍ୟ ସହ ଲୋକଙ୍କ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲ ଗିରଫ ହୋଇ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

## ସୋରେନ୍‌ଙ୍କ ୩୧ କୋଟି ଟଙ୍କାର ଜମିକୁ ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ,୪।୪(ପି.ଟି.)

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ଇତିମଧ୍ୟରେ ରାଞ୍ଚିରେ ଥିବା ସୋରେନ୍‌ଙ୍କ ୮.୮୬ ଏକର ଜମିକୁ ଇଡି ବାଜ୍ୟାପ୍ତ କରିଥିବା ଗୁରୁବାର କହିଛି। ଉକ୍ତ ସମ୍ପତ୍ତିର ମୂଲ୍ୟ ୩୧ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୪୮ ବର୍ଷୀୟ ସୋରେନ୍‌ଙ୍କ ସମେତ ଇଡି ଭାନୁପ୍ରତାପ ପ୍ରସାଦ, ରାଜକୁମାର ପହାନ, ହିଲାରିୟାସ କଛପ ଏବଂ ବିନୋଦ ସିଂଙ୍କ ବିରୋଧରେ ଇଡି ମାର୍ଚ୍ଚ ୩୦ରେ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଭି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ଗୁରୁବାର ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଥିବା ଇଡି କହିଛି। ଉକ୍ତ ୮.୮୬ ଏକର ପ୍ଲଟ୍‌କୁ ଜବତ କରିବା ଲାଗି ଇଡି କୋର୍ଟଙ୍କୁ ନିବେଦନ କରିଛି। ଗତ ଜାନୁଆରୀରେ ଇଡି ସୋରେନ୍‌ଙ୍କୁ ଗିରଫ କରିଥିବାବେଳେ ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ଏବେ ବିଚାରାଧୀନ କଏଦୀ ଭାବେ ରାଞ୍ଚିର ବିର୍ସାମୁଣ୍ଡା କେନ୍ଦ୍ରୀୟ ଜେଲରେ ରହିଛନ୍ତି।

## ଅମେଠିରୁ ଲଢ଼ିପାରନ୍ତି ରବର୍ଟ ଭଦ୍ରା

ନୂଆଦିଲ୍ଲୀ, ୪।୪ (ପି.ଟି.)

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଗୁରୁବାର ସକ୍ରିୟ ରାଜନୀତିରେ ଯୋଗଦେବା ନେଇ ସଙ୍କେତ ଦେଇଛନ୍ତି। ସେ ଚଳିତ ଥର ଅମେଠିରୁ ଲୋକସଭା ନିର୍ବାଚନ ଲଢ଼ନ୍ତୁ ବୋଲି ଏଠାକାର ଜନସାଧାରଣ ଚାହୁଁଥିବା, ରବର୍ଟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନେକ ବର୍ଷ ଧରି ଅମେଠି, ରାଏବରେଲି ଓ ସୁଲତାନପୁର ଅଞ୍ଚଳର ଉନ୍ନତି ପାଇଁ ଗାନ୍ଧୀ ପରିବାର କଠିନ ପରିଶ୍ରମ କରିଥିବାବେଳେ ଗତ ୫ ବର୍ଷ ଧରି ଅମେଠି ବିକାଶଠାରୁ ବହୁ ଦୂରକୁ ଚାଲିଯାଇଥିବା ସେ କହିଛନ୍ତି।



ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀଙ୍କୁ ନିର୍ବାଚିତ କରି ଅମେଠିବାସୀ ପଶ୍ଚାତ୍ତାପ କରୁଛନ୍ତି। ବର୍ତ୍ତମାନର ଏମ୍‌ପି ଅଞ୍ଚଳର ଉନ୍ନତି ଅପେକ୍ଷା ଗାନ୍ଧୀନେହେରୁ ପରିବାରକୁ ଅଯଥା ଟାର୍ଗେଟ କରି ସମୟ ଅତିବାହିତ କରୁଥିବା ସେ ଅଭିଯୋଗ ଆଣିଛନ୍ତି।

## ବିନା ଭୋଟର ପରିଚୟପତ୍ରରେ ଭୋଟ ଦେଇହେବ

### ଗାଇଡ୍‌ଲାଇନ ଜାରି କଲେ ଇସି

ନୂଆଦିଲ୍ଲୀ,୪।୪(ପି.ଟି.)

କୌଣସି ଜଣେ ବି ପ୍ରକୃତ ଭୋଟର ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ପରିଚୟ ପତ୍ରରେ ମୁଦ୍ରଣଗତ ତ୍ରୁଟି କିମ୍ବା ଉଚ୍ଚାରଣଗତ ତ୍ରୁଟି ରହିଥିଲେ, ସେଗୁଡ଼ିକୁ ଏଡ଼ାଇ ଯିବା ପାଇଁ ନିର୍ବାଚନ ଅଧିକାରୀମାନଙ୍କୁ କୁହାଯାଇଛି। ଇସିଆଇଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନରେ କୁହାଯାଇଛି, ଗୋଟିଏ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ଜଣକ ନାଁ ଥାଇ ଅନ୍ୟ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଜାରି କରିଥିବା ଭୋଟର ଆଇ-କାର୍ଡକୁ ସେମାନଙ୍କ ପରିଚୟ ପ୍ରମାଣ ଭାବେ ଗ୍ରହଣ କରାଯିବ। ଯଦି କୌଣସି ମତଦାତା ଭୋଟର ପରିଚୟ ପତ୍ର ଦେଖାଇ ନ ପାରନ୍ତି, ତେବେ ଫଟୋ ପରିଚୟ ଥିବା ବିକଳ୍ପ ଡକ୍ୟୁମେଣ୍ଟ ଉପସ୍ଥାପନ କରିବେ। ଏଥିପାଇଁ ଆଧାର କାର୍ଡ, ଜବ୍ କାର୍ଡ, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ଇସ୍ୟୁ କରିଥିବା ପାସ୍‌ବୁକ୍, ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଜାରି ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଅଧୀନରେ ଭାରତର ରେଜିଷ୍ଟ୍ରାର ଜେନେରାଲ ଜାରି କରିଥିବା ସ୍ମାର୍ଟ କାର୍ଡକୁ ଗ୍ରହଣ କରାଯିବ। ଏହା ବ୍ୟତୀତ ଭାରତୀୟ ପାସ୍‌ପୋର୍ଟ, ଫଟୋ ଥିବା ପେନ୍‌ସନ ଦସ୍ତାବିଜ, କେନ୍ଦ୍ର, ରାଜ୍ୟ ସରକାର କିମ୍ବା ପିଏସ୍‌ୟୁ ଦ୍ୱାରା ଇସ୍ୟୁ ହୋଇଥିବା କର୍ମଚାରୀଙ୍କ ଫଟୋ ଥିବା ସର୍ଭିସ ଆଇ-କାର୍ଡକୁ ଭୋଟରଙ୍କ ପରିଚୟ ଭାବେ ଗ୍ରହଣ କରାଯିବ।

## ଫୁରସତ

# ସମାନତା ଆଣିବାର ବିଶ୍ୱାସ ହେଉଛି ସମତା ଦିବସ



ଆଜି ଅର୍ଥାତ୍ ଏପ୍ରିଲ ୫ରେ ସମଗ୍ର ରାଜ୍ୟରେ ପାଳନ ହେଉଛି ସମତା ଦିବସ। ଜାତୀୟତାବାଦୀ ରାଜନେତା ବାବୁ ଜଗଜୀବନ ରାମଙ୍କ ଜନ୍ମ ବାର୍ଷିକୀକୁ ସମତା ଦିବସ ଭାବରେ ପାଳନ କରାଯାଏ। ସମାଜରେ ସମସ୍ତଙ୍କ ମଧ୍ୟରେ ସମାନତା ଆଣିବାର ବିଶ୍ୱାସ ଜନ୍ମାଇବା ପାଇଁ ଏହି ଦିନଟିକୁ ପାଳନ କରାଯାଇଥାଏ।

ଜଗଜୀବନ ୫ ଏପ୍ରିଲ ୧୯୦୮ରେ ଚନ୍ଦୱାଠାରେ ଏକ ହରିଜନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେତେବେଳେ ସମାଜ ତାଙ୍କ ଉପରେ ଅନେକ ସାମାଜିକ ନୀତି ନିୟମ ପ୍ରୟୋଗ କରିଥିଲା। ଏହି କଠୋର ନିୟମ ତାଙ୍କୁ ଦୁନିଆରୁ ଅନ୍ୟମାନଙ୍କଠାରୁ ଅଲଗା କରି ରଖିଥିଲା। ସେ ଅସ୍ପୃଶ୍ୟ ଭାବରେ ଭାଙ୍ଗି ପଡ଼ିଥିଲେ।

ଯେତେବେଳେ ସେ ଜଣେ ସ୍କୁଲ ଛାତ୍ର ଥିଲେ ସେତେବେଳେ ସେ ସାମାଜିକ ସଂସ୍କାରକ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହ ଆନ୍ଦୋଳନର ଡାକରା ଦେଇଥିଲେ। ଏଥିପାଇଁ ତାଙ୍କୁ ୧୯୫୦ରେ ଜେଲ୍ ହୋଇଥିଲା। ସେ ୧୯୩୨ରୁ ୧୯୭୭ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ସହ ଜଡ଼ିତ ଥିଲେ ଏବଂ ୩୬ ବର୍ଷ ପର୍ଯ୍ୟନ୍ତ ଲୋକ ସଭାର ସଦସ୍ୟ ରହିଥିଲେ। ଜଗଜୀବନ ୧୯୪୬ରୁ ୧୯୬୩ ପର୍ଯ୍ୟନ୍ତ କେନ୍ଦ୍ର ମନ୍ତ୍ରୀ ଥିଲେ। ସେ ଜାନୁଆରୀରୁ ଜୁଲାଇ ୧୯୭୯ ପର୍ଯ୍ୟନ୍ତ ଭାରତର ଉପମୁଖ୍ୟମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।

ସେ ଏକ ଜାତିହୀନ ଏବଂ ଗଣତାନ୍ତ୍ରିକ ହିନ୍ଦୁ ସମାଜର ସ୍ୱପ୍ନ ଦେଖିଥିଲେ। ସେ ସମାଜର ପରିବର୍ତ୍ତନ ଏବଂ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ପାଇଁ ଲବି ଗୋଷ୍ଠୀରେ ସକ୍ରିୟ ଭାବରେ ଜଡ଼ିତ ଥିଲେ। ସାମ୍ପ୍ରଦାୟିକ ପକ୍ଷପାତିତା ବିରୋଧରେ ଅସନ୍ତୋଷ ଦେଖାଇବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁସୂଚିତ ଜାତିର ଆୟୋଜନ କରିଥିଲେ ଏବଂ ବଙ୍ଗଳାର ସାମାଜିକ ତଥା ରାଜନୈତିକ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମ୍ମିଳନୀ ଆୟୋଜନ କରିଥିଲେ। ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନରେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ଥିଲେ।

ସେ ମଣିଷର ସମ୍ମାନ ଏବଂ ସ୍ୱାଧୀନତା ଉପରେ ବିଶ୍ୱାସ କରୁଥିଲେ। କିଛି ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ସେ ଘୃଣା କରୁଥିଲେ ଏବଂ କାହା ପ୍ରତି ବଳାତ୍କାର ହେଲେ ଘୋର ବିରୋଧ କରୁଥିଲେ। ଜୁଲାଇ ୧୯୮୬ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୫ ଏପ୍ରିଲରେ ସବୁ ରାଜ୍ୟରେ ଜଗଜୀବନ ରାମଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

## ଭାରତର ସାମୁଦ୍ରିକ ଇତିହାସ ଗୌରବମୟ

### ଜାତୀୟ ସାମୁଦ୍ରିକ ଦିବସ



ଭାରତର ସାମୁଦ୍ରିକ ଇତିହାସ ବେଶ୍ ସମୃଦ୍ଧ ଏବଂ ଗୌରବମୟ ଅଟେ। ପ୍ରାଚୀନ କାଳରୁ ଦକ୍ଷିଣ ଭାରତୀୟମାନେ ପୂର୍ବ ଏସିଆ ଏବଂ ପଶ୍ଚିମରେ ଆରବ ଜଗତ ସହିତ ଜାହାଜରେ ପରିବହନ କରିଆସୁଥିଲେ। ଆଧୁନିକ ଯୁଗରେ ଭାରତ ସାମୁଦ୍ରିକ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି। ଭାରତ ହେଉଛି ବିଶ୍ୱର ଷଷ୍ଠ ବୃହତ୍ତମ ଜାହାଜ କାରବାର ଦେଶ।

ଜାତୀୟ ସାମୁଦ୍ରିକ ଦିବସ ପ୍ରତିବର୍ଷ ୫ ଏପ୍ରିଲରେ ଦେଶରେ ପାଳନ କରାଯାଏ। ଯେଉଁମାନେ ଭାରତର ସାମୁଦ୍ରିକ ଇତିହାସ ଏବଂ ସାମୁଦ୍ରିକ କ୍ଷେତ୍ରର ବିକାଶରେ ଯୋଗଦାନ ଦେଇଛନ୍ତି, ସେମାନଙ୍କୁ ସ୍ମରଣ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଭାରତ ସରକାର ସାମୁଦ୍ରିକ କ୍ଷେତ୍ରର ବିକାଶ ଏବଂ ସାମୁଦ୍ରିକ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ସାମୁଦ୍ରିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଲୋକଙ୍କୁ ମଧ୍ୟ ସରକାର ପୁରସ୍କାର ପ୍ରଦାନ କରାଯାଏ।

ପ୍ରଥମ ଜାତୀୟ ସାମୁଦ୍ରିକ ଦିବସ ୫ ଏପ୍ରିଲ ୧୯୬୪ରେ ପାଳନ କରାଯାଇଥିଲା। ପ୍ରତିବର୍ଷ ପରି, ଏହି ବର୍ଷ ମଧ୍ୟ ଜାତୀୟ ସାମୁଦ୍ରିକ ଦିବସର ଥିମ ପ୍ରସ୍ତୁତ କରାଯାଇଛି। ଏହି ବର୍ଷର ବିଷୟବସ୍ତୁ ହେଉଛି 'ନାଭିଗେଟିଙ୍ଗ୍ ଦ ଫ୍ୟୁଚର୍:ସେଫ୍‌ଟି ଫାର୍ଷ୍ଟ'। ଏହି ଥିମ ସାମୁଦ୍ରିକ କ୍ଷେତ୍ରରେ ସୁରକ୍ଷାର ଗୁରୁତ୍ୱକୁ ଆଲୋକିତ କରେ।

## ଭୟରେ କାନ୍ଦିଥିଲେ ମାଧୁରୀ



ମାଧୁରୀ ଦୀକ୍ଷିତ

**ମୁମ୍ବାଇ:** ବଲିଉଡ୍‌ର କିଛି ତାରକା ଖଳନାୟକ ଭୂମିକାରେ ନିଜର ନିଖୁଣ ଅଭିନୟ ଦ୍ୱାରା ବହୁ ପ୍ରସିଦ୍ଧି ପାଇବାରେ ସଫଳ ହୋଇଛନ୍ତି। ଭେଟେରାନ୍ ଅଭିନେତା ରଞ୍ଜିତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଏକ ସାକ୍ଷାତ୍‌କାରରେ ଅଭିନେତା ଜଣକ ତାଙ୍କର ପୁରୁଣା ଦିନଗୁଡ଼ିକୁ ମନେ ପକାଇଛନ୍ତି। ସେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସହ ତାଙ୍କର କାର୍ଯ୍ୟ ଅଭିଜ୍ଞତାକୁ ମଧ୍ୟ ବଖାଣିଛନ୍ତି। ଖଳନାୟକ ହୋଇଥିବାରୁ ଅଧିକାଂଶ ଚଳଚ୍ଚିତ୍ରରେ ସେ ଅଭିନେତ୍ରୀଙ୍କୁ ଜୋର ଜବରଦସ୍ତ କରିବା ଓ ସେମାନଙ୍କୁ ନିର୍ଯ୍ୟାତନା ଦେବାର ଅନେକ ଦୃଶ୍ୟ ରହୁଥିଲା। ସେତେବେଳେ ତାଙ୍କର ଏହି କ୍ରୁର ଅନ୍ଦାଜ ଯୋଗୁ ଅଧିକାଂଶ ଦର୍ଶକ ତାଙ୍କୁ ଭୟ କରିବା ସହ ଘୃଣା ମଧ୍ୟ କରୁଥିବା ରଞ୍ଜିତ କହିଛନ୍ତି। ୧୯୮୯ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ 'ପ୍ରେମ୍‌ପ୍ରତିଜ୍ଞା'ରେ ସେ ଖଳନାୟକ ହୋଇଥିବାବେଳେ ଏହାର ମୁଖ୍ୟ ଚରିତ୍ରରେ ଥିଲେ ମିଥୁନ ଚକ୍ରବର୍ତ୍ତୀ ଓ ମାଧୁରୀ ଦୀକ୍ଷିତ। ଏହି ଚଳଚ୍ଚିତ୍ରରେ ରଞ୍ଜିତଙ୍କ ସହ ମାଧୁରୀଙ୍କର ଏକ ଦୃଶ୍ୟ ଥିବାବେଳେ ଭୟରେ ମାଧୁରୀ ଶୁଟିଂ ସେଟକୁ ଆସି ନ ଥିଲେ। ଏନେଇ ତାଙ୍କୁ 'ପ୍ରେମ୍‌ପ୍ରତିଜ୍ଞା' ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୂଚନା ଦେଇଥିଲେ ବୋଲି ରଞ୍ଜିତ କହିଛନ୍ତି। ମାଧୁରୀ କାନ୍ଦୁଛନ୍ତି ଓ ତାଙ୍କ ସହ ଦୃଶ୍ୟ କରିବାକୁ ଚାହୁଁନଥିବା ରଞ୍ଜିତ ଜାଣିବାକୁ ପାଇଥିଲେ। ଅବଶ୍ୟ ପରେ ବହୁ ବୁଝାଇବା ପରେ ମାଧୁରୀ ତାଙ୍କ ସହ ସମ୍ପୃକ୍ତ ଦୃଶ୍ୟ କରିବାକୁ ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମର ସେହି ଦୃଶ୍ୟକୁ ମାତ୍ର ଗୋଟିଏ ଟେକ୍‌ରେ ସମ୍ପୂର୍ଣ୍ଣ କରାଯାଇଥିବା ରଞ୍ଜିତ କହିଛନ୍ତି।




# ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ଚୋରି

ବାଲେଶ୍ୱର,୪।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ୍) ବିଲ୍ଡିଂର ଏସ୍‌ଏନ୍‌ସିୟୁ ବିଭାଗରେ ଚିକିତ୍ସାଧୀନ ଥିବା ଏକ ୮ ଦିନର ଶିଶୁପୁତ୍ରକୁ ଗୁରୁବାର ଦ୍ୱିପ୍ରହର ସମୟରେ କେହି ବଦଳ କରି ତାଙ୍କ ସ୍ଥାନରେ ଏକ ନବଜାତ ଶିଶୁକନ୍ୟାକୁ ରଖିଦେଇ ଯାଇଥିବା ଅଭିଯୋଗ ହୋଇଛି। ଅଦ୍ୟାବଧି ଚୋରି ହୋଇଥିବା ଶିଶୁପୁତ୍ର ମିଳି ନ ଥିବା ବେଳେ ଶିଶୁକନ୍ୟାର ପରିଚୟ ମିଳିପାରିନାହିଁ। ପିଲା ଅଦଳବଦଳ ଘଟଣାକୁ ନେଇ ଅନ୍ୟ ପ୍ରସୂତିଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଏନେଇ ଚୋରି ହୋଇଥିବା ଶିଶୁପୁତ୍ରର ପରିବାର ଓ ସମ୍ପର୍କୀୟମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାଲିଆପାଳ ଥାନା ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ଟିକିଲିଙ୍କର ଗତ ମାର୍ଚ୍ଚ ୨୮ରେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ହୋଇଥିଲା। ଏହା ତାଙ୍କର ପ୍ରଥମ ସନ୍ତାନ ଥିଲା। ତେବେ ନବଜାତ ଶିଶୁର ରିପୋର୍ଟରେ ଜଣ୍ଡିସ୍ ବାହାରିବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଗତ ମଙ୍ଗଳବାର ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟ ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏମ୍‌ସିଏଚ୍ ବିଭାଗ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଦ୍ୱି-


ଏସ୍‌ଏନ୍‌ସିୟୁ ବିଭାଗ ସମ୍ମୁଖରେ ଚୋରି ହୋଇଥିବା ଶିଶୁପୁତ୍ରଙ୍କ ମା'ବାପାଙ୍କ ସହ ଅନ୍ୟମାନେ।

## ସୁରକ୍ଷା ଉପରେ ଉଠିଲା ପ୍ରଶ୍ନ

ପ୍ରହର ସମୟରେ ଶିଶୁଟି ପାଖରୁ ତାଙ୍କ ମା' ଟିକେ ବାହାରକୁ ଆସିଥିବା ବେଳେ ସେହି ବେଡ୍‌ରୁ ତାକୁ କେହି ଉଠାଇ ନେଇ ସେହି ସ୍ଥାନରେ ଏକ ନବଜାତ ଶିଶୁକନ୍ୟାକୁ ରଖିଦେଇ ଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସୁଶାନ୍ତ ଏବଂ ତାଙ୍କ ସ୍ତ୍ରୀ ସେଠାରେ ଉପସ୍ଥିତ ଥିବା ଅନ୍ୟ ନବଜାତ ଶିଶୁଙ୍କ ମା', ପରିବାର ଲୋକ, ଡାକ୍ତରଖାନା ସୁରକ୍ଷାକର୍ମୀ ଓ ଏସ୍‌ଏନ୍‌ସିୟୁର ଷ୍ଟାଫ୍‌ନର୍ସଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିଲେ। ଏନେଇ ସୁଶାନ୍ତ ସଙ୍ଗେ ସଙ୍ଗେ ସିଡିଏମ୍‌ଓଙ୍କୁ ଜଣାଇବା ସହ ଡାକ୍ତରଖାନା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଡାକ୍ତରଖାନା କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ସୁରକ୍ଷାକର୍ମୀ ଏବଂ ସେଠାରେ ଉପସ୍ଥିତ ରୋଗୀଙ୍କ ପରିବାର ଲୋକଙ୍କୁ ପଚରାଉଚୁରା କରିବା ସହ ତଦନ୍ତ ଆରମ୍ଭ କରିଛି। ନବଜାତ ଶିଶୁପୁତ୍ରଟି ଚୋରି ହୋଇଥିବା ବେଳେ ତାଙ୍କ ସ୍ଥାନରେ ରଖାଯାଇଥିବା ଶିଶୁକନ୍ୟାଟି କାହାର ସେନେଇ ପ୍ରଶ୍ନ ଉଠିଛି। ଏସ୍‌ଏନ୍‌ସିୟୁ ବିଭାଗ ସମ୍ମୁଖରେ ୨ଟି ସିସି କ୍ୟାମେରା ଲଗାଯାଇଥିବା ବେଳେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀ ସେଠାରେ ନିୟୋଜିତ ହୋଇଥିବା ସତ୍ତ୍ୱେ ନବଜାତ ଶିଶୁ ଚୋରି ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ୨୦ ଘରୋଇ ସ୍କୁଲକୁ ନୋଟିସ

## ୨୫% ମାଗଣା ସିଟ୍‌ରେ ନାମଲେଖାଇବାକୁ ମନା କରିବା ଅଭିଯୋଗ

### ବିଇଓ ଅଫିସ୍‌ରେ ତାଲା ପକାଇଲେ ଅଭିଭାବକ

ଭୁବନେଶ୍ୱର, ୪।୪(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ମାଗଣା ପଢ଼ିବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିଛି ସ୍କୁଲ ଫେରାଇ ଦେବା ପରେ ବିବାଦ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶତାଧିକ ଅଭିଭାବକ ଗୁରୁବାର ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ବିଇଓ ସଂଘ ସହିତ ଆଲୋଚନା କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ ୨୦ଟି ସ୍କୁଲକୁ ନୋଟିସ ଜାରି କରିଛନ୍ତି ବିଇଓ।

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁଯାୟୀ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ମାଗଣା ଶିକ୍ଷାଦାନ ପାଇଁ ପ୍ରାବଧାନ ରହିଛି। ହେଲେ ଏହାକୁ ବହୁ ଘରୋଇ ବିଦ୍ୟାଳୟ ମାନୁନାହାନ୍ତି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆର୍‌ଟିଇ ଅଧୀନରେ ନାମଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ଗତ ୨୭ ତାରିଖରୁ ଚୟନ ହୋଇଥିବା ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କିଛି ଘରୋଇ ବିଦ୍ୟାଳୟ ଆର୍‌ଟିଇ ନାମଲେଖା ପାଇଁ କୌଣସି ସିଟ୍ ଉପଲବ୍ଧ ନ ଥିବା କହି ଅଭିଭାବକଙ୍କୁ ଫେରାଇ ଦେଉଛନ୍ତି। ଏପରିକି କାଗଜପତ୍ର, ସରକାରୀ ନିର୍ଦ୍ଦେଶନାମା, ଚୟନ ତାଲିକା ଆଦି ଦେଖିବାକୁ ମଧ୍ୟ ନାରାଜ ହେଉଛନ୍ତି। ଆଉ ଦୁଇଦିନ ଅର୍ଥାତ୍ ଏପ୍ରିଲ ୬ରେ ନାମଲେଖା ଶେଷ ହେଉଥିବାବେଳେ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଶିକ୍ଷା ଅଧିକାର ଆବାହିକା କଳ୍ପନା ସାହୁ, ବିମଳ ଜେନାଙ୍କ ସମେତ ଶତାଧିକ ଅଭିଭାବକ ବିଇଓ କାର୍ଯ୍ୟାଳୟ ଆଗରେ କିଛି ସମୟ ଧାରଣା ଦେବା ସହ ତୁରନ୍ତ ନାମଲେଖା ପାଇଁ ଦାବି କରି ତାଲା ପକାଇ ଦେଇଥିଲେ। ପରେ ଅଭିଭାବକ ମହାସଂଘ ବିଇଓଙ୍କୁ ଭେଟି ସିଟ୍ ନ ଥିବା କହି ଫେରାଇ ଦେଇଥିବା ସମ୍ପୃକ୍ତ ବିଦ୍ୟାଳୟ ନାମରେ ଫେରାଦ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସମ୍ପୃକ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେବା ସହ ନିୟମର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଥିଲେ। ଏହାପରେ ଅଭିଯୋଗ ଆସିଥିବା ୨୦ଟି ବିଦ୍ୟାଳୟକୁ ବିଇଓଙ୍କ ପକ୍ଷରୁ ନୋଟିସ୍ ପଠାଯାଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ତୁରନ୍ତ କରିବାକୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିର୍ଦ୍ଦେଶ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏ ନେଇ ଭୁବନେଶ୍ୱର ବିଇଓ ପ୍ରଜ୍ଞାପାରମିତା ଜେନା କହିଛନ୍ତି, ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରୁ ନିୟମାନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଉଛି। ତେବେ ତୁରନ୍ତ ବଞ୍ଚିତ ଛାତ୍ରୀଛାତ୍ରଙ୍କ ନାମଲେଖା କରା ନ ଗଲେ ପୁଣି ବିଇଓ ଅଫିସକୁ ତାଲା ପକାଇବା ଶିକ୍ଷା ନିର୍ଦ୍ଦେଶାଳୟ ଅଫିସ ଆଗରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ବେକ ବିନ୍ଧୁଥିବା ରୋଗୀଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ

ଭଦ୍ରକ,୪।୪(ସନାତନ ରାଉତ)

ବେକ ବିନ୍ଧୁଥିବାରୁ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ହେଲେ ନର୍ସ ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଦେଲେ। ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା।


ବିଜୟ ବିଶ୍ୱାଳ

ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ଼ ଗାଁର ବିଜୟ ବିଶ୍ୱାଳ(୫୬)ଙ୍କ ବେକ ବିନ୍ଧୁଥିବାରୁ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରେସ୍‌କ୍ରିପ୍‌ଶନରେ ଔଷଧ ସହ ଡାଇକ୍ଲୋଫେନାକ ଇଞ୍ଜେକ୍ସନ ଲେଖିଥିଲେ। ବିଜୟ ଇଞ୍ଜେକ୍ସନ ନେବା ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ସେଠାରେ ଇଞ୍ଜେକ୍ସନ ଦେଉଥିବା ନର୍ସ ଡାଇକ୍ଲୋଫେନାକ ବଦଳରେ ତାଙ୍କୁ ଭୁଲ୍‌ରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଥିଲେ। ଏହା ଜାଣିବା ପରେ ବିଜୟଙ୍କ ପରିବାର ଲୋକେ ନର୍ସଙ୍କୁ ଏ ସଂକ୍ରାନ୍ତରେ ପଚାରିବା ସହ ହୋହଲ୍ଲା କରିଥିଲେ। ଘଟଣାର ସମାଧାନ ପରିବର୍ତ୍ତେ ସମ୍ପୃକ୍ତ ନର୍ସ ବିଜୟଙ୍କ ପ୍ରେସ୍‌କ୍ରିପ୍‌ସନ ନେଇ ଡାକ୍ତରଖାନାରୁ ପଳାଇ ଯାଇଥିଲେ। ବିଜୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ସଙ୍ଗେ ସଙ୍ଗେ ଆଣ୍ଟି ଡୋଜ୍ ଦିଆଯାଇଥିଲା। ଇଞ୍ଜେକ୍ସନ ଦେଇଥିବା ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜୟଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ କହିଛନ୍ତି, ଇଞ୍ଜେକ୍ସନ ଦେଇଥିବା ନର୍ସଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବ। ତେବେ ଏହି ଇଞ୍ଜେକ୍ସନରେ ବିଶେଷ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ନାହିଁ। ଚିକିତ୍ସା ପରେ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କୁ ଅବ୍‌ଜର୍‌ଭେଶନରେ ରଖାଯାଇଛି।

# ୪୨ ଡିଗ୍ରୀ ଛୁଇଁଲା ପାରଦ

- ଆଉ ୩ ଦିନ କଲବଲ କରିବ
- ୧୧ ଜିଲାକୁ ୟେଲୋଓ୍ୱାର୍ନିଂ
- ୭ରୁ କାଳବୈଶାଖୀ

ଭୁବନେଶ୍ୱର,୪।୪(ଅନିଲ ଦାସ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଗୁରୁବାର ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସକୁ ଚଢ଼ିଛି। ମାଲକାନଗିରି ଓ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୬, ସୁନ୍ଦରଗଡ଼ ୪୦.୧, ତାଳଚେର ୪୦, ଭବାନୀପାଟଣା ୪୧, ବଲାଙ୍ଗୀର ୪୧.୭, ଟିଟିଲାଗଡ଼ ୪୧, ନୂଆପଡ଼ା ୪୦.୪ ଏବଂ ରାଉରକେଲାରେ ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୩୮.୬, ଭୁବନେଶ୍ୱରରେ ୩୭.୪, ବାରିପଦାରେ ୩୭.୬, କେନ୍ଦୁଝରରେ ୩୯, ସମ୍ବଲପୁରରେ ୩୯.୮, ହୀରାକୁଦରେ ୩୯.୬, କୋରାପୁଟରେ ୩୬.୬, ଫୁଲବାଣୀରେ ୩୯.୧, ସୋନପୁରରେ ୩୯.୯, ନୟାଗଡ଼ରେ ୩୯.୧, ରାୟଗଡ଼ାରେ ୩୯.୪, ଭଦ୍ରକରେ ୩୮.୨, ଯାଜପୁରରେ ୩୭.୫, ଢେଙ୍କାନାଳରେ ୩୭.୯, ନବରଙ୍ଗପୁରରେ ୩୯ ଓ ଖୋର୍ଦ୍ଧାରେ ୩୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୨ ଡିଗ୍ରୀ ଯାଏ ବୃଦ୍ଧି ପାଇବ। ୬ ତାରିଖ ଯାଏ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରିରହିବ। ଗରମ, ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ଅସ୍ତବ୍ୟସ୍ତ କରିବ। ଆସନ୍ତା ୩ ଦିନ ଯାଏ ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଭଦ୍ରକ, ଯାଜପୁର, ବଲାଙ୍ଗୀର, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଏବଂ ଢେଙ୍କାନାଳ ଜିଲାରେ ଗ୍ରୀଷ୍ମ ପ୍ରବାହ ହେବ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସ୍ୱାଭାବିକ ତାପମାତ୍ରାରୁ ୩ରୁ ୫ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିବା ନେଇ ଅନୁମାନ କରାଯାଇଛି। ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେବ। ତେବେ ଆସନ୍ତା ୭ ତାରିଖରୁ ରାଜ୍ୟରେ କାଳବୈଶାଖୀ ହେବ। ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଯିବ। ୧୩ ତାରିଖ ଯାଏ ତାତି ବଢ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।


ଭୁବନେଶ୍ୱରରେ ଗ୍ରୀଷ୍ମ ପ୍ରବାହ ବଢ଼ିଥିବାବେଳେ ଛାତ୍ରୀମାନେ ଛତା ଓ ପାଣି ବୋତଲ ଧରି ଯାଉଛନ୍ତି।

# ଗରମ ପେଯ କୁଣ୍ଡରେ ପଡ଼ି ଛାତ୍ର ଗୁରୁତର

ମାର୍ଶାଘାଇ,୪।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମେହେନ୍ଦିନଗର ପଞ୍ଚାୟତର ବାହାକାଣ୍ଡିଆ ଗ୍ରାମର ଅନନ୍ତ ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ର ଗରମ ପେଯ କୁଣ୍ଡରେ ପଡ଼ି ଗୁରୁବାର ଗୁରୁତର ହୋଇଛନ୍ତି। ସକାଳୁଆ ବିଦ୍ୟାଳୟ ଚାଲୁଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଚାଲିଥିଲା। ଭାତରୁ ବାହାରୁଥିବା ଗରମ ପେଯକୁ ନିକଟରେ ଏକ କୁଣ୍ଡରେ ରଖାଯାଇଥିଲା। କୁଣ୍ଡ ବୋଝେଇ ହୋଇ ରାସ୍ତାରେ ପେଯ ବୋହି ଯାଇଥିଲା। ସେହି ସମୟରେ ତୃତୀୟ ଶ୍ରେଣୀ ଛାତ୍ର ଆହ୍ୱାନ ନାୟକ ଯାଉଥିବା ବେଳେ ପେଯରେ ତାଙ୍କର ଗୋଡ଼ ଖସି ଯାଇଥିଲା। ସେ ଗରମ ପେଯ କୁଣ୍ଡରେ ପଡିଯାଇଥିଲେ। ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ନ୍ନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଛାତ୍ର ଆହ୍ୱାନଙ୍କ ପଛ ପଟ ସମ୍ପୂର୍ଣ୍ଣ ପୋଡି ଯାଇଛି। ସ୍କୁଲ କର୍ତ୍ତୃପକ୍ଷ ଆହ୍ୱାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ତାଙ୍କ ମା' ବିଜୟଲକ୍ଷ୍ମୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



# 'ଅଗ୍ନି-ପ୍ରାଇମ୍'ର ପରୀକ୍ଷଣ

ବାଲେଶ୍ୱର, ୪।୪
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନରେ ଥିବା ଅବଦୁଲ କଲାମ ଦ୍ୱୀପରୁ ବୁଧବାର ରାତି ୭ଟା ବେଳେ ନ୍ୟୁ ଜେନେରେଶନ୍ ବାଲିଷ୍ଟିକ୍ ମିଶାଇଲ୍ ଅଗ୍ନି-ପ୍ରାଇମ୍‌ର ପରୀକ୍ଷଣ ହୋଇଛି। ଏହି ମିଶାଇଲ ଜଳପଥରେ ଶତ୍ରୁ ଜାହାଜ ଓ ଆକାଶମାର୍ଗରେ ବିଭିନ୍ନ ଶତ୍ରୁ ହେଲିକପ୍ଟରଗୁଡ଼ିକୁ ଚିହ୍ନଟ କରିପାରିବାର ଦକ୍ଷତା ରଖିଛି। ପରୀକ୍ଷଣ ସମୟରେ ବହୁ ପ୍ରତିରକ୍ଷା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ବିଭାଗର ମୁଖ୍ୟ ଜେନେରାଲ ଅନୀଲ ଚୌହାନ, ଡିଆର୍‌ଡିଓ ଅଧ୍ୟକ୍ଷ ଡ. ସମୀର ଭି କମାଟ ସଫଳ ପରୀକ୍ଷଣ ନେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଅଗ୍ନି ପ୍ରାଇମ୍ ମିଶାଇଲ।

# ଗହୀରମଥାରେ ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

ରାଜନଗର, ୪।୪
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଉପକୂଳର ଗହୀରମଥାଠାରେ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ଅଲିଭ ରିଡ୍‌ଲେ ମା' କଇଁଛମାନେ କୂଳଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ ଜମାଇ ଥିଲେ ମଧ୍ୟ ପାଗ ଅନୁକୂଳ ହେଉ ନ ଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉ ନ ଥିଲେ। ବୁଧବାରଠାରୁ ପାଗ ଶୃଙ୍ଖଳା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୮୦ ହଜାର ମା' ଅଲିଭ ରିଡ୍‌ଲେ ଗଣ ଅଣ୍ଡାଦାନ କରିଛନ୍ତି।

ବୁଧବାର ସନ୍ଧ୍ୟାରୁ ହଠାତ୍ ଦଳ ଦଳ ହୋଇ ମା' କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଭୋର ଯାଏ ଏହି ପ୍ରକ୍ରିୟା ଜାରି ରହିଥିଲା। ପ୍ରଥମଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ମା' କଇଁଛମାନେ ବେଳାଭୂମି ବାଲିରେ ପଛପଟ ଗୋଡରେ ୧ ଫୁଟରୁ ଦେଢ ଫୁଟ ଗଭୀର ଗାତ ଖୋଳିଥାନ୍ତି। ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗାଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡ଼ାଇ ଲୁଚାଇ ପକାଇ ପୁଣି ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡ଼ିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡ୍‌ଲେଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଚଳିତବର୍ଷ ଶତାଧିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଉଦ୍‌ବେଗ ସୃଷ୍ଟି କରିଥିଲା। କଇଁଛଙ୍କ ମୃତ୍ୟୁ ସାଙ୍ଗକୁ ଠିକ୍ ସମୟରେ ପ୍ରତିକୂଳ ପାଗ ଯୋଗୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ବନ ବିଭାଗ ରିପୋର୍ଟ ମୁତାବକ, ୨୦୧୯-୨୦ରେ ୪ ଲକ୍ଷ ୭ହଜାର ୨୦୪ଟି କଇଁଛ, ୨୦୨୦-୨୧ରେ ୩ ଲକ୍ଷ ୪୯ ହଜାର ୬୪୯, ୨୦୨୧-୨୨ରେ ୫ ଲକ୍ଷ ୧ହଜାର ୧୫୭ଟି କଇଁଛ, ଗତବର୍ଷ ୨୦୨୨-୨୩ରେ ୫ ଲକ୍ଷ ୧୨ ହଜାର ୧୩୫ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।



**ଆଜିର ମନ୍ତବ୍ୟ**

"ଏକ ବିଷାକ୍ତ ସର୍ପକୁ ବିଶ୍ୱାସ କରି ଘରେ ରଖାଯାଇପାରେ। କିନ୍ତୁ ଭାଜପାକୁ ଭରସା କରିହେବନାହିଁ।"
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାସେଶ୍ୱରୀ ଏଣ୍ଟରଟେନମେଣ୍ଟର ଚଳଚ୍ଚିତ୍ର 'ସିନ୍ଦୂରା'ର ପ୍ରିମିୟର ଶୋ', ସ୍ଥାନ: ସିନେପଲିସ, ସମୟ: ଅପରାହ୍ନ ୫ଟା।
- ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଦଶଦୋଳ ମେଳଣର ଚତୁର୍ଦ୍ଦଶ ବାର୍ଷିକୀ ସମାରୋହ, ସ୍ଥାନ: ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର, ସମୟ: ରାତି ୮ଟା।

## ପୁରୀ

- କମ୍ବାଟ କୁସ୍ତି ପ୍ରତିଯୋଗିତାର ଆରମ୍ଭ, ସ୍ଥାନ: ଶରଧାବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ଟେନିସ ବଲ୍ ଖେଳାଳିଙ୍କ ଲକ୍ଷ୍ମୀ ଯାତ୍ରା, ସ୍ଥାନ: ପୁରୀ ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ସଦାଶିବ ରଥଶର୍ମାଙ୍କ ମହାପ୍ରୟାଣ ଦିବସ, ସ୍ଥଳ: ସଦାଶିବ ରଥଶର୍ମା ମାର୍ଗ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପିଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ମା'ଅପୂଜାଚଣ୍ଡୀଙ୍କ ପୀଠ, ହଳଦୀପଦା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଚୁନନଟି ଗ୍ରାମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୩ଟା।
- ବେଳାଭୂମି ବାରୁଣୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ଚଉମୁଖ ସମୁଦ୍ର ବେଳାଭୂମି, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବାରୁଣୀ ଯଜ୍ଞ ଆରମ୍ଭ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ: ସକାଳ ୬ଟା।
- ଗଣଦୌଡ଼, ସ୍ଥାନ: ତିହିଡ଼ି ବଜାର, ସମୟ: ସକାଳ ୭ଟା।
- ସଡ଼କ ସଚେତନତା ଶୋଭାଯାତ୍ରା, ସ୍ଥାନ: ତିହିଡ଼ି ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଶିବ ପ୍ରସାଦ ଦାଶଙ୍କ ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ଆର୍ତ୍ତୁଂ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସିଟି ରେସିଡେନ୍ସି, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସୋସୋ ଗଡ଼ନାୟକ ସାହି, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ୨୪ ପ୍ରହର ନାମଯଜ୍ଞ ସ୍ଥାନ: ଝଟିପଡ଼ା, ପାଟଣା, ସମୟ: ପ୍ରାତଃ ୫ଟା।
- ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ପ୍ରେସମିଟ୍, ସ୍ଥାନ: ଦରବାର ହଲ, କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମହାବୀର ସେବା ସଂଗଠନର ପ୍ରସ୍ତୁତି ବୈଠକ, ସ୍ଥାନ: ଆଗର୍ଦା ଶିବ ମନ୍ଦିର, ଘସିପୁରା, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା: ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- କଦଳେଇ ପୀଠରେ ୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ସକାଳ ୮ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ତରୁଆଁ, ଘସିପୁରା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଜିଲା ଶିକ୍ଷା ଓ ଶିକ୍ଷକ ତାଲିକ ପ୍ରତିଷ୍ଠାନ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ମୁର୍ଗାବାଡ଼ି, ବାରିପଦା, ସମୟ: ସକାଳ ୮ଟା।
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଟିମ୍-ଏକୁ ଭେଟିବ ଟିମ୍-ଇ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୯ଟା।
- ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ବଡ଼ସାହି ବ୍ଲକ ସାନକେରକ କଳାମନ୍ଦିର ପରିସର, ସମୟ:ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବିଭାଗୀୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ତୁରୁମୁ, ସମୟ: ସକାଳ: ୧୦ ଟା।
- ଅର୍ଥନୀତି ବିଭାଗର ସଭା, ସ୍ଥାନ: ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗାଲେରୀ ଧୁଳି ଦଣ୍ଡ ନାଚ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଭୂଷଣ୍ଡପାଳ, ସମୟ: ଅପରାହ୍ନ ୧ ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଏନଏ ସି, ସମୟ: ଅପରାହ୍ନ ୫ ଟା।
- ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଭଞ୍ଜନଗର ଆଦେନୀ କଲୋନୀ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ବିଜେଡିର କର୍ମୀସମ୍ମିଳନୀ,ସ୍ଥାନ:ସୋନପୁର, ସମୟ:ପୂର୍ବାହ୍ନ ୧୦ ଟା।
- ଅଷ୍ଟ ଶମ୍ଭୁ ମିଳନ, ସ୍ଥାନ:କୁସୁମେଣ୍ଡି, ଲାଇନପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ବାରୁଣୀ ସ୍ନାନ ଯାତ୍ରା, ସ୍ଥାନ:ହାତୀମୁଣ୍ଡା ପଞ୍ଚାୟତ ରକ୍ଷିମାଳ ପାହାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ:ଫ୍ଲିହେରି,ସମୟ:ଅପରାହ୍ନ୨ ଟା
- ତେରଦଣ୍ଡ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମଣ୍ଡପ, ରାଇକିଆ, ସମୟ:ଅପରାହ୍ନ ୪ଟା୩୦।
- ଭାଗବତ କଥା ମହୋତ୍ସବ, ସ୍ଥାନ: ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ପଞ୍ଚୁ ଦଣ୍ଡ ମିଳନ,ସ୍ଥାନ: ଖଜୁରୀପଡ଼ା, ସମୟ:ସନ୍ଧ୍ୟା ୭ଟା।
- ଅଷ୍ଟ ଶମ୍ଭୁ ମିଳନ, ସ୍ଥାନ: ନେଡିଗୁଡ଼ା, ବ୍ଲକ ଖଜୁରିପଡ଼ା, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ପଞ୍ଚପଙ୍ଗମାଳି ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ ୨ ସଂସ୍ଥା ପକ୍ଷରୁ ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ, ସ୍ଥାନ: ଦାମନଯୋଡି ନାଲ୍‌କୋ ଟାଉନଶିପ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଗଙ୍ଗାଧର ପତ୍ରାବଳୀ ପୁସ୍ତକ ଉନ୍ମୋଚନ, ଅମୃତ ବିହାରସ୍ଥିତ ପ୍ରଶାସନିକ କୋଠା, ପୂର୍ବାହ୍ନ ୧୦ଟା।
- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତବଲା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଓଡ଼ିଶା କଳାକାର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଷୋହଳ ପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ– ଜରାସିଂହା ବନାମ ବାକ୍ସୁପଲା, ସ୍ଥାନ:ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିୟର ଲିଗ କ୍ରିକେଟର ଅଷ୍ଟମ ଦିବସ, ସ୍ଥାନ:ବହଳପଦର ଖେଳପଡିଆ, ବୀରମହାରାଜପୁର, ସମୟ:ସକାଳ ୮ ଟା।
- ଖଣ୍ଡହତା ପ୍ରିମୟର ଲିଗ କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡହତା ଖେଳପଡିଆ,ସମୟ: ସକାଳ ୮ ଟା।
- ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ:ବଡ଼ବର୍ଡାକଟା, ବୀରମହାରାଜପୁର,ସମୟ : ସକାଳ ୯ ଟା।
- ମହିଷାସୁର ଦରବାରର ଶେଷ ସନ୍ଧ୍ୟା, ସ୍ଥାନ: ବଡ଼ବର୍ଡ଼ାକଟା, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ହନୁମାନ ମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି, ସ୍ଥାନ: କୋଏଲ ନଗର, ସମୟ: ସନ୍ଧ୍ୟା ୭ଟା।
- ଆମ୍ବେଡ଼କର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା।
- ଦୋକାନ ଭଡା ହ୍ରାସ ଦାବି ନେଇ ଆରଏମସିରେ ଫେରାଦ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରାତ୍ରକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର–୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।

## ବରଗଡ଼

- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଁ କରମସାନୀ ମନ୍ଦିର, ବରଡ଼ୋଲ, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ, ସ୍ଥାନ: ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଦ୍ୱିତୀୟ ପର୍ଯ୍ୟାୟ ପୋଲିଂ ଅଫିସରଙ୍କ ତାଲିମ ଶିବିର, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, କର୍ଲାମୁଣ୍ଡା, ସମୟ: ସକାଳ ୯ଟା।
- ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଜିଆରପି କ୍ୟାମ୍ପ, ସ୍ଥାନ: ଚାରବାହାଲ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ, କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ସକାଳ ୬ଟା ୨୫।
- ସାହୁ ସମାଜର କରମା ଜୟନ୍ତୀ, କଳସ ଯାତ୍ରା ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ, ସ୍ଥାନ: ଦୁର୍ଗା ମଣ୍ଡପ, ସମୟ: ସକାଳ ୮ଟା।
- କଣ୍ଟାମାଳ ବ୍ଲକ ଖୁଣ୍ଟଗୋରା ପଞ୍ଚାୟତ ବନ୍ଧଗୋରା ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- କଣ୍ଟାମାଳ ବ୍ଲକ ଅଙ୍ଗୁଲାବୁଆଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ–ଅଭିଭାବକ ବୈଠକ, ସ୍ଥାନ: ବିଦ୍ୟାଳୟ ସଭାଗୃହ, ସକାଳ: ୯ଟା।

## ଦେବଗଡ଼

- ପ୍ରଣବ ପ୍ରକାଶ ଦାସଙ୍କ ଦେବଗଡ ଗସ୍ତ ଅବସରରେ ବାଇକ୍ ରାଲି, ସ୍ଥାନ: ନୂଆ ବସ୍ ଷ୍ଟାଣ୍ଡରୁ ବଡ ବଗିଚା ,ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନୀ ବୈଠକ,ସ୍ଥାନ: ପ୍ରଧାନପାଟ ବଡ ବଗିଚା, ସମୟ: ଅପରାହ୍ନ ୧୨ଟା।
- ରାଧା କୃଷ୍ଣାୟ ମହାପ୍ରଭୁଙ୍କ ଦଶଦଳ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲାଡ଼ି,ସ୍ଥାନ: ନିର୍ବେଣି ସାହି ୱାର୍ଡ ନଂ. ୯, ସମୟ: ରାତି ୯ଟା।

## ଢେଙ୍କାନାଳ

- ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ସଂଘ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧ଟା ୧୫।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଶିଶୁ ସୁରକ୍ଷା ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ବ୍ୟାଙ୍କର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ୬୧ତମ ଜାତୀୟ ନୌବାଣିଜ୍ୟ ଦିବସ ସ୍ଥାନ: ୱେଟବେସିନ, ପାରାଦୀପ ବନ୍ଦର, ସକାଳ ୯ଟା।
- ଉପକୂଳ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କୋଷ୍ଟଗାର୍ଡ ପକ୍ଷରୁ କର୍ମଶାଳା, ସ୍ଥାନ: ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ବାବା ମଣିକେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦକ୍ଷିଣା ପ୍ରିମିୟର ଲିଗ, ସ୍ଥାନ: ଦକ୍ଷିଣା କ୍ରିକେଟ ଗ୍ରାଉଣ୍ଡ, ଚଉଦକୁଳାଟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଗଡ଼ମଧୁପୁର ମେଳଣ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଗଡ଼ମଧୁପୁର ଇନ୍ଧ ପଡ଼ିଆ, ସମୟ: ସକାଳ ୬ଟା।
- ୪୧ତମ ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ କଣ୍ଟାମାଳିଆସ୍ଥିତ ମା' ତାରିଣୀ ପୀଠ,ସମୟ: ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ଯାଜପୁର ବ୍ଲକ କବୀରପୁର ଦଶହରା ପଡ଼ିଆ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ୍‌ର ଇଟାମାଟି ମେଡ଼ିକାଲ ପଡ଼ିଆ, ସମୟ:ସକାଳ ୬ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ୍‌ର ବାଲୁଗାଁ ହାଟ ପଡ଼ିଆ, ସମୟ:ସକାଳ ୬ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ଖଳିସାହି ମେଳଣ ପଡ଼ିଆ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନିକ୍ଷେତ୍ରସ୍ଥ ଦଶମ ଚନ୍ଦ୍ର ହେତୁ ସକାଳୁ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। କର୍ମକ୍ଷେତ୍ରରେ ଅଧିକାରୀମାନେ ଆପଣଙ୍କ କାର୍ଯ୍ୟର ପ୍ରଶଂସା କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରାଦିରେ ପ୍ରଶଂସିତ ଓ ସମ୍ମାନିତ ହେବେ।

**ବୃଷ** ଉଚ୍ଚାରୋହି ରବି ପାପଯୁକ୍ତ ଯୋଗୁ ସାମାଜିକ ସ୍ତରରେ ବ୍ୟସ୍ତ ରହି ଘର କାମକୁ ପାସୋରି ପାରନ୍ତି। ସମୟାନୁବର୍ତ୍ତିତା ଓ କର୍ମଦକ୍ଷତା ହେତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା ଅର୍ଥ ସମ୍ପର୍କୀୟ କାମରେ ଆଂଶିକ ସଫଳତା ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅଯଥା ମନସ୍ତାପ କରିପାରନ୍ତି।

**ମିଥୁନ** ଶନିଙ୍କ ଦୃଷ୍ଟି ପ୍ରଭାବରେ ଆଜି ପ୍ରଶାସନିକ ସ୍ତରରେ ସ୍ଥିର ନିଷ୍ପତ୍ତି ନେବାରେ ହଡ଼ବଡ଼େଇ ଯିବେ। ନିଜର ସୁବିଧାକୁ ପ୍ରାଥମିକତା ଦେଇ ବନ୍ଧୁମାନେ ନିୟମ ବହିର୍ଭୂତ କାମ କରିବାର ଆଶଙ୍କା ଦେଖାଦେବ। ସହକର୍ମୀ କେହି ବେଖାତିର ପ୍ରଦର୍ଶନ କରିପାରନ୍ତି। ଶିକ୍ଷା, ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତାଦି କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କର୍କଟ** ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ପ୍ରଭାବରୁ ଆପଣଙ୍କ କାର୍ଯ୍ୟଦକ୍ଷତା ପ୍ରତ୍ୟେକ ସଫଳତାର ମାପକାଠି ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ସଙ୍ଗକୁ କାର୍ଯ୍ୟାରମ୍ଭର ପରିକଳ୍ପନା କରିପାରନ୍ତି। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଋଣ, ଦୂରଯାତ୍ରା, ପରିବାରଠାରୁ ଅଲଗା ହେବା ଦୁଶ୍ଚିନ୍ତାର କାରଣ ହେବ।

**ସିଂହ** ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଅଭିଳଷିତ ଜିନିଷ ପ୍ରାପ୍ତି ସକାଶେ ମାର୍ଗ ଉନ୍ମୁକ୍ତ କରିବ। ଯେଉଁ କାର୍ଯ୍ୟ ସକାଶେ ଚେଷ୍ଟା କରୁଛନ୍ତି, ସେଥିରେ ସଫଳତା ନିଶ୍ଚିତ। ପାରିବାରିକ ଜୀବନରେ ବିକର୍ଷଣର ପ୍ରତିକ୍ରିୟା ମାନସିକସ୍ତରକୁ କଳୁଷିତ କରିପାରେ। ଶତ୍ରୁମାନେ ଦୂରେଇ ରହିବେ କିମ୍ବା ମୁହଁ ସାମନାରେ କହିବାକୁ ସାହସ କରିପାରିବେ ନାହିଁ।

**କନ୍ୟା** ତିନୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଆଜି ଯାହା କରିବାକୁ ଇଚ୍ଛା କରିବେ ସେଥିରେ ଅସୁବିଧା ରହିବ ନାହିଁ। ଶିକ୍ଷାକ୍ଷେତ୍ର, ପରୀକ୍ଷା, ସନ୍ତାନ, ଲେଖାପଢ଼ା କ୍ଷେତ୍ରରେ କିଛିଟା ବ୍ୟତିକ୍ରମର ଆଶଙ୍କା ଦେଖାଦେଇପାରେ। ସହନଶୀଳତା, ତ୍ୟାଗସ୍ୱୀକାର ଓ ପରୋପକାର ପ୍ରବୃତ୍ତି ହେତୁ ସର୍ବସାଧାରଣରେ ସମ୍ମାନିତ ହେବେ।

**ତୁଳା** ଚତୁର୍ଥ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତି ଅନୁକୂଳ ରହିବ। ଦ୍ୱାଦଶସ୍ଥ କେତୁଙ୍କ ପ୍ରଭାବରୁ ଅସୁସ୍ଥ ମାନସିକତାଜନିତ ଦୁଃସ୍ୱପ୍ନଦର୍ଶନ ଅଯଥା ଭୟ ଓ ଆଶଙ୍କା ଜାଗ୍ରତ କରାଇବ। ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ି ଚାଲିବାରୁ ଆଶ୍ୱସ୍ତି ଲାଭ କରିବେ। ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ।

**ବିଛା** ସମସ୍ୟା ରହିଥିଲେ ମଧ୍ୟ ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ପରିବାରର ଖର୍ଚ୍ଚ ଦ୍ୱିଗୁଣା ହୋଇପାରେ କିନ୍ତୁ ଅନ୍ୟକୁ ହାତ ପତାଇବାକୁ ପଡ଼ିବ ନାହିଁ। ଛୋଟ କଥାକୁ କେନ୍ଦ୍ରକରି ଘରୋଇ କଳହଜନିତ ଅଶାନ୍ତି ଲାଗିରହିବ। ପଦସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ଧନୁ** ପରିସ୍ଥିତି ସ୍ୱାଭାବିକ ନ ଥିଲେ ମଧ୍ୟ ଚନ୍ଦ୍ରଙ୍କ ପ୍ରଭାବରେ ମିଠାକଥା କହି କାର୍ଯ୍ୟ ହାସଲ କରିପାରିବେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିପାରେ। ପଡ଼ୋଶୀ ସାଧାରଣ କଥାକୁ କେନ୍ଦ୍ରକରି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି ଏବଂ ଭୁଲ୍ ବୁଝାମଣାଜନିତ ଅସହଯୋଗ କାରଣରୁ ଚିନ୍ତିତ ରହିପାରନ୍ତି।

**ମକର** ଶ୍ରୀଚନ୍ଦ୍ର ପ୍ରଭାବରେ ପୂର୍ବର ଦୁଃସ୍ଥିତିରେ ପରିବର୍ତ୍ତନ ଘଟିବାରୁ ଶାନ୍ତିରେ ନିଃଶ୍ୱାସ ମାରିବେ। ଅତୀତରେ ଘଟଣା ସକାଶେ ଯେଉଁଭଳି ଆଶଙ୍କା କରୁଛନ୍ତି ସେପରି କିଛି ହେବ ନାହିଁ। କର୍ତ୍ତବ୍ୟପରାୟଣତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ବଳଶାଳୀ ମଙ୍ଗଳ ପ୍ରଭାବରୁ ପ୍ରଶାସନାଦି ପ୍ରତ୍ୟେକ କ୍ଷେତ୍ରରେ ସହମତି ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିପାରିବେ। ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିଜ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଆହ୍ୱାନରେ ସାମାଜିକ କିମ୍ବା ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

**ମୀନ** ଗୁରୁଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ ସହ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ। ସଂଗଠନ, ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଶରଣ, ଚୈତ୍ର କୃଷ୍ଣପକ୍ଷର ସର୍ବସମ୍ମତ, ପାପମୋଚିନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର– ଧନିଷ୍ଠା/କୁମ୍ଭ, ଏକାଦଶୀ ଏବଂ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫.୪୦ମି. ଗତେ ଘ.୦୬.୨୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୭ମି. ଗତେ ଘ.୧୧.୪୯ମି. ମଧ୍ୟେ ରାହୁକାଳ।

# ତ୍ୟାଗ, ଦେଶପ୍ରେମ ପାଇଁ ଶହୀଦ ରଘୁ–ଦିବାକର ଚିରସ୍ମରଣୀୟ

## ଦୁଇ ସଂଗ୍ରାମୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ବ୍ରିଟିଶ ସରକାରଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା। ଅତ୍ୟାଚାରୀ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ପାଇବା ଆଶାରେ ରଣପୁରବାସୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଆନ୍ଦୋଳନର ପୁରୋଧା ଭାବେ ଗ୍ରହଣ କରିଥିଲେ। ଏହି ଦୁଇ ଉଦୀୟମାନ ତରୁଣଙ୍କୁ ତତ୍‌କାଳୀନ ରଣପୁର ଗଡ଼ଜାତର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପରିସ୍ଥିତି ଘୋର ବ୍ୟଥିତ କରିଥିଲା। ଅତ୍ୟାଚାରୀ ପଲିଟିକାଲ ଏଜେଣ୍ଟ ବେଜେଲ୍‌ଗେଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ଓ ଦିବାକରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ସେମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୧୯୪୧ ମସିହା ଅପ୍ରେଲ ୪ରେ ବିହାର ଭାଗଲପୁର ଜେଲରେ ସେମାନଙ୍କୁ ଫାଶୀ ଦିଆଯାଇଥିଲା। ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ ଶହୀଦ ରଘୁ–ଦିବାକର ଚିରସ୍ମରଣୀୟ ହୋଇ ରହିବେ




ବୋଲି ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ କୃଷ୍ଣଚନ୍ଦ୍ର ଶତପଥୀ କହିଛନ୍ତି। ଗୁରୁବାର ସୂଚନା ଭବନଠାରେ ଶହୀଦ ରଘୁ–ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନୟାଗଡ଼ ଗଡ଼ବାଣୀକିଲୋ ମହାବିଦ୍ୟାଳୟର ଅଧ୍ୟାପିକା ସୌଦାମିନୀ ପାଇକରାୟ ଯୋଗଦେଥିଲେ। ସେ କହିଲେ, ଗଡ଼ଜାତ ଶାସନ ସମୟରେ ବେଠି, ବେଗାରି, ସଲାମି, ରସଦ ଆଦି ପ୍ରଚଳିତ କୁପ୍ରଥା ଯୋଗୁ ପ୍ରଜାଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ରଘୁ–ଦିବାକରଙ୍କ ବଳିଷ୍ଠ ନେତୃତ୍ୱ, ସତ୍ୟାଗ୍ରହୀଙ୍କ ଧୈର୍ଯ୍ୟ ଓ ମନୋବଳକୁ ସୁଦୃଢ଼ କରିବା ଦିଗରେ ପ୍ରେରଣା ଯୋଗାଇଥିଲା। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଶହୀଦ ରଘୁ–ଦିବାକରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସଭାପତିତ୍ୱ କରି କହିଲେ, ଇଂରେଜ ଶାସନ ବିରୋଧରେ ରଘୁ–ଦିବାକରଙ୍କ ସଂଗ୍ରାମ ଓ ବଳିଦାନ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି କମିଟି ଏବଂ ପରିଷଦର ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି କମିଟି ଏବଂ ପରିଷଦର ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହିମାଚଳରେ ଭୂକମ୍ପ

## ପଞ୍ଜାବ, ହରିୟାଣାରେ ଝଟ୍‌କା

ନୂଆଦିଲ୍ଲୀ,୪।୪

ହିମାଚଳପ୍ରଦେଶର ଚାମ୍ବା ଅଞ୍ଚଳରେ ଗୁରୁବାର ରାତି ୯ଟା ୩୪ ମିନିଟ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୩। ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କିଛି ସମୟ ପାଇଁ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର ଝଟକା ପଞ୍ଜାବ ଓ ହରିୟାଣାରେ ଅନୁଭୂତ ହୋଇଛି। ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତିର ଖବର ମିଳିନାହିଁ। ସୂଚନାଯୋଗ୍ୟ, ୧୯୦୫ର ଏହି ଦିନରେ ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରେ ୮ ତୀବ୍ରତାର ଭୂକମ୍ପ ହୋଇ ୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଜୀବନ ନେଉଛି...

ଲୋକଙ୍କ ପ୍ରାଣହାନି ଘଟିବା ପରେ ସିଏମ୍‌ସି ପକ୍ଷରୁ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବାଉଁଶ ବନ୍ଧା ଯାଇଥିଲା। ହେଲେ ସେଗୁଡ଼ିକ ଏବେ ନଷ୍ଟ ହୋଇଗଲାଣି। ପ୍ରଶାସନ ମୁକୁଳା ଡ୍ରେନ୍ ସମସ୍ୟା ସମାଧାନ ଦିଗରେ ସେଭଳି ଦୃଢ଼ ଓ ସମୟୋପଯୋଗୀ ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସ୍କୁଲରେ ବାଜିବ...

ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ 'ଜଳ ବିରତି ଘଣ୍ଟି' ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିବା ସମୟରେ, ସେମାନଙ୍କ ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶାଳବୀ ଜାରି ହୋଇଛି। ଏ ନେଇ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍. ସମସ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ପ୍ରସ୍ତାବିତ କାର୍ଯ୍ୟକଳାପ ଅନୁଯାୟୀ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ଦିନକୁ ତିନିଥର ଅର୍ଥାତ୍ ସକାଳ ୮ଟା ୩୦, ପୂର୍ବାହ୍ନ ୧୦ଟା ଏବଂ ୧୧ଟାରେ ଏକ ସ୍ୱତନ୍ତ୍ର ଘଣ୍ଟି ବାଜିବ। ଉଭୟ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ପାଣି ପିଇବା ପାଇଁ ମନେପକାଇବା ସହ ନିଜକୁ ହାଇଡ୍ରେଟ୍ ରଖିବା ହେଉଛି ଏହି ଘଣ୍ଟି ବାଜିବାର ମୁଖ୍ୟ ଉଦ୍ଦେଶ୍ୟ। ସମସ୍ତ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟରେ ପାଣି ପିଉଛନ୍ତି କି ନାହିଁ ଏହାକୁ ଶିକ୍ଷୟିତ୍ରୀଶିକ୍ଷକ ତଦାରଖ କରିବେ। ଏଥିସହ ସ୍କୁଲ ଆସିବା ସମୟରେ ଛତା କିମ୍ବା ଟୋପି ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବେ। ତେଣୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରାଯାଇଛି ଯେ, ନିଜ ଜିଲାର ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସହାୟତାରେ 'ଜଳ ବିରତି ଘଣ୍ଟି'କୁ ବାଧ୍ୟତାମୂଳକ କରିବେ। ଫଳରେ ଏହି ପଦକ୍ଷେପ ଗ୍ରୀଷ୍ମଦିନରେ ଛାତ୍ରୀଛାତ୍ରଙ୍କ ସୁସ୍ଥତା ନିମନ୍ତେ ବିଶେଷ ସହାୟକ ହେବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

## ଗଣତନ୍ତ୍ରକୁ ତା' ବାଟରେ...

ଆବେଦନକାରୀ ହିନ୍ଦୁ ସେନାର ବିଷ୍ଣୁ ଗୁପ୍ତାଙ୍କ ଓକିଲ କହିଥିଲେ, ଆବେଦନ ପ୍ରତ୍ୟାହାର କରିନେବା ଲାଗି ତାଙ୍କୁ ନିର୍ଦ୍ଦେଶ ମିଳିଛି। ଉକ୍ତ ଆବେଦନ ନେଇ ସେ ଉପରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ୍ ଗିରଫ ହେବା ସତ୍ତ୍ୱେ ନିଜ ପଦରୁ ଇସ୍ତଫା ନ ଦେଇ ଜେଲରୁ ସରକାର ଚଳାଉଛନ୍ତି। ଜେଲରୁ ସରକାର ଚଳାଇବା ସହଜ ନ ହେଲେ ମଧ୍ୟ ଜଣେ ଗିରଫ ମୁଖ୍ୟମନ୍ତ୍ରୀଙ୍କୁ ପଦରୁ ହଟାଇବା ପାଇଁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ।

## ପରୀକ୍ଷାରେ ଝିଅ ନମ୍ବର...

ଏ ସମ୍ପର୍କରେ ଶିକ୍ଷକ ଅଶୋକ କୁମାରଙ୍କୁ ପଚରାଉଚରା କରିଥିଲେ। ସେଠାରେ ଯୁକ୍ତିତର୍କ ପରେ ମକରଧ୍ୱଜ ସ୍କୁଲ ବାହାରକୁ ଆସି ଗେଟ୍ ନିକଟରେ ଶିକ୍ଷକଙ୍କୁ ଅପେକ୍ଷା କରି ରହିଥିଲେ। ସ୍କୁଲ ଛୁଟି ପରେ ଶିକ୍ଷକ ଅଶୋକ କୁମାର ଗେଟ୍ ବାହାରକୁ ଆସିବା ମାତ୍ରେ ମକରଧ୍ୱଜ ଏକ କଟୁରିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। କଟୁରି ଚୋଟରେ ଶିକ୍ଷକ ସାହୁଙ୍କ ଡାହାଣ ହାତ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଶିକ୍ଷକ ଫାଣ୍ଡିରେ ଅଭିଯୋଗ କରିବା ପରେ ତୁମୁଡ଼ିଙ୍ଗା ଥାନାରେ ନଂ–୯୧୧୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ସ୍କୁଲ ସମୟ...

ଅନୁରୋଧ କରିଛି। ଅପରପକ୍ଷେ ଗୁରୁବାର ବଲାଙ୍ଗୀର ଜିଲାରେ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ସକାଳ ସାଢ଼େ ୬ଟାରୁ ସ୍କୁଲ ଖୋଲିବ ଓ ସାଢ଼େ ୧୦ଟାରେ ଛୁଟି ହେବ। ସେହିପରି ପୂର୍ବରୁ ଗଜପତି ଜିଲାରେ ମଧ୍ୟ ସ୍କୁଲ ସମୟ ପରିବର୍ତ୍ତନ ହୋଇଛି। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ତେଣୁ ରାଜ୍ୟରେ ସ୍କୁଲ ପରିବର୍ତ୍ତନ ପାଇଁ ଦାବି ହେଉଥିବାରୁ ରାଜ୍ୟ ସରକାର ଶୁକ୍ରବାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହାଇକୋର୍ଟରେ ହାଜର ହେଲା ଜାହାଜ ଚଳାଚଳ ମନ୍ତ୍ରଣାଳୟ

**କଟକ,୪।୪ (କାର୍ତ୍ତିକ ସାହୁ)**

ପାରାଦ୍ୱୀପ ନିକଟ ସମୁଦ୍ରରେ ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ଶୁଣାଣିବେଳେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ହାଇକୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଛି। ଅପରପକ୍ଷରେ ଆବେଦନକାରୀ ଆସନ୍ତା ୪ ସପ୍ତାହ ମଧ୍ୟରେ ମାମଲାର ତଦନ୍ତ ସମ୍ପର୍କିତ ସମସ୍ତ ଦିଗ ଉପରେ ପ୍ରସ୍ତୁତ ହୋଇ ଆସିବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ମଙ୍ଗୋଲିଆର ଜାହାଜ ବ୍ଲାକ୍‌ରୋଜ୍ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ସେଥିରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିଲା। ଏହି ଦୁର୍ଘଟଣାରେ ଜାହାଜର ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଜାହାଜଟି ଦୀର୍ଘଦିନ ଧରି ପଡ଼ି ରହିବାରୁ ସମୁଦ୍ରରେ ତେଲ ଭାସିଥିଲା। ହେଲେ ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜାହାଜଟି ଏବେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଜାହାଜଟି ଭାରତୀୟ ସମୁଦ୍ର ସୀମାରେ ବୁଡ଼ିଯାଇଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଭାରତ ସରକାରଙ୍କ ଜାହାଜ ମନ୍ତ୍ରଣାଳୟ ୨୦୧୮ରେ ନିଷ୍ପତ୍ତି ନେଇଥିଲା। ଏନେଇ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୯ ନଭେମ୍ବରରେ ଚିଠି ଲେଖାଯାଇଥିଲା। କିଛି ମାସ ପରେ ପୁନର୍ବାର ଆଉ ଏକ ଚିଠି ମଧ୍ୟ ଦିଆଯାଇଥିଲା। ହେଲେ ରାଜ୍ୟ ସରକାର ଏନେଇ କୌଣସି ଅନୁମତି ଦେଇ ନ ଥିଲେ। ଏପରି କି ଜାହାଜ ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ରାଜ୍ୟ ସରକାର ଅନୁମତି ନ ଦେବା ଫଳରେ ସିବିଆଇ ତଦନ୍ତ ଆରମ୍ଭ ହୋଇପାରିନି ବୋଲି ସିବିଆଇ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଗତ ମାର୍ଚ୍ଚ ୧୯ ତାରିଖରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହି ମାମଲାର ତଦନ୍ତ ଅନୁମତି ପାଇଁ ରାଜ୍ୟ ସରକାରଙ୍କୁ ଦୁଇ ଥର ଅନୁରୋଧ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇନାହାନ୍ତି ବୋଲି ସିବିଆଇ ନିଜ ସତ୍ୟପାଠରେ ଦର୍ଶାଇଥିଲା।

**'ବ୍ଲାକରୋଜ୍' ବୁଡ଼ି ମାମଲା**



# ମନ୍ତ୍ରୀ ପ୍ରଦୀପ ଅମାତଙ୍କ ପିତୃ ବିୟୋଗ

**ବୌଦ୍ଧ,୪।୪(ଅଜିତ କୁମାର ବାରିକ)**

ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପିତା ଗୌରୀଶଙ୍କର ଅମାତଙ୍କ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଗତ କିଛି ଦିନ ପୂର୍ବରୁ ଘରେ ପଡିଯିବାରୁ ତାଙ୍କର ଗୋଡ ଭାଙ୍ଗି ଯାଇଥିଲା। ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ । ପିତାଙ୍କ ମୃତ୍ୟୁ ସମୟରେ ମନ୍ତ୍ରୀ ଅମାତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବୌଦ୍ଧରେ ଥିଲେ। ଖବର ପାଇ ସେ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଯାଇଥିବା ବେଳେ ଗୌରୀଶଙ୍କରଙ୍କ ମରଶରୀରକୁ ଗୁରୁବାର ବୌଦ୍ଧ ଅଣାଯାଇଥିଲା । ପରେ କନ୍ଧମାଳ ବିଧାୟକ ମହୀଧର ରଣା, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ, ନାରାୟଣ ପ୍ରଧାନ, ସୁବୋଧ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବିଦ୍ୟାଧର ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ରାଉତ, ଯୋଗେଶ ପ୍ରସାଦ ନାୟକଙ୍କ ସମେତ ବହୁସଂଖ୍ୟାରେ ନେତା, କର୍ମୀ, ବନ୍ଧୁବାନ୍ଧବ ଓ ସହରର ବୁଦ୍ଧିଜୀବୀମାନେ ବୌଦ୍ଧ ସହରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ବୌଦ୍ଧ ଶ୍ମଶାନ ଘାଟଠାରେ ଗୌରୀଶଙ୍କରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡନାତି ଦୀପକ କୁମାର ଅମାତ ମୁଖାଗ୍ନି ଦେଇଥିଲେ।



ଗୌରୀଶଙ୍କର ଅମାତ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଣ୍ଡାରି ହାତରେ ପଡିଛି ଚୁଟି
ଯେଣିକି ଝିଙ୍କଇ ତେଣିକି ଉଠି।**

ନିଜର ଗୁମର ବା ଦୋଷ ଦୁର୍ବଳତା କେବେ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ ହୁଏ ନାହିଁ। କାରଣ ଏଭଳି ସ୍ଥଳେ ଉକ୍ତ ବ୍ୟକ୍ତି ଜଣକ ତାକୁ ଡରେଇ ବା ଧମକେଇ ନିଜର ସମସ୍ତ କାର୍ଯ୍ୟ କରାଇନେବା ସହ ଅନେକ ଫାଇଦା ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କ କବଳରେ ଥରେ ପଡିଗଲେ କେହି ନିଜ ଇଚ୍ଛାନୁସାରେ କିଛି ବି କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭଗବାନ୍ କେଭେଁ ନୁହନ୍ତି ଭକୁଆ,
ପରୀକ୍ଷକ ନିରୀକ୍ଷକ ହୋଇ ସବୁ ଜାଣନ୍ତି ଆଗୁଆ।।**

ସୃଷ୍ଟିକର୍ତ୍ତା ଭଗବାନ୍ ସର୍ବବ୍ୟାପକ, ସର୍ବବିଦ୍ୟମାନ। ମନୁଷ୍ୟର ସମସ୍ତ କାର୍ଯ୍ୟକଳାପ ତଥା ମନୋଭାବକୁ ସେ ଭଲ ଭାବେ ପରୀକ୍ଷା ନିରୀକ୍ଷା କରି ସବୁ କିଛି ଜାଣିପାରନ୍ତି। ତାଙ୍କର ସର୍ବଜ୍ଞତା ପଣିଆକୁ ଉପେକ୍ଷା କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମୁଣ୍ଡ ଗଣ୍ଡି ଅଲଗା

**ପାହାଡ଼ ଉପରେ ଗଳିତ ମୃତଦେହ**

**ନୀଳଗିରି, ୪।୪(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶ୍ୱର ପାହାଡ଼ ଉପରେ ମଣ୍ଡ ଗଣ୍ଡି ଅଲଗା ହୋଇ ପଡିଥିବା ବ୍ୟକ୍ତିଙ୍କ ଗଳିତ ମୃତଦେହ ମିଳିଛି। ଶରୀରଠାରୁ ୫୦ ମିଟର ଦୂରରେ ପଡିଥିବା ମୁଣ୍ଡକୁ ପୋଲିସ ଜବତ କରିଛି। ବ୍ୟକ୍ତିଜଣକ କିଛିଦିନ ତଳୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରି କେହି ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦରପୁର ପଞ୍ଚାୟତ କେନ୍ଦୁନାଳ ଗ୍ରାମର ମାଧ ସିଂ (୫୫) ମାର୍ଚ୍ଚ ୯ରୁ ଘରୁ ନିଖୋଜ ଥିଲେ। ମୃତଦେହ ତାଙ୍କର ହୋଇଥିବା ଅନୁମାନ କରାଯାଉଛି। ମାଧ ସିଂଙ୍କ ଭାଇ ମୃତଦେହ ନିକଟରେ ପଡ଼ିଥିବା ପୋଷାକକୁ ଚିହ୍ନଟ କରି ଏହା ତାଙ୍କ ଭାଇଙ୍କର ବୋଲି ସେ କହିଛନ୍ତି। ତାଙ୍କ ଭାଇ କିଛିଦିନ ତଳେ ଘରେ ଝଗଡା କରି ପଳାଇଆସିଥିବା ସେ କହିଛନ୍ତି। ନୀଳଗିରି ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩ /୨୪) ରୁଜୁ ହୋଇଛି।

# ଛାତ୍ରୀ ନିର୍ମାଣ କଲେ ସୋଲକଟା ଯନ୍ତ୍ର




ଲେଦ୍ ମେଶିନ ତିଆରି କରିଥିବା ସୁଇଟି ସାହୁ ।

**ବ୍ରହ୍ମପୁର,୪।୪(ସ୍ମୃତି ରଞ୍ଜନ ମହାଲିକ)**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ନୂତନ ଉଦ୍ଭାବନକୁ ଗୁରୁତ୍ୱ ଦେଇଆସୁଛି। ଛାତ୍ରୀଛାତ୍ରଙ୍କ ଅନେକ ଉଦ୍ଭାବନକୁ ନେଇ ଏହି ଅନୁଷ୍ଠାନ ଦେଶରେ ସୁନାମ ଅର୍ଜନ କରିଥିବା ବେଳେ ପୁଣି ଏକ ନୂଆ ଯନ୍ତ୍ର ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଇଲେକ୍ଟ୍ରୋନିକ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ରୀ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ସୁଇଟି ସାହୁ ସୋଲ କାଟିବା ପାଇଁ ଏକ ଲେଦ୍ ମେଶିନ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ଭାଇ ଆଇଟିଆଇରେ ପାଠ ପଢି ବର୍ତ୍ତମାନ ଏକ କମ୍ପାନୀରେ କାର୍ଯ୍ୟରତ। ଭାଇଙ୍କ ପ୍ରେରଣାରୁ ଏହି ଯନ୍ତ୍ର ଉଦ୍ଭାବନ କରିପାରିଛି ବୋଲି ସୁଇଟି କହିଛନ୍ତି। ଉକ୍ତ ହାତତିଆରି ଯନ୍ତ୍ରରେ ଏକ ଛୋଟ ମୋଟର ଖଞ୍ଜାଯାଇଛି। ଏହାଦ୍ୱାରା ସାଧାରଣ ସୋଲ ଓ କମ୍ ଓଜନର ମୋଟା ସୋଲ କଟାଯାଇପାରିବ ବୋଲି ସୁଇଟି କହିଛନ୍ତି। ଛାତ୍ରୀଙ୍କ ଏଭଳି ଉଦ୍ଭାବନକୁ ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ପ୍ରଶଂସା କରିଛନ୍ତି। ବର୍ତ୍ତମାନ ଝିଅମାନେ କିଭଳି କୁଶଳୀ କାରିଗର ହୋଇ ନିଜକୁ ସଶକ୍ତ କରିପାରିବେ ସେ ନେଇ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି।

# ଶ୍ରୀଲଙ୍କାରେ ଗୋଟିପୁଅ ପ୍ରଦର୍ଶନ



**ପ୍ରଥମ ସ୍ଥାନ ହାସଲ କଲେ ପ୍ରିୟାଂଶୀ**

**ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଶ୍ରୀଲଙ୍କାର କଲମ୍ବୋଠାରେ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ ଫେଷ୍ଟିଭାଲ ଅଫ୍ ଇଣ୍ଡିଆନ ଆର୍ଟ ଆଣ୍ଡ୍ କଲଚର୍‌ର ୧୯ତମ ଅଡିଶନ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଭାରତରୁ ୨୪୦ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଲାସ୍ୟକଳା ଡ୍ୟାନ୍ସ ଏକାଡେମୀ ଛାତ୍ରୀ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ଭାଗ ନେଇଥିଲେ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଗୁରୁ ଆଶିଷ ନାୟକ, ସାଗରିକା ମହାନ୍ତି, ସୋନାଲି ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରିୟାଂଶୀ ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହିତ ସେ ଅନ୍ତର୍ଜାତୀୟ ସ୍କଲାରଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଚଳିତମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲାଂଦେଶର ରାଜଧାନୀ ଢାକା ପ୍ରତିଯୋଗିତାରେ ପ୍ରିୟାଂଶୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସେଥିପାଇଁ ପ୍ରିୟାଂଶୀ ନିଜ ମାତାପିତା, ଗୁରୁ ଓ ଗୁରୁମା' ଏବଂ ଓଡ଼ିଶାର ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି।

# ଆଚାର୍ଯ୍ୟ ଭାବାନନ୍ଦଙ୍କୁ କ୍ଷେତ୍ରବାସୀ ସାହିତ୍ୟବିଦ୍ୟା, ସରୋଜ ରଞ୍ଜନଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ

**କଟକ,୪।୪ (କାର୍ତ୍ତିକ ସାହୁ)**

**ଓଡ଼ିଆ ଗବେଷଣା ପରିଷଦର ୨୦୨୩ ପୁରସ୍କାର ଘୋଷିତ**

ପୁରାତନ ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଗବେଷଣା ପରିଷଦ ପକ୍ଷରୁ ୨୦୨୩ ବର୍ଷର ପୁରସ୍କାର ଘୋଷଣା କରାଯାଇଛି। ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ ଆଚାର୍ଯ୍ୟ ଭାବାନନ୍ଦ (ଡ. ଭାବଗ୍ରାହୀ ମିଶ୍ର)ଙ୍କୁ କ୍ଷେତ୍ରବାସୀ ସାହିତ୍ୟବିଦ୍ୟା ପୁରସ୍କାର ଏବଂ ବରିଷ୍ଠ ସମ୍ପାଦକ ତଥା କବି ସରୋଜ ରଞ୍ଜନ ମହାନ୍ତିଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୭ ତାରିଖ ପୂର୍ବାହ୍ନ ୧୦ଟାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ପରିଷଦର ୪୪ତମ ବାର୍ଷିକ ଉତ୍ସବରେ ଉଭୟଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟେକଙ୍କୁ ମାନପତ୍ର, ଉତ୍ତରୀୟ ଓ ୧୦ ହଜାର ଟଙ୍କାର ଅର୍ଥରାଶି ଦ୍ୱାରା ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଭାଷାବିଜ୍ଞାନୀ ଓ ଲୋକବିଦ୍ୟାବିତ୍ ଡ. ଅରବିନ୍ଦ ପଟ୍ଟନାୟକ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେବେ। ଏହି ଅବସରରେ ପରିଷଦର ଷାଣ୍ମାସିକ ଗବେଷଣା ପତ୍ରିକା ଏଷଣାର ୮୭ତମ ସଂଖ୍ୟା ଓ ଅନ୍ୟ ପୁସ୍ତକ ଉନ୍ମୋଚନ ହେବ। ପରିଷଦର ସଦସ୍ୟାସଦସ୍ୟ ଓ ଶୁଭେଚ୍ଛୁମାନେ ଏଥିରେ ଯୋଗଦେବା ପାଇଁ ସଭାପତି ସୁଧୀର ଚନ୍ଦ୍ର ବେହୁରା, ଉପସଭାପତି ଅସିତ୍ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ ଅନୁରୋଧ କରିଛନ୍ତି।



ଆଚାର୍ଯ୍ୟ ଭାବାନନ୍ଦ



ସରୋଜ ରଞ୍ଜନ ମହାନ୍ତି

# ଜେନାପୁର ସରପଞ୍ଚଙ୍କ ଆତ୍ମହତ୍ୟା

**ଧର୍ମଶାଳା/ଜେନାପୁର, (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁର ପଞ୍ଚାୟତର ମହିଳା ସରପଞ୍ଚ ସିପାଲତା ମଳିକ(୩୨) ଗୁରୁବାର ଅପରାହ୍ନରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସିପାଲତାଙ୍କର ସ୍ୱାମୀ ଶୁକଦେବଙ୍କ ସହ କୌଣସି କାରଣବଶତଃ କଳହ ହୋଇଥିଲା। ଏହି ପାରିବାରିକ କଳହକୁ କେନ୍ଦ୍ରକରି ପରିବାର ଲୋକେ ଶୋଇଥିବାବେଳେ ସିପାଲତା ନିଜ ଶାଢ଼ି ସାହାଯ୍ୟରେ ତାଙ୍କ ଘର ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବହୁ ବିଜେଡି କର୍ମୀ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ଏଭଳି ମୃତ୍ୟୁରେ ଜେନାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିପାଲତା ୨୦୨୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିଲେ।



ସିପାଲତା ମଳିକ

# ଜଙ୍ଗଲ ନିଆଁରେ ୩ ବନ କର୍ମଚାରୀ ଅଚେତ

**ଜୟପୁର, ୪।୪(ପବନ ପାଣିଗ୍ରାହୀ)**

ଜୟପୁର ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲେ ନିଆଁ ଲାଗିଛି । ଡଙ୍ଗରଛିଞ୍ଚି, ଜବାକନାଡି, ଘାଟବାଗରା, ଗଡପଦର ପାହାଡ଼ ଓ ମାଳିଗୁଡ଼ା ଜଙ୍ଗଲରେ ନିଆଁ ଲାଗିଛି। ଗଡପଦର ପାହାଡ଼ରେ ନିଆଁକୁ ଆୟତ୍ତ କରିବାକୁ ବନ ବିଭାଗକୁ ନାକେଦମ ହେବାକୁ ପଡ଼ିଛି। ଏହି ପାହାଡ଼ରେ ୮ ଜଣ ବନ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବା ବେଳେ ୩ଜଣ କର୍ମଚାରୀ ଅଚେତ ହୋଇଯାଇଥିଲେ। ଏହି ସମୟରେ ହାଠାତ୍ ପବନ ହେବାରୁ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା। କର୍ମଚାରୀମାନେ ନିଆଁ ମଝିରେ ରହି ଯାଇଥିଲେ। ଫଳରେ ନିଆଁ ଧୂଆଁରେ ରୁଦ୍ଧି ହୋଇ ପାରା ଓ ଫାୟର ସ୍କ୍ୱାଡର ୩ ଜଣ କର୍ମଚାରୀ ଅଚେତ ହୋଇ ଯାଇଥିଲେ। ତୁରନ୍ତ ଦମକଳ ବାହିନୀ ଓ ଆମ୍ବୁଲାନ୍ସକୁ ଅନ୍ୟ କର୍ମଚାରୀମାନେ ଖବର ଦେଇଥିଲେ। ବହୁ କଷ୍ଟରେ ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ବହୁ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିବା ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା କହିଛନ୍ତି । ନିଆଁ ଲାଗିବା ଯୋଗୁ ବହୁ ଔଷଧୀୟ ବୃକ୍ଷ ଓ ବିଭିନ୍ନ ପ୍ରଜାତିର ଗଛ କ୍ଷତିଗ୍ରସ୍ତ ହୋଇଛି।



କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଛନ୍ତି।

# ଡକାୟତି ଯୋଜନା: ୪ ଗିରଫ, ମାରଣାସ୍ତ୍ର ଜବତ

**ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)**

ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର ଖେଳ ପଡିଆରେ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ସେକ୍ ରହିମ ଓରଫ ରାଜା, ଅନନ୍ତ ଦାସ, ଆକାଶ ସ୍ୱାଇଁ ଓ ନିରଞ୍ଜନ ନାୟକ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଛୁରି, ଗୋଟିଏ ହାମର, ଲଙ୍କା ଗୁଣ୍ଡ ପ୍ୟାକେଟ, ମଦ ବୋତଲ ଆଦି ଜବତ ହୋଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ ତମାଣ୍ଡୋ ଓ କଳିଙ୍ଗବିହାର ରାସ୍ତାରେ ଯାଉଥିବା ପରିବହନ ଗାଡିଗୁଡିକର ଡ୍ରାଇଭରମାନଙ୍କୁ ମାରଣାସ୍ତ୍ର ଦେଖାଇ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ପୋଲିସ କହିଛି। ତେବେ ଘଟଣାସ୍ଥଳରୁ କିଛି ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ୪ ଲୋକ ସଭା ଓ ୨୮ ବିଧାନସଭା କ୍ଷେତ୍ରର ପ୍ରସ୍ତୁତି ସମୀକ୍ଷା




ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ।

**ସମ୍ବଲପୁର,୪।୪ (ପ୍ରମୋଦ ବହିଦାର)**

**ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ବଲପୁର ଗସ୍ତ**

**■ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ମତଦାନ ଉପରେ ଗୁରୁତ୍ୱ**

ସମ୍ବଲପୁର ଜିଲା ଗସ୍ତରେ ଆସି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ କୁମାର ଧଳ ଗୁରୁବାର ସମ୍ବଲପୁର ସହିତ ସୁନ୍ଦରଗଡ଼, ବରଗଡ଼ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ ବିଧାସନସଭା କ୍ଷେତ୍ରରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ମହାନଗର ନିଗମ ନୂତନ କୋଠା ସମ୍ମିଳନୀ କକ୍ଷ (ଓସ୍ୱାନ ହଲ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନ ଆଚରଣ ବିଧି ତଥା ଭୋଟରଙ୍କ ସୁବିଧା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହ ଆଭାସୀ ଜରିଆରେ ସେ ଅତିରିକ୍ତ ଡିଜି ତଥା ପୋଲିସ ନୋଡାଲ ଅଧିକାରୀ ସଞ୍ଜୟ ସିଂ, ତାଳଚେର ଡିଆଇଜି ସତ୍ୟବ୍ରତ ଭୋଇ, ରାଉରକେଲା ଡିଆଇଜି ନିତି ଶେଖର ତଥା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ପେଡ୍ ଭୋଟ୍ ଓ ଟଙ୍କା ଚାଲାଣ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯିବ। ମୋଟ୍ ବୁଥ ମଧ୍ୟରୁ ୧୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହା ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଇଛି। ସୁରକ୍ଷା ପାଇଁ ବର୍ତ୍ତମାନଠାରୁ ପୋଲିସ ସୁରକ୍ଷା କର୍ମୀ ଓ ଏକ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ପୋଲିଂ ବୁଥ୍‌ରେ ଭୋଟରଙ୍କ ପାଇଁ ବିଶ୍ରାମ, ଶୁଦ୍ଧ ପାନୀୟ ଜଳ, ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ବୟସ୍କ ଭୋଟର ଓ ଦିବ୍ୟାଙ୍ଗଙ୍କ ମତଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀଙ୍କ ପାଇଁ ସୁବିଧା ପୋର୍ଟାଲର ବ୍ୟବସ୍ଥା ହୋଇଛି। ଏଥିରେ ସେମାନେ ଅନ୍‌ଲାଇନ ମାଧ୍ୟମରେ ନାମାଙ୍କନ ଦାଖଲ କରିପାରିବେ। ଏହାବ୍ୟତୀତ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସାଧାରଣ ଜନତାଙ୍କ ଲାଗି ସି-ଭିଜିଲ୍ ଆପ୍ ବ୍ୟବହାର ସହିତ ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ ଟୋଲ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରି ଅଭିଯୋଗ ଦାଖଲ ବ୍ୟବସ୍ଥା ହୋଇଛି। ଅଭିଯୋଗ ମିଳିଲେ ୧୦୦ ମିନିଟରେ ନିରାକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନିର୍ବାଚନ ମାର୍ଗଦର୍ଶିକା ପତ୍ର ପ୍ରତ୍ୟେକ ଭୋଟରଙ୍କ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ସେ ନିୟୋଜିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟକାରେ ଖୋଲିଲା ଆମ କଳିକା କେନ୍ଦ୍ର

## ଶିଶୁମାନଙ୍କ ଶାରୀରିକ, ମାନସିକ, ଭୌତିକ ବିକାଶକୁ ଗୁରୁତ୍ୱ ଦିଆଯିବ

**ରସୁଲପୁର,୪।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଦକ୍ଷିଣ ଭୋଟକା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଏକ ଆମ କଳିକା କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ର ଜରିଆରେ ୬ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ଭୌତିକ ବିକାଶକୁ ଗୁରୁତ୍ୱ ଦିଆଯିବ। ଶିଶୁମାନଙ୍କଠାରୁ ପୁଷ୍ଟିହୀନତା ଦୂର କରିବା ସହ ବାହାର ଦୁନିଆ ସଂସ୍ପର୍ଶରେ ଆସିବା ପାଇଁ ଏଭଳି ପ୍ରୟାସ କରାଯାଉଛି। ବିଶେଷକରି କର୍ମଜୀବୀ ମହିଳାମାନେ ସେମାନଙ୍କ ଶିଶୁମାନଙ୍କ ଯତ୍ନ ଠିକ୍ ଭାବରେ ନେଇ ପାରି ନଥାଆନ୍ତି। ସେହି ବର୍ଗର ମହିଳାମାନେ ସେମାନଙ୍କ ଶିଶୁମାନଙ୍କୁ ଏହି କେନ୍ଦ୍ରରେ ଭର୍ତ୍ତି କରାଇବାକୁ ସୁଯୋଗ ଦିଆଯିବ। ମା'ମାନଙ୍କ ଅନୁପସ୍ଥିତିରେ କେନ୍ଦ୍ରରେ ନିଯୁକ୍ତ ମହିଳା କର୍ମୀମାନେ ପିଲାମାନଙ୍କ ଯତ୍ନ ନେବେ। ମା'ମାନେ ସେମାନଙ୍କ ଶିଶୁମାନଙ୍କୁ ଆଣି କେନ୍ଦ୍ରକୁ ନେବା ଆଣିବା କରିବେ। କେନ୍ଦ୍ରରେ ପିଲାମାନଙ୍କୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସହ ଖେଳକୁଦର ସୁଯୋଗ ସୃଷ୍ଟି କରାଯିବ। କେନ୍ଦ୍ର ପରିସରରେ ଚିତ୍ରକାନ୍ଥରେ ନାନା ପ୍ରକାର ପଶୁପକ୍ଷୀ, ଫୁଲଫଳ, ଅକ୍ଷର ଆଦି ଅଙ୍କାଯିବ। ତା'କୁ ନିରୀକ୍ଷଣ କରି ଶିଶୁମାନେ ଜ୍ଞାନ ଆହରଣ କରିବେ ବୋଲି କେନ୍ଦ୍ରର ପରିଚାଳକ ପ୍ରଫୁଲ୍ଲ ମହାନ୍ତି ସୂଚନା ଦେଇଛନ୍ତି।

ଏହିକ୍ରମରେ ଆଇଏମ୍‌ଟିଏସ (ଇଣ୍ଡିଆନ ଟେକନିକାଲ ସୋସାଇଟ୍) ଓ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଲ୍ଲିପ୍ରଭା ବରିଷ୍ଠ ନାଗରିକ ସଂସ୍ଥା ସଭାପତି ରମାକାନ୍ତ ଦାସ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିନୋଦ ବିହାରୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ଶିକ୍ଷାବିତ୍ ସାଧୁଚରଣ ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଓ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ପରିଚାଳିକା ଟିକିନା ବେହେରା ଓ ସସ୍ମିତା ସାହୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ସଂଗଠନ ଆଇଏମଟିଏସର ସୁପରଭାଇଜର ସୌମ୍ୟାଶ୍ରୀ ମହାପାତ୍ର ଓ ରାକେଶ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ଅଧୀନ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଓ ମା' ମାନେ ଯୋଗଦେଇଥିଲେ। କେନ୍ଦ୍ରଟି ପ୍ରତ୍ୟେକ କାର୍ଯ୍ୟ ଦିବସରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଖୋଲା ରହିବ।



ଆମ କଳିକା କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଯୁବକଙ୍କ ଆତ୍ମହତ୍ୟା: ପ୍ରେମରେ ବିଫଳ ସନ୍ଦେହ

**ରସୁଲପୁର,୪।୪(ରଞ୍ଜିତ ରାଉତ):**


ସୌମ୍ୟରଞ୍ଜନ ବେହେରା

କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଉଳମୂଳ ସାହିର ପ୍ରଫୁଲ୍ଲ ବେହେରାଙ୍କ ପୁଅ ସୌମ୍ୟରଞ୍ଜନ(୨୨) ଗୁରୁବାର ଅପରାହ୍ନ ପ୍ରାୟ ୩ଟା୩୦ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରେମରେ ବିଫଳତା କାରଣରୁ ସେ ଶୋଇବା ଘର ପଙ୍ଖାରେ ପିନ୍ଧା ଲୁଗାରେ ଝୁଲିପଡ଼ିଥିବା ସୂଚନା ମିଳିଛି। ସୌମ୍ୟରଞ୍ଜନ ମଧ୍ୟାହ୍ନ ଭୋଜନ ସାରି ଶୋଇବାକୁ ଯାଇଥିଲେ। ଘର ଭିତରପଟୁ କବାଟ ବନ୍ଦ କରି ଶୋଇଥିଲେ। କିଛି ସମୟ ପରେ ତାଙ୍କ ମା' କୌଣସି ଏକ ଘରକରଣା ସାମଗ୍ରୀ ଆଣିବା ପାଇଁ ଘରକୁ ଯାଇ କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ପ୍ରଫୁଲ୍ଲଙ୍କୁ ଡାକିଥିଲେ। ଉଭୟଙ୍କ ଡାକ ପୁଅ ନଶୁଣିବାରୁ ସେମାନେ ପଡ଼ୋଶୀ ଘର ଲୋକଙ୍କ ସହାୟତାରେ କବାଟ ତାଡ଼ିଦେଖିଲା ବେଳକୁ ପୁଅ ଫଙ୍ଖାରେ ଝୁଲୁଥିଲେ। ପରେ ତାଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ଯୁବକଙ୍କ ଦାଦା ପରମେଶ୍ୱର ବେହେରା ଥାନାରେ ଅଭିଯୋଗ କରିବା ପରେ ଏଏସ୍ଆଇ ନରେନ ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୧୦।୨୪ ରୁଜୁ ହୋଇଛି।

ସୌମ୍ୟରଞ୍ଜନ ବାହାର ଜିଲାର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ସମ୍ପୃକ୍ତ ଯୁବତୀଙ୍କ ସହ ଫେସ୍‌ବୁକ୍‌ରୁ ତାଙ୍କର ପ୍ରେମ ଆରମ୍ଭ ହୋଇଥିଲା। ଏହି ପ୍ରେମ ବ୍ୟପାର ବର୍ଷାଧିକ କାଳ ଚାଲିଥିଲା। ଉଭୟେ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ କୌଣସି ଏକ କାରଣବଶତଃ ଉଭୟ ପ୍ରେମୀ ଯୁଗଳଙ୍କ ମଧ୍ୟରେ କଥାକଟାକଟି ହେବା ସହ ପ୍ରେମିକା କୁଆଡେ ବିବାହ କରିବାକୁ ଅରାଜି ହୋଇଥିଲେ। ସେହି ଦୁଃଖକୁ ସହ୍ୟ କରି ନ ପାରି ଯୁବକ ଜଣକ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଥାନା ଅଧିକାରୀ ଅନିରୁଦ୍ଧ ନାୟକ ମୃତ ଯୁବକଙ୍କ ମୋବାଇଲ ଫୋନ୍ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଗ୍ଲୋରିୟସ ସେକେଣ୍ଡାରି ସ୍କୁଲର ପ୍ରତିଷ୍ଠା ଦିବସ


ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରି ସ୍କୁଲର ପ୍ରତିଷ୍ଠା ଦିବସରେ ଉପସ୍ଥିତ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ।

**ଯାଜପୁରରୋଡ୍,୪।୪ (ପବିତ୍ର ରଞ୍ଜନ ମହାନ୍ତି):**

ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସଭାପତି ଆଡଭୋକେଟ ଅସ୍ମିତା ପତି, ସେକ୍ରେଟାରୀ ଡ. ଅଭୟ ପତି, ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ପାଣିଗ୍ରାହୀ, ଉପାଧ୍ୟକ୍ଷ ସରୋଜ ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସେକ୍ରେଟାରୀ ପତି ୧୨ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ କରିଥିବା ଏହି ବିଦ୍ୟାଳୟ ଏବେ ୧୨୦୦ ଛାତ୍ରୀଛାତ୍ରରେ ପହଞ୍ଚି ପାରିଛି ବୋଲି କହିଥିଲେ। ଅତୀତର ସ୍ମୃତି ଚାରଣ କରି ସଭାପତି ପତି, ପ୍ରତିଷ୍ଠାତା ଦେବେନ୍ଦ୍ର ନାଥ ପତିଙ୍କ ଆଶୀର୍ବାଦ ଓ ପତି ପରିବାରର ସଫଳ ପ୍ରଚେଷ୍ଟା ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ, କୁଇଜ ଓ ରଚନା ପ୍ରତିଯୋଗିତା କରାଯାଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ମେଡାଲ ପ୍ରଦାନ କରାଯାଇଥିଲା। ବିମଳ ଚନ୍ଦ୍ର ମିଶ୍ର, ବିଶ୍ୱରଞ୍ଜନ ଜେନା, ଶ୍ରୀକାନ୍ତ ପାତ୍ର, ରଶ୍ମିରେଖା ମଲ୍ଲିକ, ମମତା ନାୟକ, ଧର୍ମେନ୍ଦ୍ର ବେହେରା, ସନ୍ତୋଷ କୁମାର ଓଝା, ବିଭୁପ୍ରସାଦ ଦାସ, ମଧୁସ୍ମିତା ଲେଙ୍କା, ବିଦ୍ୟାଧର ଜେନା, ରୀନା ମହାରଣା, ସୁବ୍ରତ ଦାସ ଓ ସତ୍ୟଭାମା ସାହୁ ପ୍ରମୁଖ ପ୍ରତିଷ୍ଠା ଦିବସକୁ ସଫଳ କରିବାରେ ସହଯୋଗ କରିଥିଲେ।

# ମନ୍ତ୍ର ଧ୍ୱନି, ପ୍ରବଚନରେ ମୁଖରିତ ଯଜ୍ଞସ୍ଥଳ


ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞରେ ସାମିଲ ହୋଇଥିବା ସାଧୁସନ୍ଥ।


ଯଜ୍ଞସ୍ଥଳରେ ଷ୍ଟାଣ୍ଡିଂ ବାବା।

## ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ

**ରସୁଲପୁର,୪।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତ ବର୍ତ୍ତୀ ଅଞ୍ଚଳ କ୍ଷୀର ନଦୀପଠାରେ ଦ୍ୱିତୀୟ ବାର୍ଷିକ ମା' ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ଅନ୍ତରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରାରମ୍ଭରେ ମା' ବିଶ୍ୱରୂପାଙ୍କ ନିକଟରେ ପାରମ୍ପରିକ ପୂଜା ଅର୍ଚ୍ଚନା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଜ୍ଞ ମଣ୍ଡପ ସ୍ଥଳରେ ସ୍ଥାପିତ ୯ କୁଣ୍ଡରେ ୧୮ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି। ସେମାନେ ଯଜ୍ଞକୁଣ୍ଡରେ ୧୮୦୦୦ ଘୃତ ଆହୁତି ପ୍ରଦାନ କରିବାରେ ବ୍ରତି ଅଛନ୍ତି। ପଣ୍ଡିତଙ୍କ ମନ୍ତ୍ର ଧ୍ୱନୀ ଓ ସାଧୁସନ୍ଥଙ୍କ ପ୍ରବଚନରେ ଯଜ୍ଞ ସ୍ଥଳ ମୁଖରିତ ହେଉଛି।

ସକାଳ ଓ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ ପରିବେଷଣ, ସକଳା ଧୂପ ଓ ସନ୍ଧ୍ୟା ଆଳତି ବିଶେଷ ମନୋରମ ଏବଂ ଆକର୍ଷଣୀୟ ହୋଇପାରୁଛି। ସନ୍ଧ୍ୟାରେ ଯଜ୍ଞ ପରିଚାଳାନ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧୁସନ୍ଥଙ୍କ ପ୍ରବଚନମାନ କରାଯାଉଛି। ଏହି ଜରିଆରେ ଶ୍ରଦ୍ଧାଳୁଙ୍କୁ ମନୋରଞ୍ଜନ ଓ ସମାଜକୁ ସୁ-ପଥଗାମୀ କରିବାର ମନ୍ତ୍ର ମିଳୁଛି। ବାବାଙ୍କ ଆଗମନ ସମ୍ପର୍କରେ ଜାଣି ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି। ଯଜ୍ଞ ପଡିଆରେ ଷ୍ଟାଣ୍ଡିଂ ବାବା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏହାଛଡା ଅଖିଳ ଭାରତ ସନ୍ଥ ସମିତି ରାଷ୍ଟ୍ରୀୟ ମହାମନ୍ତ୍ରୀ ମହାମଣ୍ଡଳେଶ୍ୱର ଜିତେନ୍ଦ୍ରନନ୍ଦ ସରସ୍ୱତୀ, ଅର୍ନ୍ତଜାତୀୟ କ୍ରିୟାଯୋଗୀ ମହାମଣ୍ଡଳେଶ୍ୱର ଶଙ୍କରାନନ୍ଦ ଗିରି, ପୂଜ୍ୟ ସ୍ୱାମୀ ଆତ୍ମା ପ୍ରଜ୍ଞାନାନନ୍ଦ ସରସ୍ୱତୀ, ରାଧାବଲ୍ଲଭ ମଠ, ପୁରୀର ମହନ୍ତ ରାମକୃଷ୍ଣ ଦାସ ପ୍ରମୁଖ ମୁଖ୍ୟ ଆକର୍ଷଣ ସାଜିଛନ୍ତି। ସେମାନଙ୍କ ମୁଖ ନିସୃତ ଅମୃତ ବାଣୀ ରୂପକ ପ୍ରବଚନରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଅଭିଭୁତ ହୋଇ ଉଠିଛନ୍ତି। ଅନ୍ତରାଷ୍ଟ୍ରୀୟ ସାଧୁ ସନ୍ଥ ସମ୍ମିଳନୀରେ ବିଭିନ୍ନ ପ୍ରଦେଶର ସାଧୁ, ସନ୍ଥ, ସନ୍ୟାସୀ ବାବା, ସାଧ୍ୱୀମାନେ ଅଂଶଗ୍ରହଣ କରି ଯଜ୍ଞର ଗୁରୁତ୍ୱକୁ ବଢାଇଛନ୍ତି। ବାବାମାନଙ୍କ ଉପସ୍ଥିତିରେ ଯଜ୍ଞ ସ୍ଥଳର ଶୋଭାବର୍ଦ୍ଧନ ହୋଇପାରିଛି। ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଯଜ୍ଞ କାର୍ଯ୍ୟ ସୁରୁଖୁରୁରେ ପରିଚାଳିତ ହେଉଛି। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଯଜ୍ଞର ମୁଖ୍ୟ ପୁରୋଧା ବିରଜା ପୁତ୍ର ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜ ସୂଚନା ଦେଇଛନ୍ତି। ଆସନ୍ତା ଦିନରେ ଯଜ୍ଞ କାର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତି, ଯୁବଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହାୟତା କାମନା କରାଯାଇଛି।



# ନଦୀରେ ବୁଡ଼ି ପ୍ରାଣ ହରାଇଲେ ଦଶମ ଶ୍ରେଣୀ ଛାତ୍ର

ଖଇରା, ୪।୪(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମର ବ୍ରହ୍ମାନନ୍ଦ ଗୋଛାୟତଙ୍କ ପୁଅ ଅମିତ(୧୪)ଗୁରୁବାର ଘର ପାଖ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ଗଣ୍ଡ ଭିତରକୁ ଖସି ପଡିଥିଲେ। ପାଖରେ ଥିବା ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମିତ ନିକଟସ୍ଥ ମମହମ୍ମଦପୁର ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀର ଛାତ୍ର ଥିଲେ।

# ଚୋରି ଅଭିଯୋଗରେ ମା' ପୁଅ ଗିରଫ

**ଉଦଳା,୪।୪(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଖପରାପାଳ ଗ୍ରାମରେ ଥିବା ଏକ ଦୋକାନରୁ ମାର୍ଚ୍ଚ ୩୧ ତାରିଖ ରାତିରେ ଚୋରି ଅଭିଯୋଗରେ ପୋଲିସ ସେହି ଗ୍ରାମର ମା' ପୁଅଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାରି ହେମ୍ବ୍ରମ ଏବଂ ତାଙ୍କ ପୁଅ ମହନ୍ତ। ଏନେଇ ଥାନାରେ ଏକ ମାମଲା(ନଂ.୧୧୦/୨୪) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବାରି ତାଙ୍କ ପୁଅକୁ ଟଙ୍କା ଚୋରି କରିବା ପାଇଁ ପ୍ରବର୍ତ୍ତାଇବାରୁ ପୁଅ ମହନ୍ତ ଘରଠାରୁ ୫୦୦ ମିଟର ଦୂରରେ ଥିବା ଏକ ଦୋକାନକୁ ରାତିରେ ଯାଇ ସେଠାରୁ ଟଙ୍କା ବାକ୍ସ ଚୋରି କରି ଆଣିଥିଲେ। ଉକ୍ତ ବାକ୍ସରେ ୩ ଲକ୍ଷ ୭୦ ହଜାର ଟଙ୍କା ଥିଲା। ସେହି ଟଙ୍କାରୁ ୩୫ ହଜାର ଟଙ୍କା ଦେଇ ମହନ୍ତ ଏକ ମୋବାଇଲ କିଣିବା ପରେ ଅବଶିଷ୍ଟ ଟଙ୍କା ମା'ବାରିଙ୍କୁ ଦେଇଥିଲେ। ବାରି ସେହି ଟଙ୍କାରୁ କିଛି ତାଙ୍କ ଭାଇକୁ ଦେଇଥିବା ବେଳେ ବାକିତକ ନିଜ ପାଖରେ ରଖିଥିଲେ। ପୋଲିସ ଚଢ଼ାଉ କରି ମା' ଓ ପୁଅଙ୍କ ନିକଟରୁ ୮୮ ହଜାର ୫୦୦ ଟଙ୍କା ଜବତ କରିବା ସହିତ କିଣା ଯାଇଥିବା ମୋବାଇଲକୁ ମଧ୍ୟ ଜବତ କରିଛି।

**RAVENSHAW UNIVERSITY**

CAD-29 **CORRIGENDUM NOTICE**

In continuation to this Office REQUEST FOR PROPOSAL No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended.**

For details please log into https://ravenshawuniversity.ac.in.

**No.-1207 Dt.03.04.2024** **Registrar, Ravenshaw University**

OIPR-11008/11/0002/2425

# ଇଭି ସ୍କୁଟି ଶୋ'ରୁମ ଉଦ୍‌ଘାଟିତ


ଶୋ'ରୁମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଚଣ୍ଡିଖୋଲ,୪।୪ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର କଲେଜ ଛକ ନିକଟରେ ଆମ୍ପେର କମ୍ପାନୀ ପକ୍ଷରୁ ଇଭି ସ୍କୁଟି ଶୋ' ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ସୁଇଟି କିନ୍ନର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। କଟକ ଓ ଭୁବନେଶ୍ୱର ଭଳି ବଡ଼ସହରରେ ଯେଉଁ ସୁବିଧା ରହିଛି ତାହା ଏଠାରେ ମିଳିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବରେ କିନ୍ନର ପଦି ଅପା ଯୋଗଦେଇ ଗ୍ରାହକମାନଙ୍କ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଆମ୍ପେର ଇଭି ସ୍କୁଟି ମ୍ୟାନେଜର ତପନ ସେନାପତି ଯୋଗଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅଞ୍ଚଳବାସୀଙ୍କୁ କିପରି ସୁବିଧା ଯୋଗାଇ ଦିଆଯିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ଦାମୋଦର ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅବିନାଶ ଦାସ ଓ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**DISTRICT ELECTION OFFICE**
**GANJAM, CHATRAPUR**

ELECTION URGENT
SGE - 2024

Ph. No. - 06811 263859 (O),
Email ID : ganjamelection@gmail.com

L. No.1473/Elec.
XVII - 148/2024
Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:** The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector. Ganjam reserves the right to accept or reject any or all the tenders without assigning any reason thereof.

OIPR-12149/11/0001/2425

**Sd. /- Collector & District Election Officer, Ganjam, Chatrapur**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1879/PSC** **Dt.04.04.24**
**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିକୁଦା,୪।୪(ତାପସ ସ୍ୱାଇଁ)

ବାଲିକୁଦା ଥାନା ବାରିଲୋ ଗାଁର କାଳନ୍ଦୀ ସାହୁଙ୍କ ସ୍ତ୍ରୀ ସବିତା ସାହୁ(୩୬)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଦେଢ଼ଶୁରଙ୍କ ଶୋଇବା ଘର ଫ୍ୟାନ ହୁକରୁ ଝୁଲନ୍ତା ଅବସ୍ଥାରେ ଗୁରୁବାର ଭୋର ସମୟରେ ତାଙ୍କ ମୃତଦେହ ମିଳିଛି। ଅନ୍ୟପକ୍ଷେ ମୃତ ମହିଳାଙ୍କ ଭାଇ ସରୋଜ ସାହୁ ଭଉଣୀକୁ ହତ୍ୟା କରାଯାଇଥିବା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୩୨/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ସ୍ୱାମୀ କାଳନ୍ଦୀଙ୍କୁ ଥାନାରେ ଅଟକ ରଖିଛି । ସବିତାଙ୍କ ବାପଘର କଟକ ଜିଲା ଭାଁପୁର ଗାଁରେ । ଗତ ୯ ବର୍ଷ ତଳେ ବାଲିକୁଦା ଥାନା ବୋରକିନା ବାରିଲୋ ଗାଁର କାଳନ୍ଦିଙ୍କ ସହ ତାଙ୍କ ବିବାହ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ଦମ୍ପତିଙ୍କ କୌଣସି ସନ୍ତାନ ନ ଥିଲେ। ଦେଢ଼ଶୁର ଓ ଯାଆ ଚାକିରି କରୁଥିବାରୁ ବିରିଡ଼ି ଅଞ୍ଚଳରେ ରହୁଛନ୍ତି । ଘରେ ସବିତା ତାଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦ ରୁହନ୍ତି। ବୁଧବାର ରାତିରେ ସେ ସ୍ୱାମୀଙ୍କ ସହ ଶୋଇବା ଘରେ ଶୋଇଥିଲେ। ଭୋର ସମୟରେ କାଳନ୍ଦୀଙ୍କ ନିଦ ଭାଙ୍ଗିବା ପରେ ସ୍ତ୍ରୀଙ୍କୁ ନ ପାଇ ଖୋଜି ଥିଲେ। ବଡ଼ ଭାଇଙ୍କ ଘରେ ସବିତାଙ୍କୁ ଝୁଲୁଥିବା ଦେଖି ଅନ୍ୟମାନଙ୍କୁ ଡାକ ପକାଇଥିଲେ। ଖବରପାଇ ବାଲିକୁଦା ଥାନାଧିକାରୀ ପ୍ରିୟବ୍ରତ ରାଉତ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ପ୍ରଶାନ୍ତଙ୍କୁ ଟିକେଟ ମିଳିବାରୁ ବିଜେଡିକୁ ବର୍ଷିଲେ ଅମରେନ୍ଦ୍ର

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)



ଅମରେନ୍ଦ୍ରଙ୍କ ସମର୍ଥକମାନେ ବିଜେଡି ପୋଷ୍ଟର, ବ୍ୟାନର ପୋଡୁଛନ୍ତି।

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

- ଆଜି ଭାଜପାରେ ମିଶିବେ
- ବ୍ୟାନର, ପୋଷ୍ଟର ପୋଡ଼ି ସମର୍ଥକଙ୍କ ପ୍ରତିବାଦ

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ଟିକେଟକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା କସରତର ଅନ୍ତ ଘଟିଛି। ପ୍ରଶାନ୍ତ ମୁଦୁଲି ଦଳୀୟ ଟିକେଟ ପାଇବା ଘୋଷଣା ପରେ ଅନ୍ୟତମ ପ୍ରମୁଖ ଆଶାୟୀ ଅମରେନ୍ଦ୍ର ଦାସ ବୁଧବାର ଦଳ ଛାଡିଥିଲେ। ଗୁରୁବାର ସେ ବିଜେଡି ନେତୃତ୍ୱଙ୍କ ବିରୋଧରେ ବିଷୋଦଗାର କରିବା ସହ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳରେ ମିଶିବେ ବୋଲି ସ୍ପଷ୍ଟ କରିଛନ୍ତି। ଅମରେନ୍ଦ୍ର ସ୍ଥାନୀୟ ଗୋପାଳସାଗରସ୍ଥିତ ତାଙ୍କ ଶିବିରରେ ସମର୍ଥକମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ ତାଙ୍କ ସମର୍ଥକମାନେ ବିଜେଡି ପୋଷ୍ଟର, ବ୍ୟାନର ଆଦି ପୋଡ଼ି ନିଆରା ପ୍ରତିବାଦ କରିଥିଲେ। ସେମାନେ ବିଜେଡି ନେତୃତ୍ୱଙ୍କ ବିରୋଧରେ ନାରାବାଜି କରିବା ସହ ଆତସବାଜୀ ଫୁଟାଇବା ଦୃଶ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା।

ଏ ସମ୍ପର୍କରେ ଅମରେନ୍ଦ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟାରେ କହିଥିଲେ, ସେ ବିଜେଡି ପ୍ରତିଷ୍ଠା ସମୟରୁ ବିନା ସ୍ୱାର୍ଥରେ ସେବା ମନୋଭାବ ନେଇ କାମ କରିଆସିଛନ୍ତି। ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବା ସହ ଦଳକୁ ମଜ୍‌ଭୁତ୍ କରିବାକୁ ସମସ୍ତ ଉଦ୍ୟମ କରିଛନ୍ତି। ଦଳ ଜିଲା ଛାତ୍ର ଓ ଯୁବ ସଙ୍ଗଠନର ନେତୃତ୍ୱ ନେଇ ଯୁବଶକ୍ତିଙ୍କୁ ବିଜେଡି ଆଡକୁ ଆକର୍ଷିତ କରିଥିଲେ। ୫ ବର୍ଷ ହେବ ଦଳର ପ୍ରଚାର, ପ୍ରସାର କ୍ଷେତ୍ରରେ ଗୁରୁ ଭୂମିକା ନିଭାଇଥିଲେ। କିନ୍ତୁ ଯିଏ ସ୍ୱାର୍ଥ ରଖି ଅର୍ଥାତ୍ ପଞ୍ଚାୟତରେ ନିର୍ଦ୍ଦିଷ୍ଟ ଲୋକ ରଖି ଅର୍ଥ ରୋଜଗାର କରୁଛନ୍ତି ତାଙ୍କୁ ପୁରସ୍କୃତ କରାଯାଉଛି। ଅନ୍ୟାୟ, ଅନୀତି, ଦୁର୍ନୀତିରେ ଥିବା ଲୋକଙ୍କ ଉପରେ ଦଳ ମୋହର ମାରୁଛି। ତେଣୁ କର୍ମୀମାନଙ୍କ ସହ ଆଲୋଚନା ପରେ ବିଜେଡିରୁ ଇସ୍ତଫା ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୁଖୀ ଚିନ୍ତାଧାରା କେବଳ ତାଙ୍କୁ ନୁହେଁ, ସାରା ବିଶ୍ୱ ଅନୁଭବ କରୁଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଯୋଗୁ ଓଡ଼ିଶା ବହୁ ଆଗକୁ ଗଲାଣି। ଦଳ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦଙ୍କ ଆନ୍ତରିକତା ଯୋଗୁ ଓଡ଼ିଶାରେ ବିକାଶଧାରା ଆଗେଇ ଚାଲିଛି। କିଛି ଦିନ ତଳେ ବିଜେଡି-ଭାଜପା ଗଠବନ୍ଧନ ହେବା ନେଇ ଆଲୋଚନା ଚାଲିଥିଲା। କିନ୍ତୁ ଭାଜପା ରାଜ୍ୟ ସଭାପତି ଏଭଳି ଅସାଧୁ ମେଣ୍ଟକୁ ବାରମ୍ବାର ପ୍ରତ୍ୟାଖାନ କରି ଚାଲିଥିଲେ। ଏହା ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିଲା। ଏବେ ବିଜେଡି ତାଙ୍କୁ ଧୋକା ଦେଇଛି। ଏହାର କଡ଼ା ଜବାବ ଦିଆଯିବ। ଲୋକଙ୍କୁ ଅଧିକ ଦିନ ଭଣ୍ଡାଇ ହେବନାହିଁ। ଲୋକେ ସବୁ ବୁଝି ପାରୁଛନ୍ତି। ତେବେ ଶୁକ୍ରବାର ମିଶ୍ରଣ ପର୍ବରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଅଧିକ ଲୋକଙ୍କୁ ନ ଯିବା ପାଇଁ କୁହାଯାଉଛି। ତଥାପି ବହୁ ସଂଖ୍ୟକ ଲୋକ ସାମିଲ ହେବାର ସମ୍ଭାବନା ରହିଥିବା ଅମରେନ୍ଦ୍ର କହିଛନ୍ତି। ଆଗକୁ ଦେଖିବାର ଅଛି ଅମରେନ୍ଦ୍ରଙ୍କ ନୂଆ ଇନିଂସ ଆରମ୍ଭ ପରେ ଜଗତ୍‌ସିଂହପୁର ରାଜନୀତି କେଉଁ ମୋଡ ନେଉଛି।

# ବିଧାୟକଙ୍କୁ ଟିକେଟ ନ ଦେବାକୁ ଦାବି

କୁଜଙ୍ଗ,୪।୪ (ମନୋଜ ପ୍ରଧାନ)

**ପାରାଦୀପରେ ବିଜେଡି ଅସନ୍ତୁଷ୍ଟ କର୍ମୀଙ୍କ ଖବରଦାତା ସମ୍ମିଳନୀ**

ପାରାଦୀପରେ ବିଜେଡି ଟିକେଟକୁ ନେଇ ଉଠିଥିବା ଝଡ଼ ଥମିବାର ନାଁ ଧରୁନାହିଁ । ଏନେଇ ଦୀର୍ଘ ଦୁଇମାସ ହେବ ବିଜେଡିର କେତେଜଣ ଅସନ୍ତୁଷ୍ଟ କର୍ମୀ ଓ ଦଳୀୟ ସରପଞ୍ଚ ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ସମାବେଶ କରିଆସୁଥିଲେ । ମାତ୍ର ବର୍ଷୀୟାନ ରାଜନେତା ତଥା ବିଧାୟକଙ୍କ ପିତା ଡାକ୍ତର ଦାମୋଦର ରାଉତଙ୍କ ଦେହାନ୍ତପରେ ସମସ୍ତ ରାଜନୈତିକ ପ୍ରକ୍ରିୟା ଠପ୍ ହୋଇଯାଇଥିଲା । ତାଙ୍କ ଦେହାନ୍ତର ୧୫ଦିନ ପରେ ପୁନର୍ବାର ବିଧାୟକ ବିରୋଧୀ ମେଳି ଯୋର ଧରିଛି । ଗୁରବାର କୁଜଙ୍ଗସ୍ଥିତ ବିଦ୍ୟୁଲତା ମଣ୍ଡପଠାରେ ପୂର୍ବତନ ସରପଞ୍ଚ ତଥା ଜଗତ୍‌ସିଂହପୁର ଜିଲା ବିଜେଡି ଉପସଭାପତି ସଂଗ୍ରାମ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କୁଜଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା ଅଭିଯୋଗ କରିଥିଲେ ଯେ, ବହୁ କର୍ମୀଙ୍କ ସହଯୋଗରେ ସମ୍ବିତ ବିଧାୟକଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ସେ କୌଣସି କର୍ମୀଙ୍କ ଦୁଃଖ ସୁଖରେ ଭାଗିହେଉନାହାନ୍ତି । ତାଙ୍କ ପରିବାରରୁ କାହାକୁ ଟିକେଟ ଦିଆ ନ ଯାଉବୋଲି ଦାବି କରିଥିଲେ। ନଚେତ୍ ନବୀନ ନିବାସ ଘେରାଉ କରି ବିରୋଧ କରାଯିବ ବୋଲି ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପୂର୍ବତନ ସରପଞ୍ଚ ଭାରତ ଭୂଷଣ ନାୟକ, ପୂର୍ବତନ ସରପଞ୍ଚ ତପନ ସାମନ୍ତରାୟ, ଅଟଳ ଦାସ, ମନୋଜ ବେହେରା, ଅଟଳ ପରିଡା, ଦୀପକ ସ୍ୱାଇଁ, ସୌମ୍ୟରଞ୍ଜନ ରାଉତ, କୈଳାସ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବିଧାୟକ ରାଉତରାୟ କହିଛନ୍ତି, ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ସମସ୍ତେ ଦାମବାବୁଙ୍କ ଦ୍ୱାରା ପରିଚିତ। ସେ ମଧ୍ୟ ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ ଚାଲନ୍ତି । ଏଥିସହ କେଉଁ କ୍ଷେତ୍ରରେ ସେ କର୍ମୀମାନଙ୍କୁ ଅସହଯୋଗ କରିଛନ୍ତି ତା'ର ପ୍ରମାଣ ଦେବାକୁ ସେ କହିଥିଲେ। ଟିକେଟ ସମ୍ପର୍କରେ ବିଧାୟକ କହିଥିଲେ, ମୁଖ୍ୟମନ୍ତ୍ରୀ କାହାକୁ ଟିକେଟ ଦେବେ ନ ଦେବେ ତାହା ତାଙ୍କ ଉପରେ ନିର୍ଭର କରେ।

# ଟ୍ରାଫିକ ସମସ୍ୟା ଅନୁଧ୍ୟାନ କଲେ ଏସ୍‌ପି

ରାହାମା, ୪।୪ (ଶ୍ରୀକାନ୍ତ ଦାସ )

କଟକ-ପାରାଦୀପ ଜାତୀୟ ରାଜପଥର ମଧ୍ୟସ୍ଥଳୀରେ ଥିବା ରାହାମା ବଜାର ଜଗତ୍‌ସିଂହପୁର ଜିଲାର ଏକ ଅଗ୍ରଣୀ ବାଣିଜ୍ୟ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ଏଠାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିଲା। ବିଶେଷ କରି ବଜାର ନିକଟରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖୁଥିବାରୁ ଟ୍ରାଫିକ୍ ସମସ୍ୟା ହେଉଛି। ଏନେଇ ତିର୍ତ୍ତୋଲ ପୋଲିସ ପକ୍ଷରୁ ଲୋକଙ୍କୁ ବାରମ୍ବାର ବୁଝାଯାଉଥିଲେ ମଧ୍ୟ ଅମାନିଆମାନେ ଶୁଣୁ ନ ଥିଲେ। ଏସବୁ ସମସ୍ୟା ବିଷୟରେ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର୍ ଅବଗତ ହେବା ପରେ ଗୁରୁବାର ସନ୍ଧ୍ୟାରେ ହଠାତ୍ ପହଞ୍ଚି ଟ୍ରାଫିକ୍ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ କୌଣସି ପୋଲିସବାହିନୀକୁ ସାଙ୍ଗରେ ନ ଆଣି ସାଦା ପୋଷାକରେ ବଜାରରେ ଏକୁଟିଆ ପହଞ୍ଚି ବିଭିନ୍ନ ଗଳିକନ୍ଦି ଓ କଟକ-ପାରାଦୀପ ମୁଖ୍ୟ ରାସ୍ତା ଅନୁଧ୍ୟାନ କରିଥିଲେ। ଏସ୍‌ପିଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଜିଲାରେ ୫୧ ହଜାର ନୂଆ ଭୋଟର

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

**୨୦୨୪ ସାଧାରଣ ନିର୍ବାଚନ**

- ମହିଳାଙ୍କ ସଂଖ୍ୟା ୩୩,୨୬୫ ଓ ପୁରୁଷ ୧୮,୩୬୪

୨୦୨୪ ସାଧାରଣ ନିର୍ବାଚନ ନେଇ ରାଜନୈତିକ ପରିବେଶ ଚଳଚଞ୍ଚଳ ହେବାରେ ଲାଗିଛି। ଭୋଟରମାନଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଛି। ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ଅବାଧ ଓ ନିରପେକ୍ଷ ନିର୍ବାଚନ ନେଇ ପ୍ରକ୍ରିୟା ଚାଲିଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ବିଶେଷକରି ନୂତନ ଭୋଟରମାନଙ୍କ ମଧ୍ୟରେ ମତଦାନକୁ ନେଇ ଆଗ୍ରହ ପ୍ରକାଶ ପାଇଛି। ଏହାର ପ୍ରତିଫଳନ ନୂଆ ଭୋଟରଙ୍କ ସଂଖ୍ୟାରୁ ବାରି ହୋଇଯାଇଛି। ଜଗତ୍‌ସିଂହପୁର ଜିଲାରେ ୨୦୧୯ ସାଧାରଣ ନିର୍ବାଚନ ସମୟରେ ୯,୦୪,୦୯୯ ଜଣ ମତଦାତା ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୯,୫୫,୭୧୦କୁ ବୃଦ୍ଧି ପାଇଛି। ସେଥିରେ ନୂତନ ଭୋଟର ୫୧,୬୧୧ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୩,୨୬୫ ଜଣ ମହିଳା ଓ ୧୮,୩୬୪ ଜଣ ପୁରୁଷ ମତଦାତା ଥିବା ଜଣାଯାଇଛି। ୨୦୧୯ ତୁଳନାରେ ୨୦୨୪ରେ ତୃତୀୟ ଲିଙ୍ଗ ମତଦାତାଙ୍କ ସଂଖ୍ୟା ୧୯୫ରୁ ୯୭କୁ ଖସି ଆସିଛି। ସୂଚନା ଅନୁଯାୟୀ ଜିଲାର ୪ ନିର୍ବାଚନ କ୍ଷେତ୍ର ମଧ୍ୟରୁ ପାରାଦୀପରେ ୨୦୧୯ରେ ୨,୦୭,୮୬୭ ଜଣ ମତଦାତା ଥିଲେ। କିନ୍ତୁ ୨୦୨୪ରେ ଏହି ସଂଖ୍ୟା ବଢି ୨,୧୮,୮୯୩ରେ ପହଞ୍ଚିଛି। ସେହିପରି ତିର୍ତ୍ତୋଲରେ ୨୦୧୯ରେ ୨,୩୪,୧୭୯ ଜଣ ମତଦାତା ଥିବାବେଳେ ୨୦୨୪ରେ ୨,୪୮,୨୪୧ ରହିଛନ୍ତି। ବାଲିକୁଦା-ଏରସମାରେ ୨୦୧୯ରେ ୨,୫୦,୮୪୩ ଜଣ ମତଦାତା ଥିବାବେଳେ ୨୦୨୪ରେ ୨,୬୯,୨୧୪ରେ ପହଞ୍ଚିଛି। ଜଗତ୍‌ସିଂହପୁରରେ ୨୦୧୯ରେ ୨,୧୧,୨୧୦ ଜଣ ମତଦାତା ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୨,୧୯,୩୬୨କୁ ବୃଦ୍ଧି ପାଇଛି ।

# ଶ୍ରୀଜଗନ୍ନାଥଙ୍କ ୨୪ବେଶ, ଛପନ ଭୋଗ ପ୍ରଦର୍ଶନୀ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

ରାହାମା,୪।୪(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା କଲେଜ ପଡିଆ ପ୍ରାଙ୍ଗଣରେ ୮ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀଜଗନ୍ନାଥଙ୍କ ୨୪ବେଶ ଓ ଛପନ ଭୋଗ ପ୍ରଦର୍ଶନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ରାହାମାର ମୁଖ୍ୟ ସଂଯୋଜକ ଡ଼ ସୁନାକର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ସପ୍ତାହ ଜ୍ଞାନଯଜ୍ଞ ଓ ଘୃତ ଯଜ୍ଞ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅନ୍ତିମ ଦିବସ ତଥା ଯଜ୍ଞର ପୂର୍ଣ୍ଣାହୁତିରେ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରୀଜଗନ୍ନାଥଙ୍କ ଭକ୍ତ ଯୋଗଦେବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନ ଓ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଦିଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ରବି ନାରାୟଣ ସାହୁ, ଯଜ୍ଞକର୍ତ୍ତା ଉତ୍ତମ ଚରଣ ଦାସ, ଲକ୍ଷ୍ମୀଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ଭିକାରି ଚରଣ ସେନାପତି, ନିହାର ରଞ୍ଜନ ଲେଙ୍କା, ଅଜୟ କୁମାର ସାହୁ, ବିନୋଦ ବରାଳ, ଦିଲୀପ ସେନାପତି, ଅଧିକାରୀ ରମାକାନ୍ତ ଦାସ, ଦୀପକ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡି, କଂଗ୍ରେସ କର୍ମୀଙ୍କ ଯୋଗଦାନ



ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବିଭିନ୍ନ ଦଳର କର୍ମୀମାନେ।

କୁଜଙ୍ଗ, ୪।୪ (ମନୋଜ ପ୍ରଧାନ)

**ଭାଜପାର ମିଶ୍ରଣ ପର୍ବ**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ପଙ୍କପାଳ ପଞ୍ଚାୟତ ସଭାପତି ପ୍ରଦୀପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭାଜପାର ପାରାଦୀପ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅଗପାଳ ପଞ୍ଚାୟତର ଯୁବନେତା ବିଶ୍ୱନାଥ ହାତୀଙ୍କ ନେତୃତ୍ୱରେ ନାରୀ ନେତ୍ରୀ ସ୍ମିତାରାଣୀ ବେହେରା, ଅଭିମନ୍ୟୁ ପରିଡ଼ା, ସମୀର ସାହୁ, ଜଗବନ୍ଧୁ ବେହେରା, ଲକ୍ଷ୍ମୀଧର ଦାସ, କୈଳାସ ସାହୁ, ବୀରେନ ଦାସ ଓ ଆଶିଷ ସାହୁ ପ୍ରମୁଖ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି ।


## RAVENSHAW UNIVERSITY

CAD-29 **CORRIGENDUM NOTICE**

In continuation to this Office **REQUEST FOR PROPOSAL** No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended**.

For details please log into https://ravenshawuniversity.ac.in.

**No.-1207 Dt.03.04.2024** **Registrar, Ravenshaw University**

OIPR-11008/11/0002/2425

## ODISHA ELECTRICITY REGULATORY COMMISSION

PLOT NO. 4, CHUNOKOLI, SAILASHREE VIHAR, CHANDRASEKHARPUR, BHUBANESWAR-751021

**E-mail: orierc@gmail.com/ Website:www.orierc.org**

**PUBLIC NOTICE**

**Case No. 21 of 2024**

**Hearing of Common Application of M/s. TPWODL, M/s. TPCODL, M/s.TPNODL & M/s. TPSODL under the Demand Side Management (DSM) Regulation, 2011 of the OERC seeking direction of the Commission to allow the four DISCOMS to install, operate & maintain Distributed Renewable Energy Plants on behalf of Rural Households through community solarization mechanism under Rooftop Scheme funded by Government Aids/Subsidy plus DISCOMs contribution under Demand Side Management (DSM) in conformity with the provisions of OERC DSM Regulation, 2011.**

**M/s. TPWODL, M/s. TPCODL, M/s.TPNODL & M/s.TPSODL** have filed a common Application before this Commission **under the Demand Side Management (DSM) Regulation, 2011 of the OERC seeking direction of the Commission to allow the four DISCOMs to install, operate & maintain Distributed Renewable Energy Plants on behalf of Rural Households through community solarization mechanism under Rooftop Scheme funded by Government Aids/Subsidy plus DISCOMs contribution under Demand Side Management(DSM) in conformity with the provisions of OERC DSM Regulation, 2011.** The Commission has decided to dispose of this case through a public hearing as it is a matter of implementation of the proposed scheme, there would be impact on the Retail Supply Tariff, which will ultimately affect the consumers of the State. The petition along with all Annexures submitted by DISCOMs in this regard is available in OERC website **(www.orierc.org)** and also in the website of above named DISCOMS i.e. **(www.tpwesternodisha.com), (www.tpcentralodisha.com), (www.tpnodl.com)** & **(www.tpsouthernodisha.com)**. The persons/ organizations those who are interested to participate in the above proceeding may file their objections/suggestions on the said common Application of the DISCOMs of Odisha by **20.04.2024** with a copy to the applicants who in turn will file its rejoinder to the objections/suggestions of the Respondents by **30.04.2024.** The matter is posted to **14.05.2024 at 11.00A.M.** for hearing. Those who are interested to participate in the public hearing which will be held through hybrid mode (Virtual/Physical presence) should also indicate their e-mail address to the Commission at OERC e-mail **(oerc.vc@gmail.com)** citing Case No. 21 of 2024 through e-mail by 11.00 PM on the day before the hearing in case they want to appear through VC.

**By Order of the Commission**

**Date: 04.04.2024** **Sd/- SECRETARY**

## DISTRICT ELECTION OFFICE GANJAM, CHATRAPUR

**ELECTION URGENT SGE - 2024**

Ph. No. - 06811 263859 (O), Email ID : ganjamelection@gmail.com

L. No.1473/Elec. XVII - 148/2024 Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:** The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector. Ganjam reserves the right to accept or reject any or all the tenders without assigning any reason thereof.

OIPR-12149/11/0001/2425

**Sd. /- Collector & District Election Officer, Ganjam, Chatrapur**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1879/PSC Dt.04.04.24**

**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

# ଦକ୍ଷ ପ୍ରାର୍ଥୀ ଖୋଜୁଛନ୍ତି ଖଣ୍ଡପଡ଼ା ଭୋଟର

## ପ୍ରାର୍ଥୀ ଦେଇପାରୁ ନାହାନ୍ତି ବିଜେଡି, କଂଗ୍ରେସ

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଜୋର ଧରୁନି। ଟିକେଟ୍ ଲବିରେ ବିଜେଡି ଓ କଂଗ୍ରେସ ନେତା ଥିବାରୁ ଏଭଳି ସ୍ଥିତି ଉପୁଜିଛି। ତେବେ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ଟିକେଟ୍ ପାଇ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଛନ୍ତି। ବିଜେଡି ଟିକେଟ୍ ଦେବା ପରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିପାରେ। କଂଗ୍ରେସ ଦଳରେ ନେତାଙ୍କ ଅଭାବ ଥିବାରୁ ଭାଜପା ଓ ବିଜେଡିର ଅସନ୍ତୁଷ୍ଟ ନେତାଙ୍କୁ ଦଳ ଶେଷ ପର୍ଯ୍ୟାୟରେ ଟିକେଟ୍ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡିରେ ଟିକେଟ୍ ଦୌଡରେ ଅନେକ ପ୍ରାର୍ଥୀ ରହିଥିଲେ ହେଁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର ସାହୁ, ନାରୀନେତ୍ରୀ ଇରାନୀ ରାୟଙ୍କ ନାଁ ଚର୍ଚ୍ଚାକୁ ଆସୁଛି। ନୂଆ ମୁହଁ ମଧ୍ୟ ବିଜେଡି ଦେଇପାରେ ବୋଲି ଅନୁରୂପ ଆଲୋଚନା ଚାଲିଛି।

୨୦୧୯ ନିର୍ବାଚନରେ ଦୁଷ୍ମନ୍ତ ସ୍ୱାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇ ୧୮ ହଜାର ୬୦୮ ଭୋଟ ପାଇଥିଲେ। ୨୦୨୪ ନିର୍ବାଚନରେ ଭାଜପାରୁ ଦୁଷ୍ମନ୍ତ ପ୍ରାର୍ଥୀ ହେବା ପରେ ଭୋଟରଙ୍କୁ ଆପଣେଇବାକୁ ଚେଷ୍ଟା ଜାରି ରଖିଛନ୍ତି। ଦୁଷ୍ମନ୍ତ ଶାସକ ବିଜେଡିର ବିଫଳତା ଓ ଅନ୍ତଃକନ୍ଦଳକୁ ନେଇ ଭୋଟରଙ୍କୁ ଭେଟୁଛନ୍ତି। ପୁଣି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଭୋଟରଙ୍କୁ ବଖାଣି ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା କରୁଛନ୍ତି। ବିଜେଡିର ଅସନ୍ତୋଷ କର୍ମୀ ଓ ନେତାଙ୍କୁ ନିଜ ପକ୍ଷକୁ ଆଣି ବିଜୟ ହେବାର ସ୍ୱପ୍ନ ଦେଖୁଛନ୍ତି। ତେବେ ଖଣ୍ଡପଡ଼ା ଭୋଟର ଦକ୍ଷ ପ୍ରାର୍ଥୀ ଖୋଜୁଛନ୍ତି। ଯିଏକି ସେମାନଙ୍କ ଦୁଃଖସୁଖର ସାଥି ହୋଇ ନିର୍ବାଚନ ମଣ୍ଡଳୀରେ ବିକାଶର ରଥକୁ ଆଗକୁ ନେବ। ରାଜନୈତିକ ମାନଚିତ୍ରରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ କୋଣଠେସା ହୋଇ ରହିଥିବାରୁ ଅନେକ ଭୋଟର ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୯ ନିର୍ବାଚନରେ ଶାସକ ବିଜେଡିର ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ୧ଲକ୍ଷ ୩୮ ହଜାର ଭୋଟ ପାଇ ବିଧାୟକ ହୋଇଥିଲେ। ଏଠାରେ ଦୁଷ୍ମନ୍ତ ସ୍ୱାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇ ୨ୟ ସ୍ଥାନରେ ରହି ୧୮ ହଜାର ୬୦୮ ଭୋଟ ପାଇଥିଲେ। ସେହିପରି ଭାଜପାର ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ ୧୪ ହଜାର ୧୪, ନୋଟାକୁ ୧ହଜାର ୨୦, କଂଗ୍ରେସର ବସନ୍ତ କୁମାର ମହାରଣା ୮୮୫ ଭୋଟ ପାଇଥିଲେ।

# ସଜେଇ ହେଉଛି ମହାବାରୁଣୀ ସଙ୍ଗମ ସ୍ଥଳ



ମହାବାରୁଣୀ ସଙ୍ଗମ ସ୍ଥଳରେ ବ୍ୟାରିକେଡ୍ ନିର୍ମାଣ ଚାଲିଛି।

ଖଣ୍ଡପଡ଼ା,୪।୪(ଅଜୟ କୁମାର ମହାରଣା)

ଦୀର୍ଘ ୭ ବର୍ଷର ପ୍ରତୀକ୍ଷା ପରେ ଆସନ୍ତା ୬ରେ ଖଡିରତ୍ନ ପଞ୍ଜିକା ଅନୁସାରେ ଶ୍ରୀନୀଳମାଧବଙ୍କ ପୀଠରେ ହେବ ମହାବାରୁଣୀ ବୁଡ଼। ଏହି ଅଲଭ୍ୟ ଯୋଗ ଲଗ୍ନ ନିର୍ଘଣ୍ଟ ଅନୁସାରେ ଆସନ୍ତା ଶନିବାର ଶତଭିଷା ନକ୍ଷତ୍ର ଚୈତ୍ର ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଚିରସ୍ରୋତା ଚିତ୍ରୋପଳା ମହାନଦୀ କମଳେ ସଙ୍ଗମସ୍ଥଳରେ ଅନୁଷ୍ଠିତ ହେବ। ଏହି ବୁଡ଼ରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଉଛି। ଏ ସମୟରେ ପିତୃ ପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ କର୍ମ କରାଯିବାର ନୀତି ରହିଛି। ଏଣୁ ଏ ଅବସରରେ ବୁଡ଼ସ୍ଥଳରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ସ୍ନାନ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ମହନଦୀରେ ବାରିକେଡ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଓ ନୟାଗଡ଼ ଜିଲା ପ୍ରଶାସନ ତଥା ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୂର୍ତ୍ତ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ଜଳ ସମ୍ପଦ ବିଭାଗ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ସହଯୋଗ କ୍ରମେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ମହାନଦୀର ଗଭୀର ପାଣିକୁ ନ ଯିବା ପାଇଁ ତଥା ସୁରକ୍ଷିତ ସ୍ନାନ ପାଇଁ ବାରିକେଡ୍ ନିର୍ମାଣ ଚାଲିଛି। ପୋଲିସ ପ୍ରଶାସନ ଓ ନୀଳମାଧବ ମହାବିଦ୍ୟାଳୟ ପକ୍ଷରୁ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାମ ମୋହନ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାଧେଶ୍ୟାମ କାଲୋ, ଦେବୋତ୍ତର ମ୍ୟାନେଜର ହରିହର ଦାଶ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା, ସହଯୋଗୀ ସନ୍ତୋଷ କୁମାର ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ପ୍ରତ୍ୟେହ ସ୍ନାନ ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ମାଉସୀ ପୁଅ ଭାଇ ଜେଲ ଗଲେ

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନାବାଳିକା ମାଉସୀ ଝିଅ ଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ମାଉସୀ ପୁଅ ଭାଇ ରାଜ୍ଜୁତି ପ୍ରଧାନ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରାଜ୍ଜୁତିଙ୍କୁ ଗୁରୁବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଜୟମଙ୍ଗଳପ୍ରସାଦ ଅଞ୍ଚଳର ମାଉସୀ ଘରେ ୧୬ ବର୍ଷୀୟା ମାଉସୀ ଝିଅ ନାବାଳିକା ଭଉଣୀଙ୍କୁ ରାଜ୍ଜୁତି ବଳତ୍କାର କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ପୀଡ଼ିତାଙ୍କୁ ପଚରାଉଚୁରା କରି ଘଟଣାର ତଦନ୍ତ କରିଥିଲା। ପରେ ଏକ ମାମଲା(ନଂ.୭୭/୨୮) ରୁଜୁ କରି ପୋକ୍‌ସୋ ୬ଦଫା ସମେତ ଅନ୍ୟ ଦଫାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଇସ୍ତଫା ଦେଲେ କଂଗ୍ରେସର ଜିଲା ମହିଳା ସଭାନେତ୍ରୀ

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ଦାଶ ଗତ ୨ ତାରିଖରେ ପ୍ରାଥମିକ ସଦସ୍ୟପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ର ସେ ଦଳୀୟ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ଦଳୀୟ କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ବ୍ୟକ୍ତ କରି ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀଙ୍କ ଅନୁମୋଦନ କ୍ରମେ ନୟାଗଡ଼ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ସସ୍ମିତା ଦାଶ ଗତ ମାର୍ଚ୍ଚରେ ନିଯୁକ୍ତି ପାଇଥିଲେ।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ଶୋଭାଯାତ୍ରା



ଭାଜପା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା,୪।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଗୁରୁବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଯୁବନେତା ସ୍ୱାଇଁ ଶତାଧିକ କର୍ମୀ ଓ କମକର୍ତ୍ତାଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ନିର୍ବାଚନମଣ୍ଡଳୀ ପରିକ୍ରମା କରିବା ଅବସରରେ ଖଣ୍ଡପଡ଼ା ସହରର ରଥଗଡାଛକରେ ପହଞ୍ଚିବା ପରେ ସହରବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଯୁବନେତା ସ୍ୱାଇଁ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭାପୁର ବ୍ଲକର ଫତେଗଡ଼ଠାରୁ ପୂର୍ବାହ୍ନ ୧୧ଟାରେ ଶୋଭାଯାତ୍ରା ଆରମ୍ଭ ହୋଇ କଣ୍ଟିଲୋ ନିକଟସ୍ଥ ମା’ ନାରାୟଣୀଙ୍କ ପୀଠ ପରିସରରେ ଏକ ପଥପ୍ରାନ୍ତ ସଭା ସହ ଶୋଭାଯାତ୍ରା ଶେଷ ହୋଇଥିଲା। ଆୟୋଜିତ ମୋଟର ସାଇକେଲ ଶୋଭାଯାତ୍ରାରେ ୨ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗ ଦେଇଥିଲେ । ମୋଟର ସାଇକେଲ ଶୋଭାଯାତ୍ରାରେ ସ୍ୱାଇଁଙ୍କ ସହ ଭାଜପା ଜିଲା ଉପସଭାପତି ପ୍ରଦୀପ୍ତ ପଟ୍ଟନାୟକ, ଯୁବ ସଙ୍ଗଠକ ସଞ୍ଜୟ କୁମାର ଦାସ, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ନାରୀନେତ୍ରୀ ନିର୍ମଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ସନ୍ତୋଷ କୁମାର ସାହୁ, ବେଣାଗାଡିଆ ସରପଞ୍ଚ ବଳରାମ ମଲିକ, ସଙ୍ଗଠକ ଗଙ୍ଗାଧର ବେହେରା, ଅଶୋକ କୁମାର ରାଉତ, ସୁଶାନ୍ତ କୁମାର ଗୋଛି, ସଂସାରୀ ନାୟକ, ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଗୀତାଞ୍ଜଳୀ ବେହେରା, ସରୋଜ କୁମାର ନାୟକଙ୍କ ସମେତ ପଞ୍ଚାୟତ ଜନପ୍ରତିନିଧି, ସଙ୍ଗଠକ ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ ।

# ମଧ୍ୟଖଣ୍ଡ ଡାକ୍ତରଖାନାକୁ କାୟାକଳ୍ପ ପୁରସ୍କାର

ଦଶପଲ୍ଲା,୪।୪(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡଠାରେ ଥିବା ଡାକ୍ତରଖାନା ରାଜ୍ୟ ସରକାରଙ୍କ ଦ୍ୱାରା କାୟାକଳ୍ପ ପୁରସ୍କାର ପାଇଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ମଧ୍ୟରୁ ଏହି ଯୋଜନା ଅନ୍ୟତମ। ନୟାଗଡ଼ ଜିଲାରେ ମୋଟ୍ ୯ ସିଏଚ୍‌ସି ଏହି ପୁରସ୍କାର ପାଇଛନ୍ତି। ବିଶେଷ କରି ସ୍ୱଚ୍ଛତା, ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ ସହିତ ଅନ୍ୟାନ୍ୟ ସେବା ପ୍ରଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ପାଇବାରେ ମଧ୍ୟଖଣ୍ଡ ସିଏଚ୍‌ସି ପ୍ରଥମ। ଉକ୍ତ ଡାକ୍ତରଖାନାର ମେଡିକାଲ ଅଫିସର ଡ.ସନ୍ଦୀପ କୁମାର ସ୍ୱାଇଁଙ୍କ ଉତ୍ତମ କାର୍ଯ୍ୟଶୈଳୀ ପାଇଁ ଉକ୍ତ ଡାକ୍ତରଖାନା କାୟାକଳ୍ପ ପୁରସ୍କାର ପାଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏଥିପାଇଁ ଗ୍ରାମବାସୀ ଡ.ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବେଲପଦର ସ୍କୁଲରେ ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ଫୁଲବାଣୀ,୪।୪(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ପଞ୍ଚାୟତ ବେଲପଦର ସରକାରୀ ଆବାସିକ ବାଳିକା ବିଦ୍ୟାଳୟରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ଛାତ୍ରୀଙ୍କ ସେଭଳି କିଛି ଦେହ ଖରାପ ନ ଥିବା ବେଳେ ହଠାତ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରି ପାରୁ ନଥିବାର ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣା ଜଣାପଡିବା ପରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, କଟ୍ରିଙ୍ଗିଆ ପଞ୍ଚାୟତ କଲିମୁଣ୍ଡା ଗାଁ ର ଅନନ୍ତ ଦେହୁରୀଙ୍କ ଝିଅ ଶୁଭଲକ୍ଷ୍ମୀ ଏହି ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ । ୩ ତାରିଖରେ ଶୁଭଲକ୍ଷ୍ମୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କିଛିଦିନ ଆଗରୁ ଶୁଭଲକ୍ଷ୍ମୀଙ୍କ ଦେହ ସାମାନ୍ୟ ଖରାପ ହୋଇଥିଲା। ଖବରପାଇ ତାଙ୍କ ମା’ ତାରାବତି ଝିଅକୁ ଆଣିବା ପାଇଁ ବିଦ୍ୟାଳୟ ଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଛାଡି ନ ଥିଲେ। ଛାତ୍ରୀଙ୍କୁ ଜ୍ୱର ହୋଇଥିଲା। ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀଙ୍କ ପରିବାର ଲୋକଙ୍କୁ କୌଣସି ଖବର ନ ଦେଇ ରାତିଅଧିଆ ଫୁଲବାଣୀ ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଝିଅକୁ ବିଦ୍ୟାଳୟରେ ଖାଦ୍ୟ ଠିକ୍ ଭାବେ ଦିଆ ନ ଯିବା, ଠିକ୍ ସମୟରେ ଚିକିତ୍ସା କରା ନ ଯିବାରୁ ଏଭଳି ଘଟିଛି। ଆମ ଝିଅ ମୃତ୍ୟୁ ପାଇଁ ବିଦ୍ୟାୟ କର୍ତ୍ତୃପକ୍ଷଙ୍କ ଦାୟୀ ବୋଲି ଭାଇ ଶଙ୍କର କହିଛନ୍ତି । ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ରୁପଶ୍ରୀ ଦିଗାଳ କୌଣସି ତଥ୍ୟ ଦେବାକୁ ମନା କରିଛନ୍ତି । ଅନ୍ୟପକ୍ଷରେ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ଏହାର ତଦନ୍ତ ପରେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।


**RAVENSHAW UNIVERSITY**

CAD-29 **CORRIGENDUM NOTICE**

In continuation to this Office **REQUEST FOR PROPOSAL** No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended**.

For details please log into https://ravenshawuniversity.ac.in.

**No.-1207 Dt.03.04.2024** **Registrar, Ravenshaw University**

OIPR-11008/11/0002/2425



**ODISHA ELECTRICITY REGULATORY COMMISSION**

PLOT NO. 4, CHUNOKOLI, SAILASHREE VIHAR, CHANDRASEKHARPUR, BHUBANESWAR-751021

E-mail: orierc@gmail.com/ Website:www.orierc.org

**PUBLIC NOTICE**

**Case No. 21 of 2024**

**Hearing of Common Application of M/s. TPWODL, M/s. TPCODL, M/s.TPNODL & M/s. TPSODL under the Demand Side Management (DSM) Regulation, 2011 of the OERC seeking direction of the Commission to allow the four DISCOMS to install, operate & maintain Distributed Renewable Energy Plants on behalf of Rural Households through community solarization mechanism under Rooftop Scheme funded by Government Aids/Subsidy plus DISCOMs contribution under Demand Side Management (DSM) in conformity with the provisions of OERC DSM Regulation, 2011.**

**M/s. TPWODL, M/s. TPCODL, M/s.TPNODL & M/s.TPSODL** have filed a common Application before this Commission **under the Demand Side Management (DSM) Regulation, 2011 of the OERC seeking direction of the Commission to allow the four DISCOMs to install, operate & maintain Distributed Renewable Energy Plants on behalf of Rural Households through community solarization mechanism under Rooftop Scheme funded by Government Aids/Subsidy plus DISCOMs contribution under Demand Side Management(DSM) in conformity with the provisions of OERC DSM Regulation, 2011.** The Commission has decided to dispose of this case through a public hearing as it is a matter of implementation of the proposed scheme, there would be impact on the Retail Supply Tariff, which will ultimately affect the consumers of the State. The petition along with all Annexures submitted by DISCOMs in this regard is available in OERC website **(www.orierc.org)** and also in the website of above named DISCOMS i.e. **(www.tpwesternodisha.com), (www.tpcentralodisha.com), (www.tpnodl.com)** & **(www.tpsouthernodisha.com)**. The persons/ organizations those who are interested to participate in the above proceeding may file their objections/suggestions on the said common Application of the DISCOMs of Odisha by **20.04.2024** with a copy to the applicants who in turn will file its rejoinder to the objections/suggestions of the Respondents by **30.04.2024.** The matter is posted to **14.05.2024 at 11.00A.M.** for hearing. Those who are interested to participate in the public hearing which will be held through hybrid mode (Virtual/Physical presence) should also indicate their e-mail address to the Commission at OERC e-mail **(oerc.vc@gmail.com)** citing Case No. 21 of 2024 through e-mail by 11.00 PM on the day before the hearing in case they want to appear through VC.

**By Order of the Commission**

**Date: 04.04.2024** **Sd/- SECRETARY**


# ନେତା ଭୋଟ ମାଗି ଆସିଲେ ଗାଁରେ ପୂରାଇ ଦେବୁନି



ମୋହନା,୪।୪(ମନ୍ମଥ ମିଶ୍ର): ପାଣି ନାହିଁ ତ ଭୋଟ ନାହିଁ, ନିର୍ବାଚନ ସମୟରେ କୌଣସି ନେତା, କୁଜିନେତା ଯଦି ସାହିକୁ ଭୋଟ ମାଗିବାକୁ ଆସନ୍ତି ତେବେ ବିରୋଧ କରିବୁ, ଗାଁରେ ପୂରାଇ ଦେବୁନି। ଏଭଳି ଚେତାବନୀ ଦେଇଛନ୍ତି ଗଜପତି ଜିଲା ମୋହନା ସଦର ମହକୁମା ନାରାୟଣନଗରର ୧୪ ନଂ ୱାର୍ଡର ମହିଳାମାନେ। ଦୀର୍ଘଦିନ ହେବ ୱାର୍ଡରେ ଜଳ ଯୋଗାଣ ପାଇଁ ପ୍ରତି ଘର ସାମ୍ନାରେ ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ କରି ଟ୍ୟାପ ଲଗାଯାଇଛି। ହେଲେ ଜଳ ଯୋଗାଣ ବ୍ୟବସ୍ଥା ହୋଇ ପାରିଲା ନାହିଁ। କେବଳ ସୋଲାର ଟାଙ୍କି ବସାଇ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ସାହିରେ ପ୍ରାୟ ୮୦ ପରିବାରରୁ ଅଧିକ ଅଛନ୍ତି ହେଲେ ସେଥିରେ ମଧ୍ୟ ଠିକରେ ପାଣି ଆସୁନି। ଫଳରେ ପିଇବା ପାଣି ପାଇଁ ୱାର୍ଡ ବାସିନ୍ଦା ଡହଳବିକଳ ହେଉଛନ୍ତି । ଯଦି ସରକାର ବା ପ୍ରଶାସନ ୱାର୍ଡ ବାସିନ୍ଦାଙ୍କୁ ପାଣି ଯୋଗାଇ ନ ଦିଅନ୍ତି ଭୋଟ ବର୍ଜନ କରିବା ସହ କୌଣସି ନେତା ଓ କୁଜିନେତାକୁ ସାହିକୁ ପୂରାଇ ଦେବୁନାହିଁ ବୋଲି ଚେତବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡ ମେମ୍ବର କହିଛନ୍ତି ଜଳ ଯୋଗାଣ ଅଧିକାରୀଙ୍କୁ ଜଣାଇଛନ୍ତି। ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ସୋଲାର ଟାଙ୍କିର ୨୦ ମିଟର ବ୍ୟବଧାନରେ ଗୋଟିଏ ପାଣଟ୍ୟାପ୍ ରହିବା ପରିବର୍ତ୍ତେ ସେଠାରେ ୩ ଗୋଟି ଟ୍ୟାପ୍ କରାଯାଇଛି। ଅନ୍ୟପକ୍ଷେ ଦିନକୁ ଦିନ ଖରା ବଢ଼ିବା ସହ ଜଳସ୍ତର କମୁଛି। ତେଣୁ ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରି ଠିକାଦାର ପଠାଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।


**DISTRICT ELECTION OFFICE GANJAM, CHATRAPUR**

**ELECTION URGENT SGE - 2024**

Ph. No. - 06811 263859 (O), Email ID : ganjamelection@gmail.com

L. No.1473/Elec. XVII - 148/2024 Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:** The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector. Ganjam reserves the right to accept or reject any or all the tenders without assigning any reason thereof.

**Sd. /- Collector & District Election Officer, Ganjam, Chatrapur**

OIPR-12149/11/0001/2425



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1879/PSC** **Dt.04.04.24**

**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

## ସଂକ୍ଷେପରେ

### ସିବିଏସ୍‌ଇ ସହ ମଙ୍ଗଳପୁର ସେଣ୍ଟ୍ ଜାଭିୟର ହାଇସ୍କୁଲ ଅନୁବନ୍ଧିତ

**ଦଶରଥପୁର,୪।୪(ମନୋଜ ପୃଷ୍ଟି):**

ଫକୀର ମୋହନ ଏଜୁକେଶନ ଚାରିଟେବୁଲ ଦ୍ୱାରା ପରିଚାଳିତ ବିସିଇଟି ଗ୍ରୁପ୍ ପକ୍ଷରୁ ଦଶରଥପୁର ବ୍ଲକ୍‌ର ମଙ୍ଗଳପୁରଠାରେ ଥିବା ସେଣ୍ଟ ଜାଭିୟର ଇଂଲିଶ ମିଡିୟମ ହାଇସ୍କୁଲ ଭାରତ ସରକାରଙ୍କ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ସହ ଅନୁବନ୍ଧିତ ହୋଇଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ନିହାର ରଞ୍ଜନ ମଲ୍ଲିକ ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ଗୁରୁଚରଣ ବେହେରା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବିଦ୍ୟାଳୟଟି ସିବିଏସ୍‌ଇ ସହ ଜୋଡ଼ିହେବା ସୂଚନା ପ୍ରକାଶ ପରେ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ଅଭିଭାବକଙ୍କ ମଧ୍ୟରେ ଏକ ଅତୁଟ ବିଶ୍ୱାସ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଅଭିଭାବକମାନେ ବିଦ୍ୟାଳୟ ଚେୟାରମ୍ୟାନ ଡ. ମନ୍ମଥ କୁମାର ବିଶ୍ୱାଳଙ୍କ ସହ ଅଧ୍ୟକ୍ଷ ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

୨୦୧୪ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟକୁ ପ୍ରାଥମିକସ୍ତରରେ ଓଡ଼ିଶା ସରକାରଙ୍କ ତରଫରୁ ସ୍ୱୀକୃତି ମିଳିଥିଲା। ଏହାପରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଦ୍ୟାଳୟକୁ ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଏନ୍‌ଓସି ମିଳିଥିଲା। ବର୍ତ୍ତମାନ ସିବିଏସ୍‌ଇ ପକ୍ଷରୁ ମୋହର ଲାଗିବାପରେ ବିଦ୍ୟାଳୟକୁ ସଫଳତାର ପାହାଚ ଚଢ଼ିବାରେ ସହଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଅଭିଭାବକ, ଛାତ୍ରୀଛାତ୍ର ଓ ହିତାକାଂକ୍ଷୀମାନଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ଧନ୍ୟବାଦ ଜଣାଇଛନ୍ତି। ଦଶରଥପୁର ବ୍ଲକ୍‌ର ଏକମାତ୍ର ଶିକ୍ଷାନୁଷ୍ଠାନଭାବେ ଏହି ହାଇସ୍କୁଲ୍ ସିବିଏସ୍‌ଇ ସହ ଅନୁବନ୍ଧିତ ହୋଇଥିବା ଜଣାପଡ଼ିଛି।

# ବିଜେଡି ସ୍ଥିର, ବଢୁଛି ଭାଜପା, କଂଗ୍ରେସ ନୀରବ

**ସୁକିନ୍ଦା ନିର୍ବାଚନମଣ୍ଡଳୀ**

- ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ଭିତିରିଆ ମେଳି
- ସ୍ଥାନୀୟ ନିଯୁକ୍ତି ବିରୋଧୀଙ୍କ ପ୍ରମୁଖ ଅସ୍ତ୍ର


ପ୍ରୀତିରଞ୍ଜନ ଘଡ଼ାଇ


ପ୍ରଦୀପ ବଳସାମନ୍ତ


ଶରତ ରାଉତ

**ଯାଜପୁର,୪।୪(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାରେ ଯଥେଷ୍ଟ ପ୍ରାକୃତିକ ସମ୍ପଦ ଥିଲେ ବି ସେସବୁର ଠିକ୍ ବିନିଯୋଗ ନ ହେବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ସଙ୍କୁଚିତ ହୋଇଛି। ଏହା ଉପରେ ପୁଣି ଖଣି ଓ ଶିଳ୍ପାଞ୍ଚଳରେ ଅଣଓଡ଼ିଆଙ୍କ ଅନାଧିକାର ପ୍ରବେଶ ବେକାର ଯୁବତୀଯୁବକମାନଙ୍କୁ ଅନ୍ୟ ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ କରୁଛି। ଖଣି ଓ ଶିଳ୍ପ ସମୃଦ୍ଧ ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହା ଦେଖିବାକୁ ମିଳିଛି। ଗତ ଦୁଇ ଦଶନ୍ଧି ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳବାସୀ ଏହି ସମସ୍ୟାକୁ ଠିକ୍ ଭାବେ ବୁଝି ପାରିଛନ୍ତି। ଚଳିତ ନିର୍ବାଚନରେ ଏହାକୁ ପ୍ରମୁଖ ଅସ୍ତ୍ର କରିଛି ବିରୋଧୀ ଭାଜପା। ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଦେବାକୁ ଯାଇ ଦାନଗଦିଠାରୁ ସୁକିନ୍ଦା ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ ଶାସକ ଦଳ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡେଇ(ଡାନି)ଙ୍କୁ ବିଚଳିତ କରିଛି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ଶାସକ ବିଜେଡିର କେତେଜଣ ଅସନ୍ତୁଷ୍ଟ କର୍ମୀ ଟୁଟୁଙ୍କୁ ଭିତିରିଆ ସମର୍ଥନ କରୁଥିବା ଚର୍ଚ୍ଚା ଏଥର ରାଜନୈତିକ ସମୀକରଣକୁ ଓଲଟପାଲଟ କରି ଦେଇପାରେ ବୋଲି ଆଲୋଚନା ହେଉଛି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଗତ ୩ ଦଶନ୍ଧି ହେଲା ବାପପୁଅ ନିର୍ବାଚିତ ହୋଇ ଆସୁଛନ୍ତି । ତେଣୁ ଶିଳ୍ପ ଓ ଖଣି ସମୃଦ୍ଧ ଏହି ନିର୍ବାଚନ ମଣ୍ଡଳୀରେ ଏଥର ପଟ ପରିବର୍ତ୍ତନ କିମ୍ବା ରାଜନୈତିକ ସମୀକରଣ ବଦଳିବାର ସମ୍ଭାବନା ରହିଥିବା ଚର୍ଚ୍ଚା ଜୋର ଧରିଛି। ପ୍ରତି ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଏଠାରେ କଡା ଟକ୍କର ହେଉଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଡାନି ୭୭୫୧୦(୪୮.୨%), ଭାଜପାର ଟୁଟୁ ବଳ ୬୦୭୮୦(୩୭.୭୯%) ଓ କଂଗ୍ରେସର ଶରତ ରାଉତ ୧୮୬୧୯(୧୧.୫୮%) ଭୋଟ ପାଇଥିଲେ। ଏଥିରୁ ଭାଜପା ଦ୍ୱିତୀୟ ସ୍ଥାନରେ ରହି ବିଜେଡିକୁ ସତର୍କ ସୂଚନା ଦେଇଥିଲା। ଏଥର ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ନିଯୁକ୍ତି ସହ ବିଭିନ୍ନ ପ୍ରସଙ୍ଗ ବଢିଛି। ଭୋଟରମାନେ ମଧ୍ୟ ଅଧିକ ସଚେତନ ଥିବା ମନେ ହେଉଛି। ଭୋଟରମାନଙ୍କ କହିବା କଥା ଯେ, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଣଓଡିଆଙ୍କ ରାଜୁତି ଚାଲିଛି। ଶ୍ରମିକ ଓ ବିସ୍ଥାପିତମାନେ ନିଜ ହକ୍ ପାଇଁ ଆନ୍ଦୋଳନ କଲେ ବି କେହି ଶୁଣୁ ନାହାନ୍ତି। ଏଠାରେ ପ୍ରାୟ ୪୦୦ ଠିକାସଂସ୍ଥା ମଧ୍ୟରୁ ପ୍ରାୟ ୩୦୦ ଠିକାସଂସ୍ଥା ଅଣଓଡ଼ିଆ। ଏଠାରେ କାର୍ଯ୍ୟରତ ପ୍ରାୟ ୪୫୦୦୦ ଠିକା ଶ୍ରମିକ ଠିକ୍ ଭାବେ ତାଙ୍କ ନାର୍ଯ୍ୟ ଅଧିକାର ପାଇ ପାରୁନାହାନ୍ତି। ଏହାସହ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଇ ରାଜ୍ୟ ବାହାରର ଶିକ୍ଷିତ ଯୁବତୀଯୁବକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଏଭଳି ଗୁରୁତର ସମସ୍ୟାକୁ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଉପଯୁକ୍ତ ଭାବେ ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏପରି କି ରାଜ୍ୟ ବାହାରର ଠିକାସଂସ୍ଥା ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ହାତ ମିଳାଇ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରୁଥିବା ଆଲୋଚନା ହେଉଛି। ଏହି ପ୍ରସଙ୍ଗ ଭୋଟରଙ୍କ ମନକୁ ଏଥର ଆନ୍ଦୋଳିତ କରିଛି ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ ବିଜେଡିର ଅସଫଳତା, ନଗଡ଼ାରେ ଶିଶୁ ମୃତ୍ୟୁହାର, ସୁଦୃଢ଼ ଗମନାଗମନର ଅଭାବ, ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଆଦି ପ୍ରସଙ୍ଗ ଭାଜପା ଉତ୍ଥାନର ପ୍ରମୁଖ କାରଣ ହୋଇଛି। ନଗଡ଼ାକୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଲୋକାୟୁକ୍ତରେ ମାମଲା, ଏହାର ମରାମତି ପାଇଁ ମିଥ୍ୟା ବିଲ ଭାଉଚର କରି ୪୪ ଲକ୍ଷ ଟଙ୍କା ହଡପ ଅଭିଯୋଗ ଏବଂ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଭାଗବଣ୍ଟା ନ ଛିଣ୍ଡିବାରୁ ଥାନାରେ ମାମଲା, ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟ ଅଭିଯୋଗ ଇତ୍ୟାଦି ପ୍ରସଙ୍ଗ ଭୋଟରଙ୍କୁ ବିକଳ୍ପ ଚିନ୍ତା କରିବାକୁ ବାଧ୍ୟ କରିଛି। ଏହାବାଦ୍ ସୁକିନ୍ଦା ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ପ୍ରାର୍ଥୀଙ୍କୁ କାଳ ହେବ ବୋଲି ନିର୍ବାଚନ ସମୀକ୍ଷକମାନେ କହିଛନ୍ତି । ଏହି କାରଣରୁ କଂଗ୍ରେସର ଭିତ୍ତିଭୂମିକୁ ଭାଜପା ଗତ ନିର୍ବାଚନରେ ଦଖଲ କରିବା ପରେ ଏଥର ବିଜେଡିକୁ ଅନେକ ମାତ୍ରାରେ ସଂଘର୍ଷ କରିବାକୁ ପଡୁଛି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ସହ ଆମ୍ବେଦ୍‌କର ନ୍ୟାଶନାଲ କଂଗ୍ରେସ, ବହୁଜନ ମୁକ୍ତିପାର୍ଟି, କଳିଙ୍ଗସେନା ଓ ସ୍ୱାଧୀନ ପ୍ରାର୍ଥୀ ମିଶି ପ୍ରାୟ ୨୨ ହଜାର ଭୋଟ ହାତେଇଥିଲେ। ସେତେବେଳେ ଅଧିକ ଆତ୍ମ ବିଶ୍ୱାସ ଭାଜପାକୁ ହାନୀ କରିଥିଲା ବୋଲି ମତପ୍ରକାଶ ପାଇଥିଲା। ତେବେ ଏଥର ପରିସ୍ଥିତି ବହୁଳ ଭାବେ ପରିବର୍ତ୍ତନ ହୋଇଛି । ଭାଜପା ଏଠାରେ ୨୦୧୪ରେ ୩%, ୨୦୧୭ ପଞ୍ଚାୟତ ନିର୍ବାଚନରେ ୧୦% ଓ ୨୦୧୯ ସାଧାରଣ ନିର୍ବାଚନରେ ୩୮% ଭୋଟ ପାଇ ଲମ୍ଫଡିଆ ମାରିଛି। ଭାଜପା ଏହି ସଫଳତାକୁ ଆଧାର କରି ନିର୍ବାଚନ ଲଢୁଥିବାବେଳେ ଲୋକଙ୍କ ଅତି ନିକଟତର ହେଉଥିବା ଚର୍ଚ୍ଚା ହେଉଛି। ହେଲେ ବିଜେଡି ଏହାର ମୁକାବିଲା କରିବାକୁ ଭିତ୍ତିଭୂମି ପ୍ରସ୍ତୁତ କରି ସାରିଛି। ନିର୍ବାଚନ ପାଖେଇ ଆସିଲେ ଅର୍ଥ ଓ ଲୋକବଳ ବିଜେଡିର ପ୍ରମୁଖ ଅସ୍ତ୍ର ହେବ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ କଂଗ୍ରେସ ଏକ ପ୍ରକାର ନୀରବି ଯାଇଛି। ବିଗତ ନିର୍ବାଚନର ଫଳାଫଳକୁ ବିଶ୍ଳେଷଣ କଲେ ବିଜେଡିର ଭୋଟହାର କମିଥିବାବେଳେ ଭାଜପାର ଭୋଟମୁଣି ଓଜନିଆ ହେବାରେ ଲାଗିଛି। ତେବେ ମୁଖ୍ୟ ବିରୋଧି ଦଳ ଭାବେ କଂଗ୍ରେସ ହଟିଯିବା ପରେ ଚଳିତ ନିର୍ବାଚନରେ ଭାଜପା ପ୍ରଭାବୀ ଢଙ୍ଗରେ ରଣନୀତି ଆପଣାଇଥିବାରୁ ବିଜେଡି ପାଇଁ ଏକ ଶକ୍ତ ଆହ୍ୱାନ ହୋଇଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

## ମା' ଶାରଳାଙ୍କ ପୀଠରେ ଯଜ୍ଞ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୪।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ କୁମାରୀ ପଞ୍ଚାୟତ କୁମାରୀ ଗ୍ରାମସ୍ଥିତ ମା' ଶାରଳାଙ୍କ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବ୍ୟାପୀ ହେବାକୁଥିବା ଏହି ଯଜ୍ଞ ଆସନ୍ତା ମେ' ୨ରେ ଆରମ୍ଭ ହୋଇ ୩ ତାରିଖରେ ପୂର୍ଣ୍ଣାହୁତି ହେବ। ପ୍ରଥମ ଦିବସରେ କଳସ ଅଧିବାସ ଓ ଦ୍ୱିତୀୟ ଦିବସରେ ଯଜ୍ଞ ଏବଂ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଭଗବାନ ଶତପଥୀଙ୍କ ଅଧ୍ୟକ୍ଷତାରେ ଶୈଳ ବିହାର ଗଣେଶ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହୃଷୀକେଶ ସାମଲ ଗତବର୍ଷ ଯଜ୍ଞର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଯଜ୍ଞର ବିଭିନ୍ନ ଦାୟିତ୍ୱ ଅମର ମହାନ୍ତି, ହରିହର ସାହୁ, ବ୍ରଜବନ୍ଧୁ ଶତପଥୀ, ରାଧାକାନ୍ତ ବେହୁରିଆ, ବେଣୁଧର ଦାସ, ଦେବରାଜ ମିଶ୍ର, ବ୍ରଜକିଶୋର ଦାଶ, ରମାକାନ୍ତ ଜେନା, ଗଦାଧର ମଲ୍ଲିକ, ସୁନାକର ସାହୁ, ରାମଚନ୍ଦ୍ର ସାହୁ, ବିଦ୍ୟାଧର ଧଳ, ଭରତ ସାଲ ଓ ମଦନ ମୋହନ ଷଡ଼ଙ୍ଗୀ ପ୍ରମୁଖଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ଯଜ୍ଞରେ ପ୍ରତିବର୍ଷ ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ତେଣୁ ଶାନ୍ତି ଶୃଙ୍ଖଳା ପାଇଁ ଗ୍ରାମ କମିଟି ଓ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ସ୍ଥିର କରାଯାଇଛି।

## ବିରଜାଙ୍କ ଦର୍ଶନ ପରେ ପ୍ରଚାର ଆରମ୍ଭ କଲେ ଗୌତମ

**ଯାଜପୁର ଟାଉନ,୪।୪ (ପ୍ରଯକ୍ତା ପିୟଦର୍ଶନୀ ମହାନ୍ତି):**

ଯାଜପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌତମ ରାୟ ମା' ବିରଜାଙ୍କ ଦର୍ଶନ କରିବା ପରେ ନିର୍ବାଚନ ପ୍ରଚାରକୁ ଓହ୍ଲାଇଛନ୍ତି। ସେ ଗୁରୁବାର ଯାଜପୁର ସଦର ଥାନା ଅଧୀନ ବରୁଆଁ ଛକଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ନିଜ ସମର୍ଥକଙ୍କ ଗହଣରେ ଆସି ମା' ବିରଜାଙ୍କୁ ଦର୍ଶନ କରି ନିର୍ବାଚନ ବୈତରଣୀରେ ବିଜୟ ଲାଭ କରିବା ନିମନ୍ତେ ଆଶିଷ ଭିକ୍ଷା କରିଛନ୍ତି। ଯାଜପୁର ଜିଲ୍ଲାରେ ଖଣିଜ ସମ୍ପଦ ଭରପୁର ଥିଲେ ମଧ୍ୟ ଆଜି ଜିଲ୍ଲାର ଶିକ୍ଷିତ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ଜିଲ୍ଲାରୁ ଏକଛତ୍ରବାଦ ଶାସନ ହଟେଇବା, ଦୁର୍ନୀତିର ମୂଳୋତ୍ପାଟନ କରିବା, ଲୋକଙ୍କୁ ବାକ ଶକ୍ତିର ଅଧିକାର ଦେବା ଏବଂ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାରେ କିପରି ସାଧାରଣ ଲୋକେ ଉପକୃତ ହୋଇଛନ୍ତି ଏହାକୁ ପାଥେୟ କରି ନିର୍ବାଚନ ବୈତରଣୀରେ ନିଶ୍ଚୟ ବିଜୟୀ ହେବେ ବୋଲି ଗୌତମ କହିଛନ୍ତି।


ସମର୍ଥକଙ୍କ ସହ ଭାଜପା ପ୍ରାର୍ଥୀ ଗୌତମ ରାୟ।

## ସରିଲା ବଡ଼ମଠ ଶ୍ରୀକୃଷ୍ଣ ମେଳଣ

**ବିଞ୍ଝାରପୁର,୪।୪(ରାମକୃଷ୍ଣ ଦାସ):**



ବିଞ୍ଝାରପୁର ବ୍ଲକ୍ ଅଧୀନ ମାଁସଡ଼ା ପଞ୍ଚାୟତ କଲ୍ୟାଣେଶ୍ୱରଛକସ୍ଥିତ ମେଳଣ ପଡ଼ିଆରେ ଶ୍ରୀଶ୍ରୀ କିଶୋରକିଶୋରୀ ଜୀଉ ବଡ଼ମଠ ଶ୍ରୀକୃଷ୍ଣ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଉତ୍ସବ ମଙ୍ଗଳବାର ଭୋର ସମୟରୁ ଆରମ୍ଭ ହୋଇ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଉତ୍ସବରେ ଗିରିଧାରୀ ଜୀଉ, ମଦନମୋହନ ଜୀଉ, ଗୋପୀନାଥ ଜୀଉ, ରାଧାରମଣ ଜୀଉ, କିଶୋରକିଶୋରୀ ଜୀଉ, ଗୋବିନ୍ଦ ଜୀଉ, ଦାମୋଦର ଜୀଉ ଓ ବ୍ରଜମୋହନ ଜୀଉ କୁଞ୍ଜରୁପକ ବିମାନରେ ପାରମ୍ପାରିକ କାଠି ନାଚ, ସାପ ନାଚ, ଘୋଡ଼ା ନାଚ, ଷଣ୍ଢ ନାଚ, ଘୁମୁରା ନୃତ୍ୟ, ଭଜନ ଓ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଆସି ମେଳଣ ମଣ୍ଡପରେ ପହଞ୍ଚିଥିଲେ। ଏଠାରେ ଶ୍ରୀଜୀଉମାନଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ଅବିର ରଙ୍ଗ ଖେଳି ମେଳଣ ସମାପନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ମେଳଣ ପଡ଼ିଆରେ ଲକ୍ଷ୍ମୀନାରାୟଣ ପ୍ରତିଷ୍ଠାନ ପକ୍ଷରୁ ଶମ୍ଭୁନାଥ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳଛତ୍ର କରାଯାଇଥିଲା।

ବିଜେଡି ନେତା ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଗ୍ରାମବାସୀଙ୍କ ପକ୍ଷରୁ ଶ୍ୟାମ ସୁନ୍ଦର ବେହେରା, ସପନ କୁମାର ଦାସ, ଦିବାକର ସାହୁ, ନୃସିଂହ ମିଶ୍ର, ବିଜୟ ଚାନ୍ଦ, ରବୀନ୍ଦ୍ର ବେହେରା, ଶିବପ୍ରସାଦ ବେହେରା, ବିବେକାନନ୍ଦ ଦାସ, ଗଙ୍ଗାଧର ଯେନା, ବିଜୟ ରାଉତ, ମହେନ୍ଦ୍ର ଜେନା, ବୁଦ୍ଧଦେବ ବେହେରା, ବିଜୟ ରାଉତ, ରବୀନ୍ଦ୍ର ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ, ସମର ପଣ୍ଡା, ପ୍ରଶାନ୍ତ ମିଶ୍ର ଓ ଗୁରୁପ୍ରସାଦ ମିଶ୍ର ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## କଳିଙ୍ଗନଗର ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ

**ଯାଜପୁର ରୋଡ୍,୪।୪(ପବିତ୍ର ରନ ମହାନ୍ତି)**

କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡିୟମଠାରେ ଆସନ୍ତା ୧୭ତାରିଖରୁ ଆରମ୍ଭ ହେବାକୁଥିବା କଳିଙ୍ଗନଗର ପ୍ରିମିୟର ଲିଗ(କେପିଏଲ୍)ର ୪ର୍ଥ ସଂସ୍କରଣ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ମ୍ୟାଚ୍‌ରେ ମୋଟ ୬ ଦଳ ଭାଗ ନେବେ। ଗ୍ରୁପ୍ 'ଏ'ରେ ଏଆଣ୍ଡ ଏସ୍ ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାସନଗର, ବ୍ୟାସ ଟାଇଗର୍ସ ଯୋଡ଼ାବର, ରାମେଶ୍ୱର ଫାଇଟରସ୍ ରାମଚନ୍ଦ୍ରପୁର, ଗ୍ରୁପ୍ 'ବି'ରେ ଏମ୍‌ଏମ୍‌ସିସି ସମ୍ବଲପୁର, ଢୁବୁରୀ ଫାଇଟରସ ଓ ଏବି ୟୁନିକ୍ରନସ୍ ଭୁବନେଶ୍ୱର ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବର ପ୍ରମଥ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଏହି ମ୍ୟାଚ୍ ଏ ଆଣ୍ଡ ଏସ୍ ରୟାଲ ଚ୍ୟାଲେଞ୍ଜର୍ସ ବନାମ ବ୍ୟାସ ଟାଇଗରସ୍ ମଧ୍ୟରେ ଅନୁଷ୍ଠିତ ହେବ। ୧୮ ତାରିଖ ୧ମ ମ୍ୟାଚ ଅପରାହ୍ନ ୪ଟାରୁ ଏମ୍‌ଏମ୍‌ସିସି ସମ୍ବଲପୁର ବନାମ ଢୁବୁରୀ ଫାଇଟରସ, ୨ୟ ମ୍ୟାଚ୍ ରାତ୍ର ୮ଟାରେ ରାମେଶ୍ୱର ଫାଇଟରସ ବନାମ୍ ଏ ଆଣ୍ଡଏସ୍ ରୟାଲ ଚ୍ୟାଲେଞ୍ଜର୍ସ, ୧୯ ତାରିଖରେ ୧ମ ମ୍ୟାଚ ବ୍ୟାସ ଟାଇଗରର୍ସ ବନାମ ରାମେଶ୍ୱର ଫାଇଟରସ, ୨ୟ ମ୍ୟାଚ ଏମ୍‌ଏମ୍‌ସିସି ବନାମ ଏବି ୟୁନିକ୍ରନସ୍, ୨୦ ତାରିଖ ସନ୍ଧ୍ୟା ୭ଟାରେ ଏବି ୟୁନିକ୍ରନସ୍ ବନାମ୍ ଢୁବୁରୀ ଫାଇଟରସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୧ ତାରିଖରେ ଦୁଇଟି ସେମିଫାଇନାଲ ମ୍ୟାଚ୍ ହେବ। ୧ମ ସେମିଫାଇନାଲ ଗ୍ରୁପ୍ 'ଏ'ର ଚାମ୍ପିୟନ ବନାମ୍ ଗ୍ରୁପ୍ 'ବି' ରନର୍ସ ଅପ୍, ୨ୟ ସେମିଫାଇନାଲ ଗ୍ରୁପ୍ 'ବି'ର ଚାମ୍ପିୟନ ବନାମ୍ ଗ୍ରୁପ୍ 'ଏ'ର ରନର୍ସ ଅପ୍ ମଧ୍ୟରେ ଅନୁଷ୍ଠିତ ହେବ। ୨୨ ତାରିଖ ସନ୍ଧ୍ୟା ୭ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ସିନେ ଅଭିନେତା ଏବଂ ପ୍ରତିଷ୍ଠିତ ଖେଳାଳିମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପୁରାତନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ମ୍ୟାଚ୍ ଆରମ୍ଭରୁ ଯେଉଁ ଫ୍ରାଞ୍ଚାଇଜ୍‌ମାନେ ଟିମ୍ ନେଇଥିଲେ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି କେପିଏଲ୍‌ର ସଂଯୋଜକ ନିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟର ରଞ୍ଜି ଟ୍ରଫି ଖେଳାଳିଙ୍କ ସହିତ ଅନେକ ଆଇପିଏଲ ଖେଳାଳି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କେପିଏଲ୍‌ର ଆୟୋଜକ ଅଭିଷେକ ସାହୁ କହିଛନ୍ତି। ଚାମ୍ପିୟନ ଦଳକୁ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ୧ ଲକ୍ଷ ୨୦ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ସମ୍ପାଦକ ସମ୍ବିତ ମହାନ୍ତି ପ୍ରକାଶ କରିଛନ୍ତି।

## ଲୋକଙ୍କ ସମର୍ଥନ ମହାସଂଗ୍ରାମ ଲଢ଼ିବାକୁ ବଳ ଯୋଗାଇବ

**ସିଂହପୁର,୪।୪(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଭାଜପା ପକ୍ଷରୁ ଯାଜପୁର ଲୋକ ସଭା ପ୍ରାର୍ଥୀ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ବିଞ୍ଝାରପୁର ବିଧାନସଭା ପ୍ରାର୍ଥୀ ବବିତା ମଲ୍ଲିକଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୁରୁବାର ଅପରାହ୍ନରେ ରବୀନ୍ଦ୍ର ଓ ବବିତା ତାଉଁତରାଠାରେ ପହଞ୍ଚିବା ପରେ ଦଳର ପ୍ରମୁଖ ନେତୃମଣ୍ଡଳୀଙ୍କ ସମେତ ଶହଶହ କର୍ମୀ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବାଇକ ଶୋଭାଯାତ୍ରାରେ ତାଉଁତରାଠାରୁ ବାଙ୍ଗରା ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ସମୟରେ ବିଭିନ୍ନ ଛକ, ବଜାରରେ କର୍ମୀ ମାନେ ବବିତା ଓ ରବୀନ୍ଦ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ, ୨୫ ନଂ. ମଣ୍ଡଳ ସଭାପତି ଉପେନ୍ଦ୍ର ଧଳ, ୨୬ନଂ. ମଣ୍ଡଳ ସଭାପତି ଦିନବନ୍ଧୁ ଦାସ, ୨୭ନଂ. ସଭାପତି ସୁଶାନ୍ତ ସାମଲ, ୨୮ନଂ. ସଭାପତି ମଦନ ମୋହନ ଯେନା ଓ ୭ନଂ. ମଣ୍ଡଳ ସଭାପତି ଶଶଧର ବେଉରିଆ ପ୍ରମୁଖ ପ୍ରାର୍ଥୀଙ୍କ ସହ ଉପସ୍ଥିତ ଥିଲେ। ତାଉଁତାର ଛକଠାରେ ଶ୍ୟାମସୁନ୍ଦର ନାୟକ, ସ୍ମୃତିରଞ୍ଜନ ସ୍ୱାଇଁ, ମଁଇନ୍ଦାଠାରେ ରବୀନ୍ଦ୍ର ଧଳ, ସୟଦପୁରଠାରେ ନମିତା ନାୟକ, ବିଞ୍ଝାରପୁରଠାରେ ସଞ୍ଜୀବ ସାହୁ, ବ୍ଲକ ଛକଠାରେ ଶାନ୍ତିଲତା ମିଶ୍ର, ବାଳମୁକୁଳିଠାରେ ଅଶୋକ ସାହୁ, ଧନେଶ୍ୱର ଥାଟୋଇ, ବାଛୋଳଠାରେ ଶିବପ୍ରସାଦ ଧଳ, ଜରିଠାରେ ସସ୍ମିତା ମଲ୍ଲିକ, ଗଗନ ନାୟକ, ବାଙ୍ଗରାଠାରେ ବିଷ୍ଣୁ ଚରଣ ଭୂୟାଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ। ବିଞ୍ଝାରପୁରରେ ଲୋକେ ଭାଜପାକୁ ଯେଉଁ ସମର୍ଥନ ଦେଉଛନ୍ତି ତାହା ଆମକୁ ଦୁର୍ନୀତି ବିରୋଧରେ ମହାସଂଗ୍ରମ ଲଢ଼ିବାକୁ ବଳ ଯୋଗାଇବ ବୋଲି ବବିତା ଓ ରବୀନ୍ଦ୍ର ପ୍ରକାଶ କରିଛନ୍ତି।


ସମର୍ଥକଙ୍କ ଗହଣରେ ଯାଜପୁର ଲୋକ ସଭା ପ୍ରାର୍ଥୀ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ବିଞ୍ଝାରପୁର ବିଧାନସଭା ପ୍ରାର୍ଥୀ ବବିତା ମଲ୍ଲିକ।

## ବନ୍ୟା ସୁରକ୍ଷା ଭୁଆବନ୍ଧରୁ ଗଛ କାଟିନେଲେ ଦୁର୍ବୃତ୍ତ

**ଭୋଗରାଇ, ୪।୪(ପ୍ରଦୀପ ଦାସ):**

ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ଭୁଆବନ୍ଧରୁ ଦୁର୍ବୃତ୍ତମାନେ ତାଳ ଗଛ କାଟି ନେଇଛନ୍ତି। ସୁବର୍ଣ୍ଣରେଖାର ବନ୍ୟା ପ୍ରକୋପରୁ ଭୋଗରାଇ ବ୍ଲକର ୩୨ଟି ପଞ୍ଚାୟତକୁ ସୁରକ୍ଷା ଦେବା ପାଇଁ ଏହି ବନ୍ଧ ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିଲା। ଏହା ଜଳସମ୍ପଦ ବିଭାଗ ଅଧୀନରେ ରହିଥିବା ବେଳେ ବନ୍ୟାସ୍ରୋତରୁ ସୁରକ୍ଷା ପାଇଁ ବନ୍ଧରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି। ପ୍ରାୟ ୨ଦିନ ପୂର୍ବରୁ ବନ୍ଧର ନସରାବାଦ ଗଣ୍ଡ ନିକଟରୁ ପ୍ରାୟ ୪ଟି ତାଳ ଗଛ କେହି ଦୁର୍ବୃତ୍ତ କାଟି ନେଇଛନ୍ତି। ଏଭଳି ଅନେକ ସମୟରେ ବନ୍ଧରୁ ଗଛ କାଟି ନେବା ଯୋଗୁ ବନ୍ଧ ପ୍ରତି ବିପଦ ଦେଖାଯାଇଛି। ଫଳରେ ବନ୍ଧର ସୁରକ୍ଷା ଓ ସରକାରୀ ସମ୍ପତ୍ତିର ସୁରକ୍ଷା ପ୍ରଶ୍ନବାଚୀରେ ପରିଣତ ହୋଇଛି। ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ କହିଛନ୍ତି, ଶୁକ୍ରବାର ସକାଳେ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ।

# ଭୁବନ ମେଳଣ ଉଦ୍‌ଯାପିତ


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

**ଧର୍ମଶାଳା,୪।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଭୁବନ ଗ୍ରାମରେ ୨୩ତମ ଭୁବନ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ରାତିରେ ଭୁବନ ଗ୍ରାମର ଥାନପତି ବିମାନ ରୋଷଣି କରି ଭୁବନସ୍ଥିତ ମଠପଡ଼ିଆକୁ ଆସି ଚାରାରେ ବସିଥିଲେ। ପରେ ଅନ୍ୟ ବିମାନଗୁଡ଼ିକ ଭଜନ କୀର୍ତ୍ତନ ସହ ରୋଷଣି କରି ଆସି ମେଳଣ ପଡ଼ିଆରେ ପହଞ୍ଚି ହୋଲି ଖେଳିଥିଲେ। ମେଳଣରେ ଚୋରମୁହାଁ, ଚହଟା ମହାନ୍ତି ସାହି, ବାଲିଗରି, ସେବତୀପୁର, ସମ୍ପାରୁ, ଉତ୍ତରପ୍ରତାପ, ଗୋପାଳପୁର, ବଡ଼ଚଣାବାରି ପ୍ରମୁଖ ଛୋଟବଡ଼ ୨୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ମେଳଣ କମିଟି ପକ୍ଷରୁ ସଭାପତି ଜ୍ୟୋତିର୍ମୟୀ ନାୟକ, ଉପସଭାପତି ଦାମୋଦର ନାୟକ, ସମ୍ପାଦକ ଶଶିଭୂଷଣ ନାୟକ, କୋଷାଧ୍ୟକ୍ଷ ଉମାକାନ୍ତ ମୁଦୁଲି, ସୁରେଶ ସାମଲ, ସଭ୍ୟ ଶରତ ନାୟକ, ଅକ୍ଷୟ ନାୟକ, ପ୍ରାଣକୃଷ୍ଣ ବିଶ୍ୱାଳ, ଚନ୍ଦ୍ରମଣି ନାୟକ, ଜଗନ୍ନାଥ ପାଢ଼ୀ, ଶ୍ରୀରାମଶଙ୍କର ରଣା ଓ ପାକୁନ ନାୟକ ପ୍ରମୁଖ ମେଳଣ ପରିଚାଳନା କରିଥିଲେ। ଠାକୁରଙ୍କୁ ଦର୍ଶନ କରିବା ସହିତ ମେଳଣରେ ବୁଲାବୁଲି କରିବା ପାଇଁ ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମେଳଣ କମିଟି ଓ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଅପରାହ୍ନରେ ସମସ୍ତ ବିମାନ ଠାକୁରବାଡ଼ିଆମାନେ କମିଟି ପକ୍ଷରୁ ଭୋଗ ଖାଇ ଫେରିଥିଲେ।

# ହଜାରେ ଅଣ୍ଡାରୁ ଗୋଟିଏ କଇଁଛକୁ ମିଳେ ପୂର୍ଣ୍ଣ ଜୀବନ

କେନ୍ଦ୍ରାପଡ଼ା, ୪।୪ (ଜଗନ୍ନାଥ ଧଳ)

ଚଳିତବର୍ଷ ଭିତରକନିକା ଜାତୀୟଉଦ୍ୟାନ ଅନ୍ତର୍ଗତ ଗହୀରମଥା ସମୁଦ୍ର ତଟାଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେ ସମୂହ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ବହୁ ବିଳମ୍ବରେ ଗହୀରମଥାର ବିଭିନ୍ନ ସ୍ଥାନରେ ପ୍ରାୟ ୮ ହଜାର ଅଲିଭ ରିଡ୍‌ଲେ ମଙ୍ଗଳବାର ରାତିରେ ସମୂହ ଅଣ୍ଡାଦାନ କରିଛନ୍ତି। ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଥିବା ବାବୁବାଲି, ବରୁଣେଇ, ପେଣ୍ଠ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ଏହି କଇଁଛମାନେ ଅଣ୍ଡାଦାନ ପରେ ସମୁଦ୍ରକୁ ଫେରି ଯାଇଥାନ୍ତି। ଗୋଟିଏ ଅଲିଭ ରିଡ୍‌ଲେ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡାଦାନ ବାଲିରେ କରିଥାନ୍ତି। ତେବେ ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ୫୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ବଞ୍ଚିଥାନ୍ତି ବୋଲି ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ ମହାରଣା କହିଛନ୍ତି। ଅଣ୍ଡା ନଷ୍ଟ ହେବା, ପାଣିପାଗ ପରିବର୍ତ୍ତନ, ସାମୁଦ୍ରିକ ଓ ବନ୍ୟ ଜୀବଜନ୍ତୁଙ୍କ ଶିକାର, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ, ମନୁଷ୍ୟକୃତ ଅନ୍ୟ ବାଧା ପାଇଁ ଏହି ବିରଳ କଇଁଛ ହ୍ରାସ ପାଉଥିବା ସେ ଦର୍ଶାଇଛନ୍ତି।


ଗହୀରମଥାରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଲାଗି ଆସୁଥିବା ଅଲିଭ ରିଡ୍‌ଲେ କଇଁଛ।

## ଅଲିଭ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ଆରମ୍ଭ

ତାଙ୍କ ସୂଚନା ମୁତାବକ, ଫ୍ଲାଟବ୍ୟାକ୍ସ, ଲଗରହେଡସ, ଗ୍ରୀନ ଟର୍ଟଲ, ଲେଦରବ୍ୟାକ୍ସ, ହକ୍ସବିଲସ, କେମ୍ପସ ରିଡ୍‌ଲେ ଓ ଅଲିଭ ରିଡ୍‌ଲେ ଆଦି ସାମୂହିକ ଅଣ୍ଡାଦାନ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିଥାନ୍ତି। ଏମାନଙ୍କ ମଧ୍ୟରୁ ଏକମାତ୍ର ଅଲିଭ ରିଡ୍‌ଲେ ପ୍ରଜାତି କଇଁଛ ବଙ୍ଗୋପସାଗରର ଓଡ଼ିଶା ତଟବର୍ତ୍ତୀ ଅଞ୍ଚଳକୁ ଆସିଥାନ୍ତି। କେତେକ କ୍ଷେତ୍ରରେ ଏମାନଙ୍କ ଆସିବା ସମୟରେ ମୃତ୍ୟୁ ଘଟୁଥିବା ବେଳେ ଅଣ୍ଡାରୁ ଶାବକ ହେବା ପୂର୍ବରୁ ବିପର୍ଯ୍ୟୟର ଶିକାର ହେବାକୁ ପଡ଼େ।

ଅଣ୍ଡା ଓ ଶାବକକୁ କଙ୍କଡ଼ା, ପକ୍ଷୀ, ସରୀସୃପ ଓ ବନ୍ୟଜନ୍ତୁଙ୍କ ବିପଦ ଅଛି। ସେହିପରି କୁକୁରଙ୍କ ଦୃଷ୍ଟି ଏମାନଙ୍କ ଉପରେ ନିବଦ୍ଧ ଥିବାରୁ ଅଣ୍ଡା ଓ ଶାବକ ନଷ୍ଟ ହୋଇଥାନ୍ତି। ଶାବକମାନେ ସାଧାରଣରେ ଅଣ୍ଡାରୁ ବାହାରିବା ପରେ ରାତିର ସାମାନ୍ୟ ଆଲୁଅରେ ସମୁଦ୍ରକୁ ଯାଇଥାନ୍ତି। ମାତ୍ର କେତେକ ଅଞ୍ଚଳରେ ଗାଡ଼ିର ଉଜ୍ଜ୍ୱଳ ଆଲୋକ ପରି ଅନ୍ୟ ଆଲୋକ ଉତ୍ସକୁ ଅନୁସରଣ କରି ଶାବକ ସମୁଦ୍ରର ବିପରୀତ ମୁଖୀ ହେବା ବହୁ ନଜିର ଅଛି। ସେହିପରି ସମୁଦ୍ର କୂଳରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଛତା, ବେଞ୍ଚ, ଜାଲ ଆଦି ସମୁଦ୍ରକୁ ଫେରିବାରେ ବାଧା ଦେଇଥାଏ। ନିଷିଦ୍ଧାଞ୍ଚଳରେ ପଶି କଇଁଛ ଅଣ୍ଡା ଓ ଶାବକକୁ କେତେଜଣ ବ୍ୟକ୍ତି ଚୋରାଇ ନେଇ ବ୍ୟବସାୟ କରିଥାନ୍ତି। ସମୁଦ୍ରରେ ପହଞ୍ଚିବା ପରେ ମଧ୍ୟ ବହୁ ବିପଦର ସମ୍ମୁଖୀନ ହୋଇଥାନ୍ତି। ମତ୍ସ୍ୟ ବ୍ୟବସାୟୀଙ୍କ ଗିଲନେଟର, ଟ୍ରଲର ମାଡରେ କଇଁଛଙ୍କ ଶରୀର କ୍ଷତାକ୍ତ ହୋଇଥାଏ। ସମୁଦ୍ରରେ ଭାସୁଥିବା ପ୍ଲାଷ୍ଟିକ ଓ ଅନ୍ୟ ବର୍ଜବସ୍ତୁର ଆହାର ଏମାନଙ୍କ ବିପଦ ସାଜିଥିବା ବେଳେ ଭାସମାନ ତୈଳ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ସୃଷ୍ଟି କରେ। ସମୁଦ୍ର କୂଳରେ ବର୍ଜ୍ୟବସ୍ତୁ ନ ଫିଙ୍ଗିବା, ଜାଲରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ) ଲଗାଇବା, ଅଣ୍ଡାଦାନ ସମୟରେ କୃତ୍ରିମ ଆଲୋକ ବ୍ୟବହାର ନ କରିଲେ ଏମାନଙ୍କ ବଂଶବୃଦ୍ଧି ହୋଇପାରିବ ବୋଲି ରେଞ୍ଜ ଅଧିକାରୀ ମହାରଣା ସୂଚନା ଦେଇଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ସ୍ଥାନୀୟ ବନ ବିଭାଗର କର୍ମଚାରୀ ଅଭାବ ସହ ବେଆଇନ ମାଛ ଧରା କଇଁଛ ସୁରକ୍ଷା ପାଇଁ ବାଧକ ସାଜିଛି। ଏଥିସହି ତଟବର୍ତ୍ତୀ ଅଞ୍ଚଳରେ ବଢୁଥିବା ଚିଙ୍ଗୁଡ଼ି ଘେରିରୁ ବାହାରୁ ଥିବା ବିଷାକ୍ତ ରାସାୟନିକ ଦ୍ରବ୍ୟ କଇଁଛଙ୍କ ମୃତ୍ୟୁର କାରଣ ହୋଇଛି। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଆଗାମୀଦିନରେ ଏହି ବିରଳ କଇଁଛଙ୍କ ସମୂହ ବଂଶ ଲୋପର କାରଣ ହେବ। ଜୀବଜନ୍ତୁଙ୍କୁ ଭଲ ପାଇବା ସହ ଗଛ ଲଗାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମାର୍ଚ୍ଚ ୮ରୁ ୧୩ ତାରିଖ ମଧ୍ୟରେ ଏହି ଅଞ୍ଚଳରେ ମୋଟ ୫,୧୨,୧୭୫ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ କରିଥିଲେ।

## ଭାଜପା ପକ୍ଷରୁ ମିଶ୍ରଣ ପର୍ବ

ରାଜନଗର, ୪।୪ (ଭାସ୍କର ରାଉତରାୟ)

ଭାଜପା ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଘୋଷଣା ବିଳମ୍ବିତ ହେଉଥିବା ବେଳେ ଏପଟେ କିନ୍ତୁ ଟିକେଟ ପାଇଁ ଆଶାୟୀ ଥିବା ଯୁବନେତା ଅଜୟ କୁମାର ବେହେରା ସଙ୍ଗଠନକୁ ସୁଦୃଢ କରିବା ପାଇଁ ମିଶ୍ରଣ ପର୍ବ ଜାରି ରଖିଛନ୍ତି। ଗୁରୁବାର ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ତରପଦାଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଭାଜପାରେ ସାମିଲ ହୋଇଥିଲେ। ଦଳରେ ଯୋଗ ଦେଇଥିବା ବିଭୂତି ରାଉତ, ଜୟୀରାମ ରାଉତ, ବିକ୍ରମ ରାଉତ, ଦୁଃଖିରାମ ରାଉତ, ନିଗମାନନ୍ଦ ରାଉତ, ଅଚ୍ୟୁତି ରାଉତ, ଅନିଲ ରାଉତ, ରବୀନ୍ଦ୍ର ରାଉତ, ଗୁରୁବାରି ରାଉତ, ଊର୍ମିଳା ରାଉତ, ଅଜୟ ରାଉତ, ଗୌତମ ରାଉତ, ବେଙ୍ଗଲତା ରାଉତ, କବିତା ରାଉତ, ପାନ ରାଉତ, ପୁଷ୍ପଲତା ରାଉତ, ପ୍ରତୀମା ରାଉତ, ରାକ୍ଷୀ ରାଉତ, ସୁକାନ୍ତୀ ରାଉତ, ଦାମୋଦର ବିଶ୍ୱାଳ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଜୋନ ସଭାପତି ପ୍ରମୋଦ ଦାସ ଓ ପଞ୍ଚାୟତ ସଭାପତି ସନ୍ତ ସାହୁ, ଉପସଭାପତି ଅଭୟ ରାଉତଙ୍କ ଉପସ୍ଥିତିରେ ଯୁବନେତା ବେହେରା ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ହାଜର ହେଲେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ

କଟକ,୪।୪ (କାର୍ତ୍ତିକ ସାହୁ)

ଜଣେ ଜମି ମାଲିକଙ୍କ ବ୍ୟକ୍ତିଗତ ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲାରେ ରୁଜୁ ଅଦାଲତଙ୍କ ଆଦେଶ ଅବମାନନା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ଶୁଣାଣିବେଳେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ନିର୍ବାହୀଯନ୍ତ୍ରୀ ବ୍ୟକ୍ତିଗତ ହାଜର ହୋଇ ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଆସନ୍ତା ୪ ମାସ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟଙ୍କୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇଛି। ମାମଲାର ବିବରଣୀ ଅନୁଯାୟୀ, କେନ୍ଦ୍ରାପଡ଼ାର ଗୋବରୀ ନଦୀ ଖନନବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ଲକ୍ଷ୍ମୀକାନ୍ତ ନାୟକ ନାମକ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ଖୋଳି

### ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲା

ନଦୀରେ ମିଶାଇ ଦେଇଥିଲେ। ଏ ନେଇ ଜମି ମାଲିକ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ମାସେ ମଧ୍ୟରେ ପଥର ପ୍ୟାକିଂ କରି ଉକ୍ତ ଜମିକୁ ପୋତିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିଭାଗୀୟ କର୍ତ୍ତୃପକ୍ଷ ପାଳନ କରି ନ ଥିଲେ। ଫଳରେ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ପଥର ପ୍ୟାକିଂରେ ବିଳମ୍ବ ହେଉଥିବାରୁ ଏହାର ଜବାବ ଦେବା ନିମନ୍ତେ ହାଇକୋର୍ଟ ନିର୍ବାହୀ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି।

## ୬ରେ ଇନ୍ଦୁପୁର ମହାବାରୁଣୀ ସ୍ନାନଯାତ୍ରା


ମା' ଚଣ୍ଡୀଙ୍କ ମନ୍ଦିର ନିକଟରେ ଅସ୍ଥାୟୀ ଦୋକାନ ପଡିଛି।


ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମସ୍ଥଳ ହେବ ମହାବାରୁଣୀ ସ୍ନାନ।

ଡେରାବିଶ, ୪।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦୁପୁରଠାରେ ଚଳିତବର୍ଷ ମହାବାରୁଣୀ ଯାତ୍ରା ୬ ତାରିଖରେ ଅନୁଷ୍ଠିତ ହେବ। ଦୀର୍ଘବର୍ଷ ପରେ ଚଳିତବର୍ଷ ମହାଯୋଗ ବାରୁଣୀ ସ୍ନାନ ପଡୁଥିବାରୁ ଏହି ଯାତ୍ରାରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମ ସ୍ଥଳରେ ଅନୁଷ୍ଠିତ ଏହି ମହାବାରୁଣୀ ସ୍ନାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ବାରୁଣୀ କମିଟି, ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର କରାଯାଇଛି। ୫ତାରିଖ ବିଳମ୍ବିତ ରାତିରୁ ଇନ୍ଦୁପୁର ବାରୁଣୀ ଘାଟଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବା ବେଳେ ୬ ତାରିଖ ଶନିବାର ପ୍ରାତଃରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇବେ। ଏଥିପାଇଁ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଏ ନେଇ ଘାଟରେ ସ୍ୱତନ୍ତ୍ର ବାରିକେଡ୍ କରାଯିବା ସହ ଶୁକ୍ରବାର ଅଗ୍ନିଶମ ବିଭାଗର ଅଧିକାରୀ ଘାଟ ନିକଟରେ ରହିବା ସହ

### ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ସେଠାରେ ସ୍ୱତନ୍ତ୍ର ବୋଟ୍ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଥିବା ଜିଲା ଅଗ୍ନିଶମ ସରକାରୀ ଅଧିକାରୀ ଦିଲୀପ କୁମାର ରାଉତ ସୂଚନା ଦେଇଥିଲେ। ସେହିପରି ଏହି ବାରୁଣୀ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇ ୭ ଦିନ ଧରି ଚାଲିବ। ନିକିରାଇ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଆଇଆଇସି ଜ୍ୟୋତିର୍ମୟୀ ସେଠୀ ସୂଚନା ଦେଇଛନ୍ତି। ଆଇଆଇସିଙ୍କ ସୂଚନା ଅନୁଯାୟୀ, ନିର୍ବାଚନକୁ ଦୃଷ୍ଟିରେ ରଖି ବାରୁଣୀ ଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏଥିପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ନିଜେ ଉପସ୍ଥିତ ରହିବା ସହ ଜିଲାର କେତେଜଣ ପୋଲିସ ଅଧିକାରୀଙ୍କ ସମେତ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ତେବେ ୭ ତାରିଖ ରବିବାର ବିରୂପା ନଦୀପଠାରେ ଇନ୍ଦୁପୁର ବାରୁଣୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାରଠାରୁ ଯଜ୍ଞ ମଧ୍ୟ ଅନୁଷ୍ଠିତ ହେବ। ଯାତ୍ରୀଙ୍କ ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ସେବାକାର୍ଯ୍ୟ ଯୋଗାଇ ଦେବା ସହ ଅଧିକ ଶୃଙ୍ଖଳିତ କରାଯିବା ପାଇଁ ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର, କମିଟିର କର୍ମକର୍ତ୍ତା ସାଗର ଜେନା, ପ୍ରକାଶ ଚନ୍ଦ୍ର ଜେନା, ଦୁଷ୍ମନ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ସରପଞ୍ଚ ପ୍ରଦୀପଙ୍କ ସୂଚନା ଅନୁଯାୟୀ ଯାତ୍ରା ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ବେଳେ କେନ୍ଦ୍ରାପଡା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି । ଏଥିପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବହୁ ସ୍ୱେଚ୍ଛାସେବୀ ନିୟୋଜିତ ରହିବା ପାଇଁ ବ୍ୟବସ୍ଥା ହୋଇଛି । ତେବେ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାରୁଣୀ ଯାତ୍ରା ପାଇଁ ଗୁରୁବାରଠାରୁ ଦୋକାନୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ପରମ ଆରାଧ୍ୟା ମା' ଚଣ୍ଡୀଙ୍କ ମନ୍ଦିର ଆଜିଠାରୁ ଚଳଚଞ୍ଚଳ ହେଉଛି ।

## ବିଜେଡିର ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ବିଶାଳ ସମାବେଶ

ପଟ୍ଟାମୁଣ୍ଡାଇ, ୪।୪ (କଳ୍ପତରୁ ନାୟକ)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତକୁ ନେଇ ଏକ ମିଳିତ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋଠାରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବିଶାଳ ସମାବେଶରେ କେନ୍ଦ୍ରାପଡ଼ା ଲୋକସଭା ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ମିଳିତ ରଣ ହୁଙ୍କାର ଦେଇଛନ୍ତି। ଜନସେବା ଓ ବିକାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ଏହି ବିକାଶଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲୋକସଭା ଓ ବିଧାନସଭାରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ ନେତା, କର୍ମୀ, ସମର୍ଥକଙ୍କୁ କହିଥିଲେ। ସମାବେଶରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ନିମାଇ କର, ଯଦୁମଣି ଦାସ, ସୁରେନ୍ଦ୍ର ପଣ୍ଡା, ପ୍ରଦୀପ ପ୍ରଧାନ, ପଞ୍ଚାନନ ଧଳ, ସରପଞ୍ଚ ବନୋଜ ସେଠୀ, ନରେଶ ମଲିକ, ଦମୟନ୍ତୀ ସାମନ୍ତରାୟ, ସଂଗ୍ରାମ ବାରିକ, ଅନିଲ ଲେଙ୍କା, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ମମତା ସାମଲ, ପ୍ରିୟବ୍ରତ ଓଝା, ବୁଦ୍ଧିରାମ ବେହେରା, ପୂର୍ବତନ ସରପଞ୍ଚ ମିନତି ପାତ୍ର, ବିରଞ୍ଚି ନାରାୟଣ ଦାଶ, କଳାକର ପ୍ରଧାନ, ଧରଣୀଧର ଭୂୟାଁ, ମାଗୁଣି ଲେଙ୍କା ଯୁବନେତା ପ୍ରତାପ ସେଠୀ, ରାମଚନ୍ଦ୍ର ରାଉତ, ଅରକ୍ଷିତ ସାହୁ, ଅଜାମ୍ବର ପ୍ରଧାନ, କିଶୋର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସିଂହ, ସଂଗ୍ରାମ ସ୍ୱାଇଁ, ସୁବ୍ରତ ରାଉଳ, ସୂର୍ଯ୍ୟକାନ୍ତ ରାଉତ, ଶଶିକାନ୍ତ ପଣ୍ଡା, ମାନସ ମଲ୍ଲିକ ପ୍ରମୁଖ ଭାଷଣ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଅଂଶୁମାନ ଓ ଧ୍ରୁବ ଭାଇଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ମିଳିତ ବିଶାଳ ସମାବେଶ ପରେ ପଟ୍ଟାମୁଣ୍ଡାଇ ବ୍ଲକରେ ବିଜେଡି ସ୍ଥିତି ଅଧିକ ମଜବୁତ ହେବା ସହ ବିରୋଧୀଙ୍କ ନିଦ ହଜାଇ ଦେଇଛି।


ସମାବେଶରେ ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି।

## ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଧୀରେନ, ଶଙ୍କର୍ଷଣ

କେନ୍ଦ୍ରାପଡ଼ା, ୪।୪ (ଜଗନ୍ନାଥ ଧଳ)


ଧୀରେନ କୁମାର ସାହୁ


ଶଙ୍କର୍ଷଣ ପଣ୍ଡା

ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ରାଜ୍ୟ ସମବାୟ ନିବନ୍ଧକ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ଭାବେ ବର୍ଷୀୟାନ ସାମାଜିକ କର୍ମୀ ଶଙ୍କର୍ଷଣ ପଣ୍ଡା ଓ ବରିଷ୍ଠ ଆଇନଜୀବୀ ଧୀରେନ କୁମାର ସାହୁଙ୍କୁ ଗୁରୁବାର ମନୋନୀତ ହୋଇଛନ୍ତି। ରାଜ୍ୟ ସମବାୟ ସମୂହର ନିବନ୍ଧକଙ୍କ ପକ୍ଷରୁ ଏଥିନେଇ ବିଧିବଦ୍ଧ ଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ସିଇଓଙ୍କୁ ଜଣାଇ ଦିଆଯାଇଛି। ଓଡ଼ଶା ସମବାୟ ଆଇନ-୧୯୬୨ର ଧାରା ୩୧(୧) ଅନୁଯାୟୀ ରାଜ୍ୟ ସରକାର ବ୍ୟାଙ୍କର ପରିଚାଳନା ପରିଷଦକୁ ଏହି ଦୁଇଜଣଙ୍କୁ ମନୋନୀତ କରିଥିବା ଜଣାପଡିଛି। କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସ୍ୱଚ୍ଛତା ଓ ଆର୍ଥିକ ଉନ୍ନତି ଅଣାଯାଇ ପାରିବ ବୋଲି ନୂତନ କରି ନିଯୁକ୍ତି ପାଇଥିବା ନିର୍ଦ୍ଦେଶକମାନେ ପ୍ରକାଶ କରିଛନ୍ତି।

## ପୂର୍ବତନ ବିଧାୟିକା ସରସ୍ୱତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୪।୪ (ଜଗନ୍ନାଥ ଧଳ)

ରାଜନଗରର ପୂର୍ବତନ ବିଧାୟିକା ସ୍ୱର୍ଗତ ସରସ୍ୱତୀ ଦେବୀଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକ ଗୁରୁବାର ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ସ୍ୱର୍ଗତ ସରସ୍ୱତୀ ଦେବୀଙ୍କ ସମ୍ପର୍କରେ କହିଥିଲେ ଯେ, ରାଜ୍ୟର ପ୍ରଥମ ବିଧାନସଭା ନିର୍ବାଚନରେ ୩ ମହିଳା ନିର୍ବାଚିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାର ସରସ୍ୱତୀ ଦେବୀ ଓ ଆଳିର ରାମରାଜ କୁମାରୀ ବିଧାୟିକା ହୋଇଥିଲେ। ତତ୍କାଳୀନ ସମୟରେ ଗମନାଗମନର ସୁବିଧା ନ ଥିବା ରାଜନଗର ଓ ମହାକାଳପଡା ଅଞ୍ଚଳରେ ଚିକିତ୍ସା ସୁବିଧା ଓ ଶିକ୍ଷାର ପ୍ରସାର ପାଇଁ ସ୍କୁଲ ପ୍ରତିଷ୍ଠା, ଗମନାଗମନର ସୁବିଧା ପାଇଁ ରାସ୍ତା ନିର୍ମାଣ ହୋଇଥିଲା। ଲୋକଙ୍କ ପାଖରେ ଜଳାଭାବ ଦୂର କରିବାକୁ ବଡ଼ବଡ଼ ପୁଷ୍କରିଣୀମାନ ଖନନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ସେ ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ଉତ୍ସବରେ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗୀରଥି ଜେନା, ସୁରେଶ ଚନ୍ଦ୍ର ପଟ୍ଟନାୟକ, କୈଳାସ ଚନ୍ଦ୍ର ମହାନ୍ତି, ଅଜିତ ରାଉତ, କୃଷ୍ଣଚନ୍ଦ୍ର ଜେନା, ଗୌରାଙ୍ଗ ସାହୁ, ଶ୍ରୀନିବାସ ପରିଡା ପ୍ରମୁଖ ସାମିଲ ହୋଇଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

## ପଟ୍ଟାମୁଣ୍ଡାଇ କଲେଜରେ ଏଡ୍‌ସ୍ ସଚେତନତା

ପଟ୍ଟାମୁଣ୍ଡାଇ, ୪।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ରେଡକ୍ରସ ଓ ରେଡରିବନ କ୍ଲବ ପକ୍ଷରୁ ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ ଓ ପ୍ରାଧ୍ୟାପକ ଡ. ଫକୀର ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ଏଡ୍‌ସ୍ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏନ୍‌ସିସି ବାଳିକା ଶାଖା ଲେଫ୍‌ଟନାଣ୍ଟ ଅଧ୍ୟାପିକା ଆର.ଏଲ. ମଧୁସ୍ମିତା ପରିଡ଼ା, ପୁରୁଷ ଶାଖା ଲେଫ୍‌ଟନାଣ୍ଟ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଏଡ୍‌ସ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ରେଡକ୍ରସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସରୋଜକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଞ୍ଜନ ବେହୁରା, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧ୍ୟାପକ ଶୁଭାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ପୂର୍ବରୁ ଏନ୍‌ସିସି ଛାତ୍ରୀଛାତ୍ରମାନେ ପ୍ଲାକ କାର୍ଡ ଧର ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଏଡ୍‌ସ୍ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।

## ପଲ୍ଲୀ ରଘୁନାଥପୁର ଗାଁରେ ପାନୀୟ ଜଳ ସଙ୍କଟ

ଡେରାବିଶ, ୪।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏଭଳି ସମସ୍ୟାରେ ଉବୁଟୁବୁ ହେଉଛନ୍ତି ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁର ଗାଁର ଲୋକମାନେ। ଏହି ଗାଁର ଲୋକେ ଦୀର୍ଘଦିନ ଧରି ଡେରାବିଶ ବ୍ଲକ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଗୁରୁବାର ଗ୍ରାମର ୧ନଂ. ଓ ୨ନଂ. ୱାର୍ଡର ଅଧିବାସୀମାନେ ଜିଲାପାଳଙ୍କୁ ଭେଟି ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଓଭରହେଡ୍ ପାଣିଟାଙ୍କି ରହିଛି। ଏହି ଟାଙ୍କିରୁ ପାଇପ ଯୋଗେ ୪ଟି ୱାର୍ଡକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଗ୍ରାମର ୧ନଂ. ଓ ୨ନଂ. ୱାର୍ଡର ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପିଇବା ପାଣିଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇ ପାରୁନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଟାଙ୍କିରୁ ପାଇପ ଯୋଗେ ପାଣି ଛଡ଼ାଯାଉଥିବା ବେଳେ କେତେଜଣ ଅସାଧୁ ବ୍ୟକ୍ତି ଚୋରାରେ ମୋଟର ଲଗାଇ ନିଜ ଚାଷ ଜମିକୁ ପାଣି ମଡାଉଥିବାରୁ ଏହି ଦୁଇ ୱାର୍ଡବାସୀ ଜଳକ୍ଲିଷ୍ଟ ଭାବେ ଦୁର୍ଦ୍ଦଶା ଭୋଗୁଛନ୍ତି। ପାଣି ପାଇଁ ଦୈନିକ ସ୍ଥାନୀୟ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ନିକିରାଇ ପଞ୍ଚାୟତ ହରିନବାବି ଗ୍ରାମକୁ ପାଇପ ଯୋଗେ ଥିବା ପାନୀୟଜଳ ଉପରେ ନିର୍ଭରଶୀଳ ହେଉଛନ୍ତି। ବିଶେଷକରି ଗ୍ରାମର ମହିଳାମାନେ ଏଥିନିମନ୍ତେ ବହୁ ଦୂରରେ ଥିବା ଗାଁରୁ ପାଣି ଆଣିବାକୁ ପଡୁଛି। ବ୍ଲକରେ କାର୍ଯ୍ୟରତ ଥିବା


ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ପଲ୍ଲୀ ରଘୁନାଥପୁର ଗାଁର ଲୋକମାନେ।

### ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସେ ଆଜିକାଲି କହି କେବଳ ସମୟ ଗଡାଇ ଚାଲିଛନ୍ତି ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ତେବେ ଏହି ଅଭିଯୋଗ ପରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଡେରାବିଶ ବ୍ଲକ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୁଦ୍ରମାଧବ ସେଠୀଙ୍କୁ ପଚାରିବାରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇବା ପରେ ଗୁରୁବାର ସମ୍ପୃକ୍ତ ଗ୍ରାମକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଦିନେ କି ଦୁଇଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଇଲେକ୍ଟ୍ରୋନିକ୍ସ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର,୪।୪(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲେକ୍ଟ୍ରୋନିକ୍ସ ବିଭାଗ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଆୟୋଜିତ ସଭାରେ କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରି ସ୍ନାତକ ଡିଗ୍ରୀ ସରିବା ପରେ ଛାତ୍ରୀଛାତ୍ରମାନେ କ'ଣ କଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ପ୍ରଶାସନିକ ଅଧିକାରୀଣି ପ୍ରାଧାପିକା ଆରତୀବାଳା ପ୍ରଧାନ, ବରିଷ୍ଠ ପ୍ରାଧାପକ ବିଭାସ ଦାସ, ଅଧାପକ ହରିଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ଅଧାପକ ବୁଦ୍ଧିନାଥ ବେହେରା ସଭା ସଂଯୋଜନା କରିଥିଲେ।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ଗଞ୍ଜାମ,୪।୪(ବିଦ୍ୟାଧର ସାହୁ)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲୁର ଜଙ୍ଗସନ୍ନିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ରାଣୀ ଲକ୍ଷ୍ମୀବାଇ ଆତ୍ମ ସୁରକ୍ଷା କ୍ୟାମ୍ପ ପକ୍ଷରୁ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ କ୍ୟାମ୍ପରେ ଆସିଥିବା ଦୁଇ ପ୍ରଶିକ୍ଷିକା ନିମଶୂଳା ବିଦ୍ୟାଳୟର ସଂଗୀତା ବିଷୋୟୀ, ପାଲିବନ୍ଧ ବିଦ୍ୟାଳୟର ଫିରୋଜ ସିଂ ସାମନ୍ତ ଯୋଗଦେଇ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ବିଦ୍ୟାଳୟର ନୋଡ଼ାଲ ଶିକ୍ଷକ ଉଷାରାଣୀ ପଟ୍ଟନାୟକ ଛାତ୍ରୀ ସୁରକ୍ଷା ତାଲିମ ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟକାରୀତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ହତ୍ୟା ଘଟଣା ବିଷପିଇ ଅଭିଯୁକ୍ତଙ୍କ ବାପା ମୃତ, ମା'ଗୁରୁତର

ପୁରୁଷୋତ୍ତମପୁର,୪।୪(ସୀମାଞ୍ଚଳ ମିଶ୍ର): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ପୂର୍ବତନ ସରପଞ୍ଚ ନନ୍ଦିନୀ ବେହେରାଙ୍କ ଦେଢ଼ଶୁର କାହ୍ନୁଚରଣ ବେହେରାଙ୍କୁ ଗତ ଶୁକ୍ରବାର ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଅ ସମ୍ପୃକ୍ତ ଥିବା ଜାଣିବା ପରେ ଗୁରୁବାର ଜଣେ ଅଭିଯୁକ୍ତଙ୍କ ବାପା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଶିକୁଳାର ନାରାୟଣ ସ୍ୱାଇଁ। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସ୍ୱାଇଁ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁର କାହ୍ନୁଚରଣ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସେହି ଗ୍ରାମର ସନାତନ ପ୍ରଧାନ ଓ ତାଙ୍କର ସହଯୋଗୀ ସନ୍ତୋଷ ବୋଲି ତଦନ୍ତରୁ ଜଣାପଡିଥବଲା। ଏହା ଜାଣିବା ପରେ ସନ୍ତୋଷଙ୍କ ମା'ବାପା ଲୋକ ଲଜ୍ଜା ସହି ନ ପାରି ବିଷ ଦେଇଥିଲେ। ଉଭୟଙ୍କୁ ଚିକିତ୍ସା ଲାଗି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ପୁରୁଷୋତ୍ତମପୁର ଥାନା ଆଇଆଇସି ବିପିନ ବିହାରି ହୋତା ସୂଚନା ଦେଇଛନ୍ତି।

# ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି

ପାରଳାଖେମୁଣ୍ଡି,୪।୪(ଗିରିଧାରୀ ପରିଛା):

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି ଜିଲା। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡିଛି ସାଧାରଣ ଜନଜୀବନ। ଗୁରୁବାର ସଦର ମହକୁମା ପାରଳାଖେମୁଣ୍ଡିଠାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ପ୍ରଚଣ୍ଡ ଖରା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଗଜପତି ଜିଲା ଏମିତି ଏକ ଭୌଗୋଳିକ ସ୍ଥିତିରେ ଅବସ୍ଥିତ, ଯାହାଦ୍ୱାରା ସମସ୍ତ ଋତୁର ପ୍ରଭାବ ଏଠି ସମାନ ଭାବରେ ପଡ଼େ ତେଣୁ ଏଠାରେ ପ୍ରତ୍ୟେକ ବର୍ଷ ମୁଣ୍ଡ ଫଟାଖରା ଅନୁଭୂତ ହୁଏ। ଗତ ଏକ ସପ୍ତାହ ଧରି ପାରଳାଖେମୁଣ୍ଡି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଚଷମା ପିନ୍ଧୁଛି ତ କିଏ ଛତା, ଓଦା କପଡା, କଳା ଚଷମା ବ୍ୟବହାର କରୁଛି ତ ଆଉ କିଏ ଆଖୁରସ, ଲସି, ତରଭୁଜ ଖାଇ ଖରାର ସାମ୍ନା କରୁଛନ୍ତି। ବେପାରୀଙ୍କ ପାଇଁ ଖରା ସେମାନଙ୍କ ବ୍ୟବସାୟକୁ ଦ୍ୱିଗୁଣିତ କରୁଥିବା ବ୍ୟବସାୟୀମାନେ କହିଛନ୍ତି। ଖରାରେ ଶ୍ରମିକମାନେ କାମ କରିବା ପାଇଁ ଯିବାକୁ ବାଧ



ପ୍ରବଳ ଖରା ଯୋଗୁ ଦୁଇ ଯୁବତୀ ଛତାଧରି ଯାଉଛନ୍ତି।

ହେଉଥିବା ବେଳେ ପ୍ରତ୍ୟେକ ବର୍ଷ ଖରାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିଲା। କିନ୍ତୁ ପାରଳାଖେମୁଣ୍ଡିଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଦେଖିବାକୁ ମିଳୁ ନ ଥିବା ଯୋଗୁ ବୁଦ୍ଧିଜୀବୀ ମହଲ କ୍ଷୋଭ ପ୍ରକାଶ କରିଛନ୍ତି। ଦିନ ୧୧ଟାରୁ ସନ୍ଧ୍ୟା ୫ଟା ଯାଏ ଜିଲାର ଅଧିକାଂଶ ଦୋକାନ ବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଶୂନଶାନ ଦେଖିବାକୁ ମିଳୁଛି। ତେବେ ଅଂଶୁଘାତର ସମ୍ଭାବନା ଥିବାରୁ ପ୍ରଶାସନ ତରଫରୁ ପୂର୍ବ ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ସଚେତନତା କରାଯାଇଛି। ଅଂଶୁଘାତର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିଥିବା ବେଳେ ଜିଲା ଚିକିତ୍ସାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲା ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପି କେ ପାତ୍ର କହିଛନ୍ତି। ସାରା ଜିଲା ତତଲା କଡ଼େଇରେ ଭାଜି ହେଉଥିବା ବେଳେ ଆଗକୁ ଆହୁରି ଦୁଇ ମାସ ଖରା ଅଛି, ତେବେ ଅଂଶୁଘାତ ଯୋଗୁ କାହାର ମୃତ୍ୟୁ ଯେପରି ନ ହୁଏ ସେଥିପାଇଁ ଜିଲା ପ୍ରଶାସନ ସଜାଗ ରହିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ଶ୍ରୀ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ମା' ବାଙ୍କେଶ୍ୱରୀ କ୍ରିକେଟ ଟିମ ଚାମ୍ପିୟନ

ଦିଗପହଣ୍ଡି,୪।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମରେ ଗତ ୨୬ ତାରିଖଠାରୁ ଚାଲିଥିବା ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବି.ତୁରୁବୁଡି ଗ୍ରାମ ମା' ବାଙ୍କେଶ୍ୱରୀ କ୍ରିକେଟ ଟିମ୍ ପ୍ରତିପକ୍ଷ କୁକୁଡ଼ାଖଣ୍ଡି ବ୍ଲକ ମସିହାଖାଲି ଗ୍ରାମ କ୍ରିକେଟ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ବି.ତୁରୁବୁଡି ଗ୍ରାମ ମା' ବାଙ୍କେଶ୍ୱରୀ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ମସିହାଖାଲି ଗ୍ରାମ କ୍ରିକେଟ ଟିମ ୧୨ ଓଭରରେ ୯ ଉଇକେଟ ହରାଇ କେବଳ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ୭ ରନରେ ମା' ବାଙ୍କେଶ୍ୱରୀ କ୍ରିକେଟ ଟିମ୍ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚରେ ବୁଦ୍ଧିଆ ପାତ୍ର, କାମେଶ୍ୱର ପାତ୍ର, ଈଶ୍ୱର ପାତ୍ର, ଶ୍ୟାମ ପାତ୍ର ଅମ୍ପାୟରିଂ କରିଥିଲେ। ମଙ୍ଗୁଲୁ ସେଠୀ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଯୋଗେନ୍ଦ୍ର ସେଠୀ ଏବଂ ଏମ.ସୁରେନ୍ଦ୍ର ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଶଙ୍କର ପାତ୍ର, ମନୀଷ ମହାରଣା,ଏସ୍.ଗୋପାଳ ରେଡ୍ଡୀ,ଟିକୁ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଞ୍ଜାମରେ ଚାଲିଛି ପ୍ରସିଦ୍ଧ ଦଣ୍ଡଯାତ୍ରା, ଜମୁଛି ମୟୂର ପୁଚ୍ଛ, ପତାକା ବେପାର



ଦୋକାନ ବଜାରରେ ମୟୂର ପୁଚ୍ଛ।

ବୁଗୁଡ଼ା,୪।୪(କାଳିଚରଣ ଦାଶ)

ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି। ମେରୁ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁଁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆ ଦଳଙ୍କ ଗହଳି ଚହଳି ଓ ନଗର ପରିକ୍ରମା। ବର୍ଷ ତମାମ ବିଭିନ୍ନ ସମୟରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ ଦଣ୍ଡଯାତ୍ରା ସମୟରେ ମୟୂର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୂର ପୁଚ୍ଛ ଆଣି ବିକ୍ରି କରୁଛନ୍ତି। ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ମୟୂର ପୁଚ୍ଛ କାରବାର ହେଉଛି। ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି। ଏହିସବୁ ମୟୂର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତର ପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣର ଆସୁଥିବା ନେଇ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି।

# ଘୁମୁସର ବନଖଣ୍ଡରେ ୨୦ ଲକ୍ଷ ଚାରା ରୋପଣ ହେବ

## ବନ ମହୋତ୍ସବ ସପ୍ତାହ ପାଇଁ ଚାରାରୋପଣ ପ୍ରସ୍ତୁତି



ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଲାଲସିଂ ନର୍ସରୀରେ ଚାରା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରୁଛନ୍ତି।

ଭଞ୍ଜନଗର,୪।୪(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ଆସନ୍ତା ବନ ମହୋତ୍ସବ ସପ୍ତାହ ଅବସରରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ରୋପଣ କରିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜୁଲାଇ ପହିଲାରୁ ଏକ ସପ୍ତାହ ଧରି ଚାରା ରୋପଣ କାର୍ଯ୍ୟ ଚାଲିବ। ତେଣୁ ଉଭୟ ବନଖଣ୍ଡର ବିଭିନ୍ନ ନର୍ସରିରେ ଚାରା ପ୍ରସ୍ତୁତି ଚାଲିଛି। ଉତ୍ତର ଘୁମୁସର ବନଖଣ୍ଡରେ ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ପ୍ରସ୍ତୁତି କରି ବିଭିନ୍ନ ଜଙ୍ଗଲରେ ରୋପଣ କରାଯିବ। ତେଣୁ ମୁଜାଗଡ, ଜଗନ୍ନାଥପ୍ରସାଦ, ତାରସିଂ, ଗାଲେରି ଓ କେନ୍ଦ୍ରୀୟ ରେଞ୍ଜରେ ଚାରା ପ୍ରସ୍ତୁତି ଚାଲିଛି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବ। ଏଥିପାଇଁ ଆସିକା, ସୋରଡ଼ା, ବଡଗଡ଼, ପୋଲସରା, ବୁଗୁଡ଼ା ରେଞ୍ଜର ବିଭିନ୍ନ ନର୍ସରିରେ ଚାରା ପ୍ରସ୍ତୁତି ଚାଲିଛି। ଚଳିତ ବର୍ଷ ୧୮ ମାସିଆ ଚାରା ଜଙ୍ଗଲ ମଧରେ ରୋପଣ କରାଯିବ। ଏହାଦ୍ୱାରା ଚାରାଗୁଡ଼ିକ ସୁରକ୍ଷିତ ରହିପାରିବ। ତେଣୁ ବଡ ଚାରା ପ୍ରସ୍ତୁତି ଚାଲିଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ବିଭିନ୍ନ ନର୍ସରି ପରିଦର୍ଶନ କରି ଚାରା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରୁଛନ୍ତି। ଏ ନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆଗକୁ ତାପମାତ୍ରା ବହୁତ ବଢିବାର ସମ୍ଭାବନା ରହିଛି। ତେଣୁ ଚାରାଗୁଡ଼ିକ କିଭଳି ସୁରକ୍ଷିତ ରହିବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଖାଲି ଥିବା ଜଙ୍ଗଲରେ ବଡ଼ ଚାରା ରୋପଣ ହେବ। ଯୋଜନା କିଭଳି ସଫଳ ହେବ ସେଥିପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଚାଲିଛି। ଲୋକଙ୍କୁ ମଧ ବନ ମହୋତ୍ସବ ସପ୍ତାହ ସମୟରେ ସୁବିଧାରେ ଚାରା ଯୋଗାଇ ଦିଆଯିବ।

### କୁଟୁରା, ମାଙ୍କଡ ମାଂସ ଜବତ ; ଶିକାରୀ ଗିରଫ

ଫୁଲବାଣୀ, ୪।୪(ରାକେଶ କୁମାର ରାଉତ):

କନ୍ଧମାଳ ଜିଲା ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ ସୁଦ୍ରୁକୁମ୍ପା ରେଞ୍ଜର ଡଙ୍ଗା ଅଞ୍ଚଳରୁ ଜଙ୍ଗଲି କୁଟ୍ରାର ମୁଣ୍ଡ ଓ ହନୁ ମାଙ୍କଡ଼ର ଶୁଖିଲା ମାଂସ ଜବତ କରାଯାଇଛି। ଏହା ସହିତ ଜଙ୍ଗଲି ଜନ୍ତୁଙ୍କ ଶୀକାର କରୁଥିବା ଗୋଟିଏ ୯ ଜଣିଆ ଦଳକୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ଗିରଫ ଅଭିଯୁକ୍ତ ଜଣକ ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ଛିନିମାହୁଲ ଗାଁର ରମେଶ ଭେଙ୍ଗରା (୪୫)। ତାଙ୍କଠାରୁ କୁଟୁରା ମାଂସ ୪ କିଲୋ ଓ ମୁଣ୍ଡ ସମେତ ହନୁ ମାଙ୍କଡ଼ର ଶୁଖିଲା ମାଂସ ୧ କିଲୋ, ଶୀକାର କାର୍ଯ୍ୟରେ ବ୍ୟବହାର ହେଉଥିବା ଟାଙ୍ଗିଆ, ଛୁରି, ଦଉଡି, ଜାଲ ଆଦି ଜବତ କରାଯାଇଛି। ଫୁଲବାଣୀ ଡିଏଫଓ ପ୍ରଶାନ୍ତ କୁମାର ପଟେଲ ବୁଧବାର ରାତିରେ ଏ ସଂକ୍ରାନ୍ତରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏକ ମାମଲା ନଂ ୧/୨୦୨୪ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଜାରିଥିବା ପାଟ୍ରୋଲିଂ ବେଳେ ପାଣିଶାଳ ଜଙ୍ଗଲରେ ଜଙ୍ଗଲ କର୍ମଚାରୀ ମାନଙ୍କର ଏହି ଶୀକାରିମାନଙ୍କ ସହ ମୁହାଁମୁହିଁ ହୋଇଥିଲା। ସେମାନଙ୍କୁ ଦେଖି ଅନ୍ୟ ୮ ଜଣ ସେଠାରୁ ଖସି ପଳାଇଥିଲେ।

# ଦଣ୍ଡନାଚ ଦେଖାରୁ ଗଣ୍ଡଗୋଳ ମାମଲା, ୩ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି/ଚିକିଟି,୪।୪(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)-ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ବି.ନୂଆପଡା ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମଙ୍ଗଳବାର ରାତିରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୂଆପଡା ଗ୍ରାମର ସତ୍ୟନାରାୟଣ ଗୌଡ, ରଘୁନାଥ ଗୌଡ ଓରଫ ଜଡା କାଳିଆ ଏବଂ ନିରଞ୍ଜନ ପ୍ରଧାନ। ସେଠାରେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଦଣ୍ଡନାଚ ଦେଖାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ମା' ଓ ପୁଅଙ୍କୁ ଛୁରୀ ଭୁଷି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ମା' ଝୁନୁ ଜାନି ଏବଂ ପୁଅ ପ୍ରମୋଦ ଜାନିଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ନଂ. ୧୧୧/୨୪ରେ ମାମଲା ରୁଜୁ କରିଛି।

### ଶେରଗଡ଼ରେ କୁଲାଗଡ ଦଣ୍ଡନାଚ

ଶେରଗଡ,୪।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି କୁଲାଗଡ ଦଣ୍ଡନାଚ ହୋଇଛି। କୁଲାଗଡ ଦଣ୍ଡନାଚ ଦଳରେ ହଜାରେରୁ ଅଧିକ ଦଣ୍ଡୁଆ ସାମିଲ ହୋଇଛନ୍ତି। କେବଳ ମାନସିକ ଓ କାମନା ଦଣ୍ଡନାଚ ପରିବେଷଣ କରନ୍ତି ଏହି ଦଳ। ଧୂଳିଦଣ୍ଡ, ପାଣିଦଣ୍ଡ, ସନ୍ଧ୍ୟା ଆରତୀ ସମୟରେ ପାଇକ ସାହି ଗୁରୁବାର ଗୌଡସାହି ଲୋକାରଣ୍ୟ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଏଥିରେ ଭାଗ ନେଇଥିଲେ।

# ଅଳିଆ ବୁହା ଗାଡିକୁ ଘର କାର୍ଯ୍ୟରେ ବ୍ୟବହାର ଅଭିଯୋଗ

ଗଞ୍ଜାମ,୪।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଲେଖାଥିବା ଏକ ଗାଡି ଅଳିଆ ଉଠେଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଉକ୍ତ ଗାଡ଼ିରେ ଜଣେ ଠିକାଦାର ନିଜ କାର୍ଯ୍ୟ ନିମନ୍ତେ ଇଟା ବୋଝେଇ କରି ନେଉଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ କେତେଜଣ ସ୍ଥାନୀୟ ଯୁବକ ଉକ୍ତ ଗାଡିଟିକୁ ଅଟକ ରଖି ପ୍ରଶ୍ନ କରିଥିଲେ। ପରେ ପୋଲିସ ପହଞ୍ଚି ଗାଡ଼ିରୁ ବୋଝେଇ ହୋଇଥିବା ଇଟାକୁ ବାହାର କରିବା ପାଇଁ କହିଥିଲେ। ପରେ ଖାଲି ଗାଡି ଫେରିଥିଲା। ଯାହାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ସୂଚନାଯୋଗ୍ୟ,ଗୁରୁବାର ଅପରାହ୍ନରେ ବ୍ଲକ ନିକଟରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ଅଳିଆ ବୁହା ଗାଡିରେ ଇଟା ବୋଝେଇ ହେଉଥିଲା। ଏହି ଦେଖି କିଛି ଯୁବକ ଏହି ଗାଡ଼ିରେ ଇଟା କଣ ବୋଝେଇ ହେଉଛି ପଚାରିଥିଲେ। ଫଳରେ ସେଠାରେ ଉପସ୍ଥିତ ରହିଥିବା ଜଣେ ହିନ୍ଦୀ ଭାଷାରେ କହୁଥିବା ଜଣେ ଯୁବକ ଗାଡି ନମିଳିବାରୁ ଏଥିରେ ବୋଝେଇ କରିଥିଲେ ବୋଲି କହିଥିଲେ। ଉପସ୍ଥିତ ରହିଥିବା ଯୁବକମାନେ ଏହି ଗାଡ଼ିରେ କାହିଁକି ଇଟା ଯିବ ବୋଲି ପ୍ରଶ୍ନ କରିବା ପରେ ହିନ୍ଦୀ କହୁଥିବା ଯୁବକ ହଡ଼ବଡ଼ ହୋଇଯାଇଥିଲେ। ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଖବର ପାଇ ପୋଲିସ ପହଞ୍ଚିଥିଲ। ତେଣୁ ଏଠି ପ୍ରଶ୍ନ ଉଠେ ଯେଉଁ ଠିକାଦାର କାର୍ଯ୍ୟ କରୁଛି ସେ ନିଜ ଉଦ୍ୟମରେ ଘରୋଇ ଗାଡି ଯୋଗେ ଜିନିଷ ନେବା କଥା। କିନ୍ତୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଳିଆ ବୁହା ଗାଡ଼ିରେ କିପରି ଇଟା ବୋଝେଇ ହେଉଥିଲା।

# ବିଜେଡି ପ୍ରାର୍ଥୀ ମଞ୍ଜୁଳାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆସିକା,୪।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ଆସନ ନିମନ୍ତେ ବିଜେଡି ପକ୍ଷରୁ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କୁ ପୁନର୍ବାର ପ୍ରାର୍ଥୀ ଘୋଷଣା କରାଯିବା ପରେ ନିର୍ବାଚନ ମଣ୍ଡଳିରେ ଦଳୀୟ କର୍ମୀଙ୍କ ମଧରେ ପ୍ରବଳ ଉତ୍ସାହ ଦେଖାଦେଇଛି । ଗୁରୁବାର ଅପରାହ୍ନରେ ମଞ୍ଜୁଳା ଭୁବନେଶ୍ୱରରୁ ଫେରିବା ରାସ୍ତାରେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଛିନ୍ନମସ୍ତା ଠାକୁରାଣୀଙ୍କ ମନ୍ଦିର ନିକଟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କର୍ମୀମାନେ ବାଇକ ଶୋଭାଯାତ୍ରାରେ ମଧରେ ସେ ଆସିବା ପରେ ନିଜ ଗ୍ରାମ ପଥରା ଠାରେ ଦିବଂଗତ ଏମପି ଲଡୁ କିଶୋର ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ । ସେଠାରୁ ଆସି ଆସିକା ବିଜୁପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆସିକାର ଆରାଧ ଦେବୀ ମା ଖମ୍ବେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସହର ପରିକ୍ରମା କରି ଦଳିୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ତାଙ୍କୁ ପୁନର୍ବାର ଏହି ଆସନରୁ ପ୍ରତିଦ୍ୱନ୍ଦିତା ଲାଗି ସୁଯୋଗ ମିଳିଥିବାରୁ ଦଳୀୟ ରାଜ୍ୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ପୂର୍ବ ଅପେକ୍ଷା ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରିବା ଲାଗି କର୍ମୀମାନଙ୍କୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଆସିକା ଲୋକସଭା ଆସନର ବିଜେଡି ଏମପି ପ୍ରାର୍ଥି ରିତା ସାହୁ, ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ହରପ୍ରସାଦ ସାହୁ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ସୁରଥ ପ୍ରଧାନ, କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଆସିକା ବ୍ଲକ ଉପାଧକ୍ଷା ରେସମା ଦୋରା, ଏନଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଜିଲ୍ଲାପରିଷଦ ସଦସ୍ୟ ମନୋଜ ଦୋରା, ବଳରାମ ପ୍ରଧାନଙ୍କ ସମେତ ନିର୍ବାଚନ ମଣ୍ଡଳିର ଦଳିୟ କର୍ମୀ ସାମିଲ ଥିଲେ ।

# ବାପାଙ୍କୁ ଭଲ କରିଦିଅ, ସରକାରଙ୍କୁ ଗୁହାରି କଲା ପୁଅ

ମୋହନା,୪।୪(ମନ୍ମଥ ମିଶ୍ର)

'ସରକାର ମୋ ବାପାଙ୍କୁ ଭଲ କରି ଦିଅ। ମୋ ବାପାଙ୍କୁ କ୍ୟାନସର ହୋଇଛି, ଆମେ ବହୁତ ଅସୁବିଧାରେ ଚଳୁଛୁ' ଏଭଳି ଗୁହାରୀ କରିଛି ଜଣେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା କୁନି ପୁଅ । ଏପଟେ ଜୀବନ ସହ ସଂଘର୍ଷ କରୁଛନ୍ତି ବାପା ମଙ୍ଗୁଲୁ ମଲ୍ଲିକ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଲିଲିଗଡ଼ ପଞ୍ଚାୟତ କାମିଲିଗୁଡ଼ା ଗାଁରୁ।

ମୋହନା ବ୍ଲକ କାମିଲିଗୁଡ଼ା ଗାଁର ମଙ୍ଗୁଲୁ ମଲ୍ଲିକ(୪୦)। କ୍ୟାନସର ରୋଗରେ ପୀଡିତ ହୋଇ ଗତ ୪ ବର୍ଷ ହେଲା ଜୀବନ ସହ ସେ ସଂଘର୍ଷ କରୁଛନ୍ତି । ପରିବାର କହିଲେ ସ୍ତ୍ରୀ ଓ ଦୁଇ ପୁଅ । ପରିବାରରେ ସବୁ କିଛି ଠିକ ଠାକ ଚାଲିଥିଲା । ହେଲେ ହଠାତ୍ ମଙ୍ଗୁଲୁଙ୍କ ଜଂଘରେ ଛୋଟିଆ ଘା'ଟିଏ ହେବା ପରେ ପ୍ରଥମେ ସେ ଚିକିତ୍ସା ପାଇଁ ମୋହନା ମେଡ଼ିକାଲରେ ଦେଖାଇଥିଲେ। ମୋହନା ଡାକ୍ତର ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ବଡ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ । ସେଠାକୁ ଯିବା ପରେ ଡାକ୍ତର ପରୀକ୍ଷା କରିବାପରେ ମଙ୍ଗୁଲୁଙ୍କୁ କ୍ୟାନସର ହୋଇଛି ବୋଲି କହି କଟକ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। କଟକ ଯିବା ପରେ ଡାକ୍ତର ଗୋଡ କାଟିବାକୁ ପଡିବ ବୋଲି କହି ମଙ୍ଗୁଲୁଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଥିଲେ। ବିଶାଖାପାଟଣାରେ କିଛି ଦିନ ରହି ଚିକିତ୍ସା ପରେ ମଙ୍ଗୁଲୁ ସୁସ୍ଥ ନ ହୋଇ ନିରାଶ ହୋଇ ଏବେ ଘରକୁ ଫେରିଛନ୍ତି। ଚିକିତ୍ସା ପାଇଁ ଋଣ ବାଡ଼ି ହୋଇ ପ୍ରାୟ ୮୦ ହଜାର ଟଙ୍କା ଖର୍ଚ୍ଚ କରି ସାରିଲେଣି । ବାରମ୍ବାର ବିଶାଖାପାଟଣା ଯାଇ କେମୋ ଚିକିତ୍ସା କରିବା ପାଇଁ ଏବେ ପାଖରେ ଅର୍ଥ ନାହିଁ । ସ୍ତ୍ରୀ ଲଳିତା ଲୋକଙ୍କ ଘରେ ମଜୁରି ଲାଗି ସ୍ୱାମୀଙ୍କ ମୁହଁରେ ଦାନା ଦେବା ସହ ତାଙ୍କର ସେବା ଯତ୍ନ କରି ଦୁଇ ପୁଅଙ୍କୁ ସ୍କୁଲରେ ପଢ଼ାଉଛନ୍ତି ।

ଏପଟେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଜୟରାମ ପଣ୍ଡା କହିଛନ୍ତି, ମଙ୍ଗୁଲୁଙ୍କ ସମ୍ପର୍କରେ ଜିଲା ପ୍ରଶାସନଙ୍କୁ ଅବଗତ କରିବେ, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଜିଲାପାଳଙ୍କ ନିଷ୍ପତ୍ତି ପ୍ରକାରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ଗ୍ରହଣ କରାଯିବ।

# ରାଜନଗରରେ ଧ୍ରୁବ, ଅଂଶୁମାନଙ୍କ ଶକ୍ତି ପ୍ରଦର୍ଶନ

■ ବିଦେଶୀଙ୍କୁ ବିଦା କରିବେ, ଗେହ୍ଲା ପୁଅକୁ ଆଶୀର୍ବାଦ ଦେବେ
■ ଦୁଇଭାଇ ଏକାଠି ହୋଇ ବିକାଶକୁ ଆଗକୁ ନେବୁ

ରାଜନଗର, ୪।୪ (ଭାସ୍କର ରାଉତରାୟ)

ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରାଜନଗର ଦେବୀ ମଣ୍ଡପରୁ ଗୁରୁବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଆରମ୍ଭରୁ ସାଂସଦ ପ୍ରାର୍ଥୀ ଅଂଶୁମାନ ରାଜନଗରରୁ ବିଜେଡିର ଡବଲ ଇଞ୍ଜିନ ଆରମ୍ଭ ହେବ। ଏ ମାଟିର ଦୁଇଜଣ ବିଜୟୀ ହେବେ। ଆପଣଙ୍କ ଗେହ୍ଲା ପୁଅ ଏଠୁ ବିଦେଶୀଙ୍କୁ ବିଦା କରିବେ। ଅଧିକରୁ ଅଧିକ ସ୍ନେହ ଶ୍ରଦ୍ଧା ଆପଣମାନେ ଅଜାଡ଼ି ଦେବେ ବୋଲି ସାଂସଦ ପ୍ରାର୍ଥୀ ଅଂଶୁମାନ କହିଛନ୍ତି। ଏଥିସହ ଇତିହାସରେ ପ୍ରଥମଥର ପାଇଁ ପଟ୍ଟାମୁଣ୍ଡାଇ ରାଜନଗର ମାଟିର ପୁଅ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଦୁଇଜଣଙ୍କୁ ଡାକି ଦୁଇପାର୍ଶ୍ୱରେ ୨ଜଣଙ୍କୁ ଛିଡା କରି ଆମେ ରେକର୍ଡ ସଂଖ୍ୟାରେ ବିଜୟୀ ହୋଇ ଓଡ଼ିଶାରେ ଇତିହାସ ଯେପରି ରଚିବୁ ସେ ନେଇ ପରାମର୍ଶ ଦେଇଥିଲେ। ରାଜନଗରରେ ଯେଉଁ ବିକାଶ ଧାରା ଚାଲିଛି, ସେହି ବିକାଶ ଧାରାକୁ ଦିଲ୍ଲୀ ଦରବାରରେ ପହଞ୍ଚାଇବା ପାଇଁ ଆଶ୍ରୀର୍ବାଦ କାମନା କରିଥିଲେ। ରାଜନଗର ବିଧାୟକ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଆମେ ଦୁଇଜଣ ହାତକୁ ହାତ ମିଶାଇ ବିଜୁବାବୁଙ୍କ ସ୍ୱପ୍ନର ରାଜନଗର ଗଢ଼ିବାକୁ ସଂକଳ୍ପ ନେଇଛୁ। ଏ ମାଟି ବିଜୁବାବୁଙ୍କର, ଏ ମାଟି ଅଜାତଶତ୍ରୁ ନଳିନୀ ବାବୁଙ୍କର। ଅଂଶୁମାନ ନିଜ ପରିବାରକୁ ଫେରିଛନ୍ତି। ନଳିନୀଙ୍କ ପଟ୍ଟଶିଷ୍ୟ ଭାବେ ମୁଁ କାମ କରିଛି। ଏବେ ତାଙ୍କ ସୁପୁତ୍ର ଓ ତାଙ୍କ ପଟ୍ଟଶିଷ୍ୟ ଏକାଠି ହୋଇ ରାଜନଗର-ପଟ୍ଟାମୁଣ୍ଡାଇର ବିକାଶକୁ ଆଗକୁ ନେବୁ ବୋଲି କହିଛନ୍ତି। ଏଥିସହ ରାଜନଗର-ପଟ୍ଟାମୁଣ୍ଡାଇରେ ଅନେକ କାମ ହୋଇଛି, ବିକାଶରେ ଏତିକିରେ ଅଟକି ନାହିଁ, ବିକାଶ ଶୀର୍ଷରେ ପହଞ୍ଚିବ। ନବୀନ ଓଡ଼ିଶାର ସାରଥି ଭାବେ ଆପଣମାନେ ଚାଲିବେ, ଆପଣମାନଙ୍କ ସହ ଆମେ ଦୁଇଭାଇ ଚାଲିବୁ ବୋଲି କହିଥିଲେ।

ବିଜେଡିର କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ସାଂସଦ ପ୍ରାର୍ଥୀ ଅଂଶୁମାନ ଓ ରାଜନଗର ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ଧ୍ରୁବ ଗୁରୁବାର ରାଜନଗରରେ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଅଂଶୁମାନ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେବା ପରେ ପ୍ରଥମଥର ପାଇଁ ରାଜନଗର ଗସ୍ତରେ ଆସିଥିଲେ। ମଦନପୁର କଲେଜ ଛକରୁ ଏକ ବାଇକ୍ ଶୋଭାଯାତ୍ରାରେ ଉଭୟ ନେତାଙ୍କୁ ଦଳର କର୍ମୀମାନେ ପାଛୋଟି ଆଣିଥିଲେ। ରାଜନଗର ଅଞ୍ଚଳର ଆରାଧ୍ୟ ଦେବତା ଗୋସିଗାଁର ବାବା ଗର୍ତ୍ତେଶ୍ୱର ମହାଦେବ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଆଶ୍ରୀର୍ବାଦ ଭିକ୍ଷା କରିଥିଲେ। ପରେ ଶୋଭାଯାତ୍ରାରେ ଆସି ବିଜୁ ପଟ୍ଟନାୟକ ଶିଶୁ ପ୍ରମୋଦ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ତ୍ରିନାଥ ବଜାର ଛକରେ ଥିବା ରାଜନଗରର ଭୂମିପୁତ୍ର ନଳିନୀକାନ୍ତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶୋଭାଯାତ୍ରା କେରେଡାଗଡରେ ପହଞ୍ଚି ଥିଲା। କେରେଡାଗଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମରେ ପୂଜାର୍ଚ୍ଚନା କରିଥିଲେ। ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଧ୍ରୁବ ଓ ଅଂଶୁମାନ ଗୋଟିଏ ଦଳରୁ ପ୍ରାର୍ଥୀ ହେବା ପରେ ପ୍ରଥମଥର ପାଇଁ ଏକାସଙ୍ଗରେ ନିଜ ଜନ୍ମମାଟିକୁ ଆସିଥିବାରୁ ବାଟସାରା ସମର୍ଥକ ଓ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଶ୍ରୀଦଧିବାମନଜୀଉଙ୍କ ଦର୍ଶନ କରିଥିଲେ। ଦୁର୍ଗା ମଣ୍ଡପରେ ମା' ଦୁର୍ଗାଙ୍କୁ ଦର୍ଶନ କରିବା ପରେ ଉପସ୍ଥିତ କର୍ମୀ ଓ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ଦୁଇଭାଇ ମିଳିମିଶି ରାଜନଗରର ବିକାଶ କରିବେ ବୋଲି କହିଥିଲେ। ଧ୍ରୁବ ଓ ଅଂଶୁମାନଙ୍କ ସମର୍ଥକ ପ୍ରଥମଥର ପାଇଁ ମିଳିତ ଭାବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


ରାଜନଗରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଅଂଶୁମାନ ମହାନ୍ତି ଓ ଧ୍ରୁବ ସାହୁ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦେବାଶିଷ


@ ଦିବ୍ୟଜ୍ୟୋତି


@ ଦୁର୍ଯ୍ୟୋଧନ


@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ରେ ମହାବାରୁଣୀ ସ୍ନାନ


ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ।

ଯାଜପୁର ଟାଉନ,୪।୪ (ପ୍ରଯକ୍ତା ପିୟଦର୍ଶନୀ ମହାନ୍ତି):

■ ବୁଡ଼ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆକଳନ
■ ସ୍ଥାନାଭାବରୁ ବାରୁଣୀ ମେଳା ବନ୍ଦ

ଆସନ୍ତା ୬ ତାରିଖରେ ମହାବାରୁଣୀ ସ୍ନାନ ଯୋଗ ପଡୁଛି। ଏଥିରେ ବୈତରଣୀ ନଦୀର ଦଶାଶ୍ୱମେଧଘାଟଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆକଳନ କରାଯାଇଛି। ଶ୍ରଦ୍ଧାଳୁମାନେ ଦଶାଶ୍ୱମେଧ ଘାଟଠାରେ ସ୍ନାନ କରିବା ସହ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରିବେ। ଏଥିପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛି। ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯାଜପୁରସହର ମଧ୍ୟରେ ଭିଡକୁ ରୋକିବା ପାଇଁ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ମଙ୍ଗଳପୁର ଅଞ୍ଚଳରୁ ଆସୁଥିବା ଗାଡ଼ିଗୁଡ଼ିକ ବଲ୍ଲିଭିଘାଟଠାରୁ ମୋଡିକୁସୁମାଠାରେ ରହିବେ। ବିଞ୍ଝାରପୁରଠାରୁ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟ କୁସୁମାଠାରେ ପାର୍କିଂ କରିବେ। ସେହିପରି ବରୁଆଁ ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ଏନ୍‌ସି କଲେଜ ପଡ଼ିଆ ଏବଂ ସଠିପୁର ଆଡୁ ଆସୁଥିବା ଗାଡ଼ିଗୁଡ଼ିକୁ ଆଙ୍କୁଲାଠାରେ ପାର୍କିଂ କରିବାର ବ୍ୟବସ୍ଥା କରାଯାଇଛି।

ବିରଜା ପାଞ୍ଜିକା ଅନୁସାରେ ଶନିବାର ଶତଭିଷା ନକ୍ଷତ୍ର ପଡୁଥିବାରୁ ମହାବାରୁଣୀ ସ୍ନାନଯୋଗ ପଡୁଛି। ସକାଳ ୭ଟା ୯ମିନିଟ୍ ଓ ପରେ ୧୨ଟା ୫୭ମିନିଟ୍ ପର୍ଯ୍ୟନ୍ତ ଯୋଗ ରହିଛି। ଏହି ସମୟରେ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଶ୍ରଦ୍ଧାଳୁମାନେ ବୁଡ ପକାଇବା ସହ ପିତୃପୁରୁଷଙ୍କ ମୋକ୍ଷ ପ୍ରାପ୍ତି ପାଇଁ ପିଣ୍ଡଦାନ କରିବାକୁ ଏକତ୍ରିତ ହେବେ। ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ପୌରପ୍ରଶାସନ ପକ୍ଷରୁ ବ୍ୟାରିକେଟ୍ କରାଯାଇଛି। ଯେପରିକି ଗାଧେଇବା ଓ ଯାତାୟାତ ସମୟରେ କୌଣସି ଦୁର୍ଘଟଣା ନ ଘଟେ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଏହି ମହାବାରୁଣୀର ସମାଗମକୁ ଦୃଷ୍ଟିରେ ରଖି ଯାଜପୁର ଏସ୍‌ପି ଭିନୀତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ୨୦ପ୍ଲାଟୁନ୍‌ରୁ ଉର୍ଦ୍ଧ୍ୱ ପୋଲିସଫୋର୍ସ ନିୟୋଜିତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଅଗ୍ନିଶମବାହିନୀକୁ ସ୍ନାନ ସମୟରେ କଡ଼ା ଦୃଷ୍ଟି ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାରୁଣୀ ପ୍ରତ୍ୟେକ ବର୍ଷ ସ୍ନାନ ପରେ ୧୨ଦିନ ମେଳା ପଡ଼ିଥାଏ। ଯେଉଁ ମେଳାରେ ଲକ୍ଷାଧିକ ଲୋକ ସମାଗମ ହୋଇଥାନ୍ତି। କିନ୍ତୁ ଚଳିତ ବର୍ଷ ସ୍ଥାନ ଅଭାବରୁ ମେଳାକୁ ବନ୍ଦ ରଖାଯାଇଛି ବୋଲି ସୂଚନା ମିଳିଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମବରଦା,୪।୪(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗରାଜପୁର ପଞ୍ଚାୟତ ବିରଭାନପୁର ଗାଁର ଦିଲୀପ ଖୁଣ୍ଟିଆ(୨୭)।

ଗତ ୧ ତାରିଖ ସନ୍ଧ୍ୟାରେ ଅର୍ଥଙ୍ଗା ପଞ୍ଚାୟତର ଚଅପୋଇ ମେଳଣଠାରେ ଦିଲୀପ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରେମ ନିବେଦନ କରିଥିଲେ ଏବଂ ସେଠାରୁ ପଳାଇ ଲୁଚାଛପାରେ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ନାବାଳିକା ଜଣଙ୍କ ଏଥିରେ ନାରାଜ ହେବାରୁ ଦିଲୀପ ତାଙ୍କୁ ମେଳଣ ପଡିଆରୁ ଗାଡ଼ିରେ ଜୋର ଜବରଦସ୍ତ ଉଠାଇନେଇ ମାଉସୀ ଘର ଯାଜପୁର ରୋଡ ଅଞ୍ଚଳକୁ ନେଇ ଯାଇଥିଲେ। ଏହି ସମୟରେ ରାସ୍ତା କଡ଼ର ଥିବା ଏକ ବଣରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ଦିଲୀପ ବାପାଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ କହିଥିଲେ। ଦିଲୀପଙ୍କ ବାପା ଏଥିରେ ବିରକ୍ତି ହୋଇ ନାବାଳିକାଙ୍କୁ ତାଙ୍କ ଘରେ ଆଣି ଛାଡ଼ିଦେବାକୁ କହିଥିଲେ। ପରେ ଦିଲୀପ ଅପହରଣ କରିଥିବା ନାବାଳିକାଙ୍କୁ ଆଣି ତାଙ୍କ ଘର ଆଗରେ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ଘରେ ଜଣାଇବା ପରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ (ନଂ.୬୯।୨୪)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସକାଳେ ଦିଲୀପଙ୍କୁ ପୋଲିସ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଦେବାଶିଷ ଶତପଥୀ ସୂଚନା ଦେଇଛନ୍ତି।

# ଦମ୍ପତିଙ୍କଠାରୁ ଝାମ୍ପିନେଲେ ୨.୨୦ ଲକ୍ଷ ଟଙ୍କା

କୁଜଙ୍ଗ,୪।୪ (ମନୋଜ ପ୍ରଧାନ)

କୁଜଙ୍ଗ ଥାନାଠାରୁ ମାତ୍ର ୧୦୦ ମିଟର ଦୂର କଟକ-ପାରାଦୀପ ରାସ୍ତାର ଛତ୍ରିଦ୍ରାମଠ ନିକଟରୁ ଜଣେ ଦମ୍ପତିଙ୍କଠାରୁ ଦୁର୍ବୃତ୍ତମାନେ ୨ଲକ୍ଷ ୨୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଏ ନେଇ ଦମ୍ପତି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ.୧୫୮/୨୪ରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଥାନା ଅନ୍ତର୍ଗତ ମହ୍ଲାସାହି ଗାଁର ଠିକାଦାର ବିଷ୍ଣୁ ପ୍ରସାଦ କର ଓ ସ୍ତ୍ରୀ ଶୁଭାସିନୀ କୁଜଙ୍ଗସ୍ଥିତ ଷ୍ଟେଟବ୍ୟାଙ୍କରୁ ୨ଲକ୍ଷ ୨୦ ହଜାର ଟଙ୍କା ଉଠାଇଥିଲେ। ସ୍ତ୍ରୀ ଉକ୍ତ ଟଙ୍କା ଭ୍ୟାନିଟି ବ୍ୟାଗରେ ରଖିଥିଲେ। ଉଭୟ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଛତ୍ରିଦ୍ରାମଠ ନିକଟରେ ବିପରୀତ ଦିଗରୁ ଏକ କଳାରଙ୍ଗର ମଟର ସାଇକେଲରେ ଦୁଇଜଣ ଯୁବକ ଆସି ଦମ୍ପତିଙ୍କ ଗାଡିକୁ ଅଟକାଇବା ସହ ହଠାତ ଭ୍ୟାନିଟ ବ୍ୟାଗ୍‌ଟି ଝାମ୍ପିନେଇ ଫେରାର ହୋଇ ଯାଇଥିଲେ। ଅଭିଯୋଗ ପରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ ଓ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଷ୍ଟେଟବ୍ୟାଙ୍କ ଓ ଅନ୍ୟାନ୍ୟ ସ୍ଥାନର ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛନ୍ତି।

# ପୋଖରୀରେ ପଡ଼ି ଶିଶୁପୁତ୍ରଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୪।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କଖାରୁଣି ପଞ୍ଚାୟତ ଓସଙ୍ଗରା ଗାଁରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ପୋଖରୀରେ ବୁଡି ୪ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଟି ଓସଙ୍ଗରା ଗ୍ରାମର ପ୍ରକାଶ ନାୟକଙ୍କ ପୁଅ ପ୍ରିନ୍ସ ବୋଲି ଜଣାପଡିଛି। ସେ ଗାଁ ପିଲାଙ୍କ ସାଙ୍ଗରେ ପୋଖରୀ ହୁଡାରେ ଖେଳିବା ସମୟରେ ଗୋଡ଼ ଖସିଯିବାରୁ ଭିତରକୁ ଖସି ପଡିଥିଲେ। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ଶିଶୁପୁତ୍ର ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଗ୍ରାମବାସୀ ସମେତ ସମିତି ସଭ୍ୟଙ୍କ ଦାଦା ରୁଷିଆ ସାମନ୍ତରାୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମର ଜଣେ ବ୍ୟକ୍ତି ନିଜ ଜାଗାରେ ଘର କରୁଥିବା ବେଳେ ଏକ ସେପ୍ଟି ଟାଙ୍କି କାର୍ଯ୍ୟ ଅଧା ହୋଇ ପଡିଛି। ଗାଁରେ କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ କରୁଥିବା ବେଳେ ପ୍ରିନ୍ସ ଦେଖିବାକୁ ଯାଇଥିଲେ। ସେଠାରେ ଅସବାଧାନତା ବଶତଃ ସେ ସେପ୍ଟି ଟାଙ୍କିରେ ପଡି ମୃତ୍ୟୁ ହୋଇଛି ବୋଲି ଗାଁର କେତେଜଣ ଲୋକ କହୁଛନ୍ତି। ଏ ସମ୍ପର୍କରେ ଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରେ ଚିକିତ୍ସାଳୟରୁ ଖବର ଆସିଛି ଶିଶୁପୁତ୍ର ଜଣକ ଏଠାକୁ ଆସିବା ପୂର୍ବରୁ ମୃତ୍ୟୁ ହୋଇଛି। ତେଣୁ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିଭଳି ଶିଶୁପୁତ୍ର ଜଣଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଷଣ୍ଢ ଆକ୍ରମଣରେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଗୁରୁତର

ପାରାଦୀପ,୪।୪(ଶରତ ରାଉତ)

ପାରାଦୀପର ନୂଆବଜାର ଅଞ୍ଚଳରେ ଗୁରୁବାର ବୁଲା ଷଣ୍ଢ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ପାରାଦୀପରେ କିଛିଦିନ ହେଲା ବୁଲା ଗାଈ, ଷଣ୍ଢ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଅଧିକାଂଶ ସ୍ଥାନରେ ଦୁର୍ଘଟଣା ମଧ୍ୟ ହେଉଛି। ଜାନୁଆରୀରେ ବିଜୟଚନ୍ଦ୍ରପୁରରେ ଗୋଟିଏ ଷଣ୍ଢ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆକ୍ରମଣ କରି ଆହତ କରିଥିଲା। ଏହାର ପ୍ରତିକାର ପାଇଁ ନୂଆବଜାର ବାସିନ୍ଦା ତଥା ଯୋଗଗୁରୁ ତାପସ ପତି ପ୍ରଶାସନକୁ ଅନୁରୋଧ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ: ତେଜୁଛି ଅସନ୍ତୋଷ

ବଜାରଦାଣ୍ଡି ଅଙ୍ଗନୱାଡି ଦୁର୍ନୀତି ଘଟଣା

ଆଳି,୪।୪(ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମହୁ ପଞ୍ଚାୟତର ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଦୁର୍ନୀତି ଘଟଣାରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟୁଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଅଙ୍ଗନୱାଡି କର୍ମୀ ଆରତୀ ତ୍ରିପାଠୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଛନ୍ତି। ହେଲେ କ'ଣ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀ ବିଳମ୍ବ କରୁଛନ୍ତି ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ମହୁ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ତ୍ରିପାଠୀ ଶିଶୁମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ମିଳୁଥିବା ପୁଷ୍ଟିକର ଖାଦ୍ୟ ନ ଦେଇ ତାହା ହଡ଼ପ କରୁଥିବା ବେଳେ ରନ୍ଧା ଖାଦ୍ୟ ବଦଳରେ ବିସ୍କୁଟ ଦେଇ କାମ ସାରି ଦେଉଥିଲେ। କିନ୍ତୁ ପିଲାଙ୍କୁ ରନ୍ଧ୍ୟା ଖାଦ୍ୟ ଦିଆଯାଉଥିବା ନେଇ କାଗଜପତ୍ରରେ ଦର୍ଶାଇ ଏ ବାବଦରେ ଆସୁଥିବା ଟଙ୍କା ହଡ଼ପ କରାଯାଉଥିଲା। ଏହି ଦୁର୍ନୀତିକୁ ନେଇ ଗ୍ରାମବାସୀ ଫେବୃଆରୀରେ ଆଳି ବିଡିଓ, କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ୧୦ ନଂ. ୱାର୍ଡମେମ୍ବର ଗଙ୍ଗାଧର ପାତ୍ର ସୂଚନା ଅଧିକାର ଆଇନ ବଳରେ ଅଙ୍ଗନୱାଡିକୁ ସମ୍ପୂର୍ଣ୍ଣ ତଥ୍ୟ ମାଗିବା ସହ ଆଳି ସିଡିପିଓଙ୍କ ନିକଟରେ ମୌଖିକ ଭାବେ ଏହି ଦୁର୍ନୀତି ସମ୍ପର୍କରେ ମାର୍ଚ୍ଚ ୧୯ରେ ଅଭିଯୋଗ କରିଥିଲେ। ପରେ ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ଶୁଭାସିନୀ ନାୟକ ମାର୍ଚ୍ଚ ୨୬ରେ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀ ଓ ଅଙ୍ଗନୱାଡି କର୍ମୀ ଆରତୀ ତ୍ରିପାଠୀଙ୍କ ସହ ଆଲୋଚନା କରି ଦୁର୍ନୀତି ହୋଇଥିବା ନେଇ ଏକ ରିପୋର୍ଟ ଆଳି ସିଡିପିଓଙ୍କ ନିକଟରେ ଦାଖଲ କରି ଚୁପ ରହି ଯାଇଥିଲେ। ବାରମ୍ବାର ଗ୍ରାମବାସୀ ନିରାଶ ହେବା ପରେ ଏକ ଖବରଦାତା ସମ୍ମିଳନୀ କରି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ନିବେଦନ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ସିଡିପିଓ ପଙ୍କଜିନୀ ମିଶ୍ର ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଅଙ୍ଗନୱାଡିର କୌଣସି କମିଟି ନାହିଁ କିମ୍ବା କୌଣସି କାଗଜପତ୍ର ନ ଥିବା ଜାଣିବାକୁ ପାଇଥିଲେ। ଏପରିକି ବିନା କମିଟି ଓ କାଗଜପତ୍ରରେ ଅଙ୍ଗନୱାଡି କର୍ମୀ ବିଲ୍ ପରେ ବିଲ୍ ହଡ଼ପ କରି ଚାଲିଛନ୍ତି ବୋଲି ଜଣା ପଡିଥିଲା। ଏହି ଘଟଣାର ତଦନ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ସିଡିପିଓ ପଳାଇ ଆସିଥିଲେ। ଗୁରୁବାର ୱାର୍ଡମେମ୍ବରଙ୍କ ସହ ଗ୍ରାମର ଅନ୍ୟମାନେ ସିଡିପିଓଙ୍କ କାର୍ଯ୍ୟାଳୟକୁ ଆସି ଅଙ୍ଗନୱାଡିରେ ହଡ଼ପ ହୋଇଥିବା ସରକାରୀ ସହାୟତାକୁ କର୍ମୀଙ୍କ ନିକଟରୁ ଆଦାୟ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସିଡିପିଓ ମିଶ୍ର ଖୁବ୍‌ଶୀଘ୍ର ତଦନ୍ତ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଦୀର୍ଘଦିନ ହେବ ଅଙ୍ଗନୱାଡିରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ ଆଣୁଥିବା ବେଳେ କ'ଣ ପାଇଁ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାତ ଯାଉନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକୃତରେ ଅଙ୍ଗନୱାଡି କର୍ମୀ ସରକାରୀ ସହାୟତାକୁ ଏକା ହଡ଼ପ କରିଛନ୍ତି ନା ଏହି ଦୁର୍ନୀତିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତାହା ଅଧିକ ତଦନ୍ତ କରାଗଲେ ଘଟଣା ପର୍ଦାଫାସ ହୋଇପାରନ୍ତା ବୋଲି ଜଣାପଡ଼ିଛି।


ଆଳିର ସିଡିପିଓଙ୍କୁ ଗ୍ରାମବାସୀ ଅଙ୍ଗନୱାଡି କର୍ମୀଙ୍କ ବିରୋଧ ଅଭିଯୋଗ କରୁଛନ୍ତି।

# ଜଙ୍ଗଲ ନିଆଁକୁ ନେଇ ଚିନ୍ତା

ନୟାଗଡ଼,୪।୪(ଲୋକନାଥ ମିଶ୍ର)


ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି।

- ନିଆଁକୁ ରୋକିବାକୁ ପଦକ୍ଷେପ
- ପାଳି କରି ସୁରକ୍ଷା କରୁଛନ୍ତି ଆଦିବାସୀ
- ଲେଖା ମାଧ୍ୟମରେ କରୁଛନ୍ତି ସଚେତନତା
- ନିଆଁ ନ ଲାଗିବା ପାଇଁ ଫାୟାର ଲାଇନ୍

ଜଙ୍ଗଲ ସୁରକ୍ଷାକାରୀଙ୍କୁ ଘାରିଛି ନିଆଁ ଚିନ୍ତା। ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଆଦିବାସୀମାନେ ଗାଁରେ ଆଗୁଆ ସଭା କରି ସଚେତନତା ସୃଷ୍ଟି କରିଛନ୍ତି। ପୁଣି ପାଳି କରି ଜଙ୍ଗଲ ସୁରକ୍ଷାକୁ କଡ଼ାକଡ଼ି କରିଛନ୍ତି। ସେହିପରି ଜଙ୍ଗଲର ବିଭିନ୍ନ ପଥରରେ ନିଆଁ ନ ଲାଗିବା ପାଇଁ ସଚେତନତା ବାର୍ତ୍ତା ଲେଖିଛନ୍ତି। ଏପରି କି ଗଛରୁ ପଡିଥିବା ପତରକୁ ପ୍ରାୟ ୫ ଫୁଟ ଲେଖାଏ ଓଳାଇ ଫାୟାର ଲାଇନ୍ ସୃଷ୍ଟି କରିଛନ୍ତି। ଫାୟାର ଲାଇନ୍ ଦ୍ୱାରା ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ସେଥିପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ଆଦିବାସୀଙ୍କ ଏପରି ପଦକ୍ଷେପ ଯୋଗୁ ଚଳିତ ବର୍ଷ ନିଆଁ ଲାଗି ନାହିଁ। ତେବେ ଚଳିତ ବର୍ଷ ଯେପରି ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ସବୁ ପ୍ରକାରର ବ୍ୟବସ୍ଥା କରିଛନ୍ତି ଆଦିବାସୀ।

ଦଶପଲ୍ଲା ବ୍ଲକର ବାଙ୍କତଇଲା, ମଞ୍ଜାରୀ, ମିଟୁକୁଳି, ଟାକରା, ଘୁଗୁଡିପଡା, କଦଳୀବାରି ଆଦି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନେ ୨୦୧୯ରୁ ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି। ଜଙ୍ଗଲ ସୁରକ୍ଷା ଯୋଗୁ ବାଙ୍କତଇଲାରେ ୬୭୦ ଏକର, ମଞ୍ଜାରୀରେ ୪୪୦ ଏକର, ମିଟୁକୁଳରେ ୫୦୦ ଏକର, ଟାକରାରେ ୪୦୦ ଏକର, ଘୁଗୁଡିପଡ଼ାରେ ୨୫୦ ଏକର, କଦଳୀବାରିରେ ୧୫୦ ଏକର ଜଙ୍ଗଲ ସୁରକ୍ଷିତ ହୋଇପାରିଛି । ସ୍ଥାନୀୟ ଜଙ୍ଗଲରେ କାଠ ଚୋର, ପଥର ଚୋର ଓ ଶିକାରୀଙ୍କ ଦୌରାତ୍ମ୍ୟ କମିଯାଇଛି। ପୁଣି ଜଙ୍ଗଲରେ ନିଆଁ ଲଗାଇବାକୁ ଲୋକମାନେ ଡରିଲେଣି। ଏପରିକି କାମ ନ ଥିଲେ ଲୋକମାନଙ୍କୁ ଜଙ୍ଗଲ ଭିତରକୁ ଯିବା ବାରଣ କରାଯାଇଛି। ଏନେଇ ସାନକୁରୁବାରୀ ଗାଁର ପଞ୍ଚାନନ ଜାନି ଓ ବାଙ୍କତଇଲା ଗାଁର ଲକ୍ଷ୍ମୀଧର ମୁଦୁଲି କୁହନ୍ତି, ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଗଛଲତା ପୋଡ଼ି ଯିବା ସହ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ଏହାର ଭୟାବହତା ନେଇ ଆଖପାଖ ଲୋକଙ୍କୁ ସଚେତନତା କରିବା ପରେ ସଫଳତା ମିଳିଛି। ଗତ ବର୍ଷ ଅଳ୍ପ କିଛି ଜଙ୍ଗଲରେ ନିଆଁ ଲାଗିଥିଲା। ଆମେ ଗଛର ଡାଳ, ବାଲି ଓ ପାଣି ସାହାର୍ଯ୍ୟରେ ନିଆଁ ଲିଭାଇଥିଲୁ। ଏଣୁ ଚଳିତ ବର୍ଷ ସଚେତନତାକୁ ଗୁରୁତ୍ୱ ଦେବାରୁ ନିଆଁ ଲାଗିବା କମ୍ ହୋଇ ଯାଇଛି। ମୁଣ୍ଡୁଳୀର ନିରାକାର ଜାନି କୁହନ୍ତି, ଜଙ୍ଗଲରେ ପତ୍ର ପଡି ରହିଲେ ମାଟି କ୍ଷୟ କମ୍ ହୁଏ। ଅନ୍ୟପକ୍ଷେ ପତ୍ର ପଚିଶଡ଼ି ମାଟିକୁ ଉର୍ବର କରାଏ। ପାହାଡ଼ର ବର୍ଷା ଜଳ ଜମିକୁ ଆସି ଜମିର ଉର୍ବରତା ବଢ଼ାଏ। ଏଣୁ ଆମେ ଜଙ୍ଗଲରେ ଫାୟାର ଲାଇନ କରୁଥିଲେ ମଧ୍ୟ ପତ୍ରକୁ ନଷ୍ଟ କରି ନ ଥାଉ। ମଞ୍ଜାରୀର ଶରତ ମାଝି କୁହନ୍ତି, ନିଆଁ ଲାଗିବା ଦ୍ୱାରା ପାଣିଆଳୁ ଓ କସାଆଳୁ, ମସିଆ, କନ୍ଦା, ବାଉଁଶ କରଡ, ସତାବରୀ ଆଉ ମିଳୁ ନ ଥିଲା। ନିଆଁ ନ ଲାଗିବା ଦ୍ୱାରା ଏଗୁଡିକ ଚଳିତ ବର୍ଷ ଜଙ୍ଗଲରୁ ଅଧିକ ସଂଗ୍ରହ କରାଯାଇଛି। ଏହି ପ୍ରକ୍ରିୟା ଚାଲୁ ରହୁଛି। ଜଙ୍ଗଲ ରହିଲେ ଆମେ ସମସ୍ତେ ସୁରକ୍ଷିତ ରହିବୁ। ଏହି ବାର୍ତ୍ତା ଦେଇ ଆମେ ସମସ୍ତଙ୍କୁ ସଚେତନ କରିଛୁ।

# ଆରଡିସିଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା


ସମୀକ୍ଷା ବୈଠକରେ ଆର୍‌ଡିସି, ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼,୪।୪(ଲୋକନାଥ ମିଶ୍ର)

**ଯଥାର୍ଥ କାରଣ ନ ଥାଇ ନିର୍ବାଚନ କାର୍ଯ୍ୟରୁ ନିବୃତ୍ତ ରହିଲେ କାର୍ଯ୍ୟାନୁଷ୍ଠାନ**

ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ରଞ୍ଜନ କୁମାର ଦାସ ଏକ ଦିବସୀୟ ନୟାଗଡ଼ ଗସ୍ତରେ ଆସି ନିର୍ବାଚନ ସମୀକ୍ଷା କରି ଫେରିଛନ୍ତି। ଆରଡିସି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ୨୦୨୪ ସାଧାରଣ ନିର୍ବାଚନର ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ । ନିର୍ବାଚନକୁ ମୁକ୍ତ, ନିରପେକ୍ଷ , ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣ ବିଧି କଡ଼ା କଡ଼ି ପାଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯଥାର୍ଥ କାରଣ ନ ଥାଇ ମେଡିକାଲ ସାର୍ଟିଫିକେଟର ସାହାଯ୍ୟ ବା ବିଶିଷ୍ଟ ବ୍ୟକ୍ତିଙ୍କ ସୁପାରିଶ ଆଧାରରେ ନିର୍ବାଚନ କାର୍ଯ୍ୟରୁ ନିବୃତ ରହିବାକୁ ଚାହୁଁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସ୍ୱଧା ଦେବ ସିଂଙ୍କୁ ପରାମର୍ଶ ଦେଇଛନ୍ତି। ପୋଲିସ ଫ୍ଲାଗ୍ ମାର୍ଚ୍ଚ, ପେଣ୍ଡିଂ ୱାରେଣ୍ଟି, ବନ୍ଧୁକ ଲାଇସେନ୍ସ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ସମୟରେ ମଦ, ଗଞ୍ଜେଇ, ଡ୍ରଗସ୍ ଆଦିର ଚୋରା ଚାଲାଣ ରୋକିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ମାଦକ ଦ୍ରବ୍ୟ ଚୋରା ଚାଲାଣକାରୀମାନେ ମୁଖ୍ୟ ରାସ୍ତାରେ ସେମାନଙ୍କ ବ୍ୟବସାୟ ନ କରି ମହାନଦୀରେ ସେମାନଙ୍କ ଯାତାୟତ ସମ୍ଭାବନା ଅଧିକ ଥିବାରୁ ସେଥିପ୍ରତି ଦୃଷ୍ଟି ଦେବାକୁ ଅବକାରୀ ଓ ପୋଲିସ ବିଭାଗକୁ ପରାମର୍ଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୋଲିଂ ପାର୍ଟି, ଡେସ୍‌ପାଚ୍ ସେଣ୍ଟର, ଭୋଟ ଗ୍ରହଣ କେନ୍ଦ୍ର, କାଉଣ୍ଟିଂ ସେଣ୍ଟରଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ନୋଡାଲ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ ।

# ଆଜିଠୁ ଖଳିସାହି ଦଶଦୋଳ ମହୋତ୍ସବ

ଖଣ୍ଡପଡ଼ା,୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆରେ ୩ୟ ଦଶଦୋଳ ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଚଳିତ ବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ବୈଠକର ନିଷ୍ପତ୍ତି କ୍ରମେ ଯାତ୍ରା ପଡ଼ିଆରେ ବ୍ୟାପକ ପ୍ରସ୍ତୁତି ପର୍ବ ଶେଷ ହୋଇଛି ବୋଲି କମିଟିର ସଭାପତି ବାପିନା ସାହୁ କହିଛନ୍ତି। ମହୋତ୍ସବ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦିନରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି, ଅସିମା ପଣ୍ଡା, ଶିତଲ୍ କବି ଓ ବୈଦ୍ୟନାଥ, ନଟିଆ କମେଡ଼ିର କଳାକାରମାନେ ଯୋଗଦେଇ ମନୋରଞ୍ଜନ କରିବେ। ଗଡ଼ଜାତ ଖଣ୍ଡପଡ଼ା ଅଞ୍ଚଳର ଲୋକକଳା, ଐତିହ୍ୟ ଓ ସଂସ୍କୃତିକୁ ଆଧାର କରି ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମହୋତ୍ସବ କମିଟି କର୍ମକର୍ତ୍ତା କହିଛନ୍ତି। ସୂଚନାଯୋଗ୍ୟ ରାଜରାଜୁଡ଼ା ଅମଳରୁ ଖଳିସାହିଠାରେ ଅନୁଷ୍ଠିତ ହୋଇ ଆସୁଥିବା ଦଶଦୋଳ ଯାତ୍ରାକୁ ସୁଦୂର ପ୍ରସାରୀ କରିବାର ଲକ୍ଷ୍ୟ ନେଇ ଖଳିସାହି ଗ୍ରାମବାସୀଙ୍କ ପକ୍ଷରୁ ମହୋତ୍ସବର ପରିକଳ୍ପନା କରାଯାଇଛି।

# ବନମାଳୀପୁର ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ

ଖଣ୍ଡପଡ଼ା,୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ପଞ୍ଚୁଦୋଳ ମେଳଣ ପଡ଼ିଆରେ ଗତ ୫ଦିନ ଧରି ଚାଲିଥିବା ଯାତ୍ରା ଓ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଭୁ ଶ୍ରୀ ସୋମନାଥ ଦେବ, ସ୍ୱପ୍ନେଶ୍ୱର ଦେବ, ରସିକମୋହନ ଦେବ, ରାଧାକାନ୍ତ ଦେବ, ପ୍ରଭୁ ଶ୍ରୀ ଚୈତନ୍ୟ, ବାଲୁଙ୍କେଶ୍ୱର ଦେବ, ବିଶ୍ୱନାଥ ଦେବ ଓ ପ୍ରଭୁ ଶ୍ରୀ ସୁଦର୍ଶନଙ୍କ ଚଳନ୍ତି ପ୍ରତିମାକୁ ବିମାନ ଯୋଗେ ବିରାଟ ପାଟପଟୁଆରରେ ମେଳଣ ପଡିଆରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଏ ଅବସରରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ବ୍ୟକ୍ତିମାନେ ବିଭିନ୍ନ କିସମର ବାଣ ଯୋଗାଇ ଦେଇଥିଲେ। ବନମାଳୀପୁର ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ପଞ୍ଚୁଦୋଳ ଯାତ୍ରା ଚଳିତ ବର୍ଷ ଠାରୁ ମହୋତ୍ସବର ରୂପ ନେଇଥିବା ଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କଠାରୁ ପ୍ରକାଶ। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଯାତ୍ରାର ଶେଷ ଦିବସରେ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ସମସ୍ତଙ୍କ ସହଯୋଗରେ ପଞ୍ଚୁଦୋଳ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ଫତେଗଡ଼ ପୋଲିସ ପକ୍ଷରୁ ଯାତ୍ରା ପଡ଼ିଆରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ


@ ଦିବ୍ୟଜ୍ୟୋତି


@ ଦୁର୍ଯ୍ୟୋଧନ


@ ସୌମ୍ୟରଞ୍ଜନ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ବୃଓଙ୍ଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦଶପଲ୍ଲା,୪।୪(ପ୍ରକାଶ କୁମାର ପାଣି)

ଦଶପଲ୍ଲା ତ୍ରିନାଥ ବଜାର ନିକଟସ୍ଥ କୁଆଁରିଆ ଜଳସେଚନ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବୃଓଙ୍ଗ ଏବଂ ହାଡୁଆ ଅଫିସ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁଜିତ କୁମାର ମହାରଣାଙ୍କ ସମେତ ବିଭାଗୀୟ ସହକାରୀ ଯନ୍ତ୍ରୀ, ବହୁ ବିଭାଗୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟାଳୟରେ ଜଣେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ୨ ଜଣ ନିର୍ବାହୀ ଯନ୍ତ୍ରୀ,୩ ଜଣ ଉପ ନିର୍ବାହୀ ଯନ୍ତ୍ରୀ, ୨ଜଣ ସହକାରୀ ଯନ୍ତ୍ରୀଙ୍କ ସମେତ ବହୁ କର୍ମଚାରୀ ନିଯୁକ୍ତି ପାଇବେ। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ହେବାର ପରେ ବୃଓଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବାର ସମ୍ଭାବନା ଅଛି । ବୃଓଙ୍ଗ ଜଳସେଚନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘଦିନ ଦଶପଲ୍ଲା ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଆସୁଥିଲା । ଏହି ଯୋଜାନା କାର୍ଯ୍ୟକାରୀ ହେଲେ ଦଶପଲ୍ଲା ଗଣିଆ ଏବଂ ନୂଆଗାଁ ଅଞ୍ଚଳର ବହୁ ଚାଷ ଜମି ଜଳସେଚିତ ହୋଇପାରିବ । ଏହାଦ୍ୱାରା ବହୁ ଚାଷୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଉଦ୍‌ଘାଟିତ ହୋଇଥିବା ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ।

# ବ୍ରିଟିଶଙ୍କୁ ହଟାଇବାକୁ ବଜ୍ର ଶପଥ ନେଇଥିଲେ ରଘୁ-ଦିବାକର

ରଣପୁର,୪।୪(ସୁକାନ୍ତ କିଶୋର ଡାକୁଆ)


ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ସହ ସ୍ଥାନୀୟ ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ରଣପୁରରେ ବଳିଦାନ ଦିବସ ପାଳିତ**

ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ ରଘୁ-ଦିବାକରଙ୍କ ବଳିଦାନ ଦିବସ କନ୍ଧନୟାଗଡ଼ଠାରେ ଗୁରୁବାର ପାଳିତ ହୋଇଯାଇଛି। ଭାରତ ପରାଧୀନତାର ବଳୟ ମଧ୍ୟରେ ଥିବାବେଳେ ନୟାଗଡ଼ ମାଟିରେ ସଙ୍ଗଠିତ ହେଉଥିଲା ପ୍ରଜାମଣ୍ଡଳ ଆନ୍ଦୋଳନ। ଦେଶର ମାଟିକୁ ବ୍ରିଟିଶ କବଳରୁ ମୁକ୍ତ କରିବା ପାଇଁ ଏହି ଆନ୍ଦୋଳନର ସୂତ୍ରପାତ୍ର ହୋଇଥିଲା। ଏହାର ନେତୃତ୍ୱ ନେଇ ଦେଶ ଓ ମାଟି ପାଇଁ ୨ ଜଣ ବୀର ସେନାନୀ ଶହୀଦ ହୋଇଥିଲେ। ସେମାନଙ୍କ ବଳିଦାନ ଯୋଗୁ ନୟାଗଡ଼ ଜିଲା ରଣପୁର ମାଟି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବଳିଦାନ ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷେତ୍ରରେ ଲିପିବଦ୍ଧ ହୋଇରହିଛି ବୋଲି ଗୁରୁବାର ଆୟୋଜିତ ଶହୀଦ ରଘୁ-ଦିବାକର ବଳିଦାନ ଦିବସରେ ଯୋଗଦେଇ ବକ୍ତାମାନେ ଏପରି ମତବ୍ୟକ୍ତ କରିଛନ୍ତି।

କନ୍ଧନୟାଗଡ଼ଠାରେ ଥିବା ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଇଂ.ତାପସ ରଞ୍ଜନ ମାର୍ଥା ଯୋଗଦେଇ ତତ୍କାଳୀନ ରଣପୁର ଗଡ଼ଜାତର ଗଣବାଣିକିଲୋ ଗ୍ରାମରେ ଦିବାକର ପରିଡ଼ା ଜନ୍ମ ହୋଇଥିଲା ବେଳେ ବାଦଭୂଇଁ ଗ୍ରାମରେ ରଘୁନାଥ ମହାନ୍ତି ଜନ୍ମ ଗ୍ରହଣ କରିଥିଲେ। ୧୯୩୮ରେ ରଣପୁରରେ ପ୍ରଜାମଣ୍ଡଳ ଗଠନ ହୋଇଥିଲା। ଏହି ଆନ୍ଦୋଳନକୁ ସୁଦୁରପ୍ରସାରୀ କରିବାରେ ରଘୁ-ଦିବାକରଙ୍କ ଭୂମିକା ଅତୁଳନୀୟ ଥିଲା। ଦିବାକର ବିପ୍ଳବ ସଙ୍ଗୀତ ରଚନା କରୁଥିଲା ବେଳେ ସେହି ସଙ୍ଗୀତ ଗାନ କରୁଥିଲେ। ଏହି ୨ ଯୁବକଙ୍କ ବିପ୍ଳବ ସଙ୍ଗୀତ ପ୍ରଜାମାନଙ୍କ ଭିତରେ ଭରି ଦେଉଥିଲା ଉନ୍ମାଦନା। ରଣପୁର ଗଡ଼ଜାତ ରାଜା ଅସୁସ୍ଥ ହୋଇପଡିଥିବା ବେଳେ ଶାସନ ଭାର ବହନ କରିଥିଲେ ଦେୱାନ। ତାଙ୍କ ସ୍ୱେଚ୍ଛାଚାରିତା ଅତିମାତ୍ରାରେ ବଢ଼ି ଚାଲିଥିଲା। ଏହାକୁ ନେଇ ରଘୁ-ଦିବାକର ସମଗ୍ର ଗଡ଼ଜାତର ବିପ୍ଳବରେ ରାଜଜୋଟକ ଶାସନକୁ ମୁକ୍ତି ସାଙ୍ଗକୁ ଦେଶରେ ବ୍ରିଟିଶଙ୍କୁ ହଟାଇବା ପାଇଁ ଏମାନେ ବଜ୍ରଶପଥ ନେଇଥିଲେ। ଫଳରେ ବ୍ରିଟିଶ ଶାସକଙ୍କ ଆଖିରେ ଏମାନେ ପାଲଟି ଯାଇଥିଲେ ଶତ୍ରୁ। ରଣପୁରରେ ପ୍ରଜା ଆନ୍ଦୋଳନ ଉଗ୍ରରୂପ ନେବାରୁ ଏହାକୁ ଦମନ କରିବା ପାଇଁ ବ୍ରିଟିଶ ଶାସନ ଓଡ଼ିଶାର ତତ୍କାଳୀନ ପଲଟିକାଲ ଏଜେଣ୍ଟ ଆର.ଏଲ୍ ବେଜେଲଗେଟକୁ ପଠାଇଥିଲେ। ବେଜେଲଗେଟ ଥିଲେ ଜଣେ ଅତ୍ୟାଚାରୀ। ୧୯୩୯ ଜାନୁଆରୀ ୫ରେ ବେଜେଲଗେଟ ନୟାଗଡ଼ରେ ପହଞ୍ଚି ସେଠାରୁ ରଣପୁର ଯାଇଥିଲେ। ରଣପୁରରେ ତାଙ୍କୁ ଲୋକେ ଠେଙ୍ଗାରେ ପିଟିପିଟି ମାରି ଦେଇଥିଲେ। ଏହି ଘଟଣା ସେହି ସମୟରେ ଭାରତ ସହିତ ବ୍ରିଟିଶ ପାର୍ଲାମେଣ୍ଟକୁ ମଧ୍ୟ ଥରହର କରିଥିଲା। ରଘୁ-ଦିବାକରଙ୍କ ଭିତରେ ପ୍ରଜ୍ୱଳିତ ହୋଇଥିବା ଦେଶପ୍ରେମ ଏଥିରେ ସ୍ପଷ୍ଟ ହୋଇଥିଲା। ତେବେ ଏହି ଘଟଣାରେ ଯଦିଓ ରଘୁ-ଦିବାକର ସଂଶ୍ଳିଷ୍ଟ ନ ଥିଲେ, ତଥାପି ଏକତରଫା ବିଚାର କରାଯାଇ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଶେଷରେ ବିହାରର ଭାଗଲପୁର ଜେଲରେ ଉଭୟଙ୍କୁ ବନ୍ଦୀ କରାଯାଇ ରଖାଯାଇଥିଲା। ୧୯୪୧ ମସିହା ଏପ୍ରିଲ ୪ରେ ସେମାନଙ୍କୁ ଫାଶୀ ଦିଆଯାଇଥିଲା। ଏପରିକି ସେମାନଙ୍କ ମୃତଦେହକୁ ମଧ୍ୟ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନ ଥିଲା। ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଆଜିର ଯୁବ ସମାଜ ପାଇଁ ଏକ ପ୍ରେରଣା ବୋଲି ବକ୍ତାମାନେ କହିଥିଲେ।

# ଘଡ଼େଇ-ଦାସ ପରିବାର ମଧ୍ୟରେ ବଢ଼ୁଛି ଫାଟ

କୋରେଇ,୪।୪(ଚନ୍ଦ୍ରକାନ୍ତ ପତି)

## କୋରେଇ ରାଜନୀତିରେ ଝିଲିକ



ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକଦା ସୁକିନ୍ଦାର ପ୍ରଫୁଲ୍ଲ ଘଡ଼େଇଙ୍କ ପରିବାର ଓ ଯାଜପୁରର ଅଶୋକ ଦାସଙ୍କ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ନେଇ ଚର୍ଚ୍ଚା ହୋଇଥାଏ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ୨ ପରିବାରଙ୍କ ମଧ୍ୟରେ କୋରେଇ ବିଜେଡି ଟିକେଟକୁ ନେଇ ଟଣାଓଟରା ହେଉଥିବା ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ପୂର୍ବରୁ ଟିକେଟ ଆଶାୟୀଥିବା ବେଳେ ଏବେ ସେ ବିଜେଡିରୁ ଲମ୍ଫ ମାରି ଭାଜପା ଟିକେଟ ହାତେଇଛନ୍ତି। ବିଜେଡି ଏଯାବତ କୋରେଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। କୁହାଯାଉଛି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧର ଏହା ପ୍ରତିଫଳନ।

ଆକାଶ ଭାଜପାରେ ଯୋଗଦେବା ପରେ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ (ଲଲ) ବିଜେଡି ଟିକେଟ ପାଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ହେଲା। ତାହାକୁ ନେଇ କୋରେଇରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ କିଛି ସମର୍ଥକ ଯାଜପୁର ରୋଡ୍‌ସ୍ଥିତ ବ୍ରାହ୍ମଣୀ ହୋଟେଲରେ ନିକଟରେ ଏକ ଖବରଦାତା ସମ୍ମିଳନୀ କରି ଦାସ ପରିବାରଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। ଯଦି ଅଶୋକ ଦାସଙ୍କ ପରିବାରରୁ କାହାକୁ କୋରେଇରୁ ବିଜେଡି ପ୍ରାର୍ଥୀ କରାଯାଏ, ତେବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ ଘଡ଼େଇଙ୍କୁ ମଧ୍ୟ ବିଜେଡି ପ୍ରାର୍ଥୀ କରୁବୋଲି ସେମାନେ ଦାବି କରିଥିଲେ। ଯାହାକୁ ନେଇ କୋରେଇ ରାଜନୀତି ସରଗରମ ହୋଇଉଠିଥିଲା। ଗତ ମଙ୍ଗଳବାର ପ୍ରଣବ ପ୍ରକାଶଙ୍କ ସମର୍ଥକମାନେ ପାଣିକୋଇଲିସ୍ଥିତ କଲ୍ୟାଣମଣ୍ଡପରେ ଖବରଦାତା ସମ୍ମିଳନୀ କରି ପ୍ରୀତିରଞ୍ଜନଙ୍କ ସମର୍ଥକଙ୍କୁ ଅଣ ବିଜେଡି କର୍ମୀ ବୋଲି ଦର୍ଶାଇ ଅଶୋକ ଦାସଙ୍କ କୋରେଇ ପ୍ରତି ଅତୁଳନୀୟ ଅବଦାନ ରହିଥିବା ପ୍ରକାଶ କରିଥିଲେ। ଯଦି ଅଶୋକ ଦାସଙ୍କ ପରିବାରରୁ କେହି ପ୍ରାର୍ଥୀ ହୁଅନ୍ତି, ତେବେ କୋରେଇ ବିଜେଡି ତାଙ୍କୁ ସମର୍ଥନ ଦେବ ବୋଲି ଜଣାଇଥିଲେ।

ଗୁରୁବାର କୋରେଇ ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଝିଲିକଙ୍କୁ ତାଙ୍କ ଯାଜପୁରରୋଡ୍ ଧବଳଗିରିସ୍ଥିତ ବାସଭବନରେ ଭେଟି ଅଭିନନ୍ଦନ ଜଣାଇବା ସହିତ କୋରେଇରୁ ବିଧାୟିକା ପ୍ରାର୍ଥୀ ହେବାକୁ ଦାବି କରିଛନ୍ତି। ଝିଲିକ ମଧ୍ୟ ଏହାକୁ ସ୍ୱୀକାର କରି ମୁଖ୍ୟମନ୍ତ୍ରୀ ଚାହିଁଲେ ସେ କୋରେଇ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଫଳରେ ଯାଜପୁର ରାଜନୀତି ସରଗରମ ହୋଇଉଠିଛି। ଅନ୍ୟପକ୍ଷରେ ଏସବୁ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ଇଙ୍ଗିତରେ ହେଉଥିବା ଆଲୋଚନା ହେଉଛି, ଯାହାକୁ ନେଇ ଘଡ଼େଇ ଓ ଦାସ ପରିବାର ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଚାଲିଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ଆଗକୁ ଦେଖିବାକୁ ବାକି ରହିଲା ବିଜେଡି କାହାକୁ କୋରେଇରୁ ପ୍ରାର୍ଥୀ କରି ରାଜନୈତିକ ମଇଦାନରେ ଅବତୀର୍ଣ୍ଣ କରାଉଛି।

# ଦାଦା-ପୁତୁରା, ଅଜା-ନାତି ଲଢ଼େଇ

ଗୁଣପୁର, ୪।୪ (ପ୍ରଦୀପ କୁମାର ପାଢ଼ୀ)

## ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବିଜେଡି ପକ୍ଷରୁ ରଘୁନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ଭାଜପାର ତ୍ରିନାଥ ଗମାଙ୍ଗ ପ୍ରାର୍ଥୀ ହୋଇଛନ୍ତି। ତେବେ ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ଗୋଟିଏ ପରିବାରର ଏବଂ ପରସ୍ପରର ସମ୍ପର୍କୀୟ ହୋଇଥିବାରୁ ଗୁଣପୁର ରାଜନୀତି ବେଶ୍ ରୋଚକ ମୋଡ଼ ନେଇଛି। ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ପରିବାର ରାଜନୀତିକୁ ନେଇ ଚର୍ଚ୍ଚା ରହିଛି। ହେଲେ ଚଳିତ ନିର୍ବାଚନରେ ତାଙ୍କ ପରିବାରର ସ୍ତ୍ରୀ ହେମା ଗମାଙ୍ଗ କିମ୍ବା ପୁଅ ଶିଶିର ଗମାଙ୍ଗଙ୍କୁ ଟିକେଟ ମିଳି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ଗିରିଧର ଗମାଙ୍ଗଙ୍କ ପରିବାର ସହ ପାରିବାରିକ ସମ୍ପର୍କ ରହିଛି। ଭାଜପା ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ହେଉଛନ୍ତି ହେମା ଗମାଙ୍ଗଙ୍କ ଭାଇ। ଅନ୍ୟପକ୍ଷରେ ବିଜେଡିର ରଘୁନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ତ୍ରିନାଥ ଗମାଙ୍ଗ ମଧ୍ୟରେ ପାରିବାରିକ ସମ୍ପର୍କ ରହିଛି। ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଦାଦା ହୋଇଥିବାବେଳେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତ୍ରିନାଥ ଗମାଙ୍ଗ ତାଙ୍କ ପୁତୁରା। ସେହିପରି ରଘୁନାଥଙ୍କ ସହ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତଙ୍କ ଅଜା ନାତିର ସମ୍ପର୍କ ରହିଛି। ଭାଜପାର ତ୍ରିନାଥ ଏବଂ କଂଗ୍ରେସର ସତ୍ୟଜିତଙ୍କ ମଧ୍ୟରେ ମାମୁ-ଭଣଜାର ସମ୍ପର୍କ ରହିଥିବା ଜଣାପଡ଼ିଛି।

ରଘୁନାଥଙ୍କୁ ବିଜେଡି ରିପିଟ୍ କରିଥିବାବେଳେ ତ୍ରିନାଥ ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ହେଲେ ସତ୍ୟଜିତ କଂଗ୍ରେସ ପାଇଁ ନବାଗତ। ୩ ପ୍ରମୁଖ ପ୍ରାର୍ଥୀ ନିଜ ନିଜ ଦଳର ସଫଳତାକୁ ଆୟୁଧ କରିବା ସହ ବିରୋଧୀ ବିଫଳତାକୁ ନେଇ ନିର୍ବାଚନ ବୈତରଣୀ ପାର କରିବାକୁ ଚେଷ୍ଟା ଚଳାଇଛନ୍ତି। ଗତ ନିର୍ବାଚନରେ କମ୍ ଭୋଟ ବ୍ୟବଧାନ ରହିଥିବାରୁ ବିଜେଡି ପାଇଁ ଗଡ଼ ବଞ୍ଚାଇବା ଚ୍ୟାଲେଞ୍ଜ ହୋଇପଡ଼ିଛି। ସେହିପରି ବିରୋଧୀ କଂଗ୍ରେସକୁ ପୁନର୍ବାର ଗଡ଼ ଅକ୍ତିଆର କରିବାର ଚିନ୍ତା ଘାରିଛି। ତେବେ ଭାଜପା ଦୁଇ ଜଣଙ୍କୁ ଟକ୍କର ଦେଇ ବିଜୟ ଲକ୍ଷ୍ୟରେ ରହିଛି।

# କୌଶଲ୍ୟା, ସପ୍ତଗିରି, କାଳିରାମଙ୍କ ମଧ୍ୟରେ କଡ଼ା ଟକ୍କର

ରାୟଗଡ଼ା,୪।୪(ଆଶିଷ ରଞ୍ଜନ ପଣ୍ଡା)

## ■କୋରାପୁଟ ଲୋକ ସଭା ଆସନ: ୨୦୧୯ରେ ଦଖଲ କରିଥିଲା କଂଗ୍ରେସ

୨୦୨୪ ସାଧାରଣ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ମହଲ ସରଗରମ ରହିଛି। ତେବେ ଦକ୍ଷିଣ ଓଡ଼ିଶାରେ ସବୁବେଳେ ଚର୍ଚ୍ଚା ରହିଥିବା କୋରାପୁଟ ଲୋକ ସଭା ଆସନ ପାଇଁ ଭାଜପା ପକ୍ଷରୁ କାଳିରାମ ମାଝି, ବିଜେଡିରୁ କୌଶଲ୍ୟା ହିକକା ଏବଂ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ବର୍ତ୍ତମାନର ଏମ୍‌ପି ସପ୍ତଗିରି ଶଙ୍କର ଉଲାକା। ୨୦୧୯ରେ କଂଗ୍ରେସ ଅକ୍ତିଆରକୁ ଯାଇଥିବା କୋରାପୁଟ ଲୋକ ସଭା ଆସନରେ ଚଳିତ ଥର କଂଗ୍ରେସ, ବିଜେଡି ଓ ଭାଜପା ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବା ନେଇ ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ଏହି ଆସନକୁ କଂଗ୍ରେସ ପୁଣି ଅକ୍ତିଆର କରିବ ନା ବିଜେଡି ଓ ଭାଜପା ମଧ୍ୟରୁ କାହା ନିକଟକୁ ଯିବ ସେ ନେଇ ଆଲୋଚନା ଜୋର ଧରିଛି।

ଏକଦା କଂଗ୍ରେସର ଗଡ଼ ଭାବେ ପରିଚିତ କୋରାପୁଟ ଲୋକ ସଭା ଆସନ କ୍ରମାଗତ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସ ଦଖଲରେ ରହି ଆସିଥିଲା। ଏହି ଆସନରୁ ଗିରିଧର ଗମାଙ୍ଗ ୯ଥର ଏମ୍‌ପି ରହିଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ଏହି ଆସନକୁ କଂଗ୍ରେସ ହାତରୁ ଛଡ଼ାଇ ନେଇଥିଲା ବିଜେଡି। କ୍ରମାଗତ ୨ଥର ବିଜେଡି ନିଜ ଦଖଲରେ ରଖିଥିଲା। ୨୦୦୯ ଏବଂ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା। ତେବେ ଏଠାରେ ଭାଜପା ଆଦୌ ଖାତା ଖୋଲିପାରିନାହିଁ। ୨୦୦୯ରେ ବିଜେଡିରୁ ଜୟରାମ ପାଙ୍ଗି ପ୍ରାର୍ଥୀ ହୋଇ ୯୬,୩୬୦ ଭୋଟରେ ବିଜୟୀ ହୋଇଥିଲା। ସେହିଭଳି ୨୦୧୪ ନିର୍ବାଚନରେ ବିଜେଡିରୁ ପୂର୍ବତନ ବିଧାୟକ ଝିନ୍ନ ହିକକା ୧୯୩୨୮ ଭୋଟରେ ବିଜୟୀ ହୋଇଥିଲେ।



ସପ୍ତଗିରି ଶଙ୍କର ଉଲାକା



କୌଶଲ୍ୟା ହିକକା



କାଳିରାମ ମାଝି

ତେବେ ୨୦୧୯ ନିର୍ବାଚନରେ ପଟ ପରିବର୍ତ୍ତନ ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା ଫେରାଇ ଆଣିଥିଲେ କୋରାପୁଟ ଲୋକ ସଭା ଆସନ। ୨୦୧୯ ନିର୍ବାଚନରେ ଓଡ଼ିଶାର ଏକମାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ସେ ନିର୍ବାଚିତ ହୋଇ ଲୋକ ସଭାକୁ ଯାଇଥିଲେ। ଏହି ନିର୍ବାଚନରେ ପୂର୍ବତନ ଏମ୍‌ପି ଝିନ୍ନଙ୍କ ବଦଳରେ ତାଙ୍କ ପତ୍ନୀ କୌଶଲ୍ୟା ହିକକା ବିଜେଡିରୁ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ଏଥିରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୩୬୧୩ ଭୋଟରେ ପରାଜିତ କରିଥିଲେ।

# ଭାଜପାକୁ ଘାରିଲାଣି ଅସନ୍ତୁଷ୍ଟଙ୍କ ଚିନ୍ତା



ହିଞ୍ଜିଳିରେ ଦଳ ଦେଇଥିବା ପ୍ରାର୍ଥୀଙ୍କୁ ଭାଜପା ସମର୍ଥକ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟ ଆସିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ବୁଝାଶୁଝା କରୁଛନ୍ତି।

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

## ■ଅରବିନ୍ଦଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ମୁଖପାତ୍ରଙ୍କୁ ଆକ୍ରମଣ, ଚେୟାର ଭଙ୍ଗା

## ■ହିଞ୍ଜିଳି, ବାଙ୍କୀ, କୋରେଇ ପ୍ରାର୍ଥିତ୍ୱକୁ ନେଇ ମଧ ବିରୋଧ

୨୦୨୪ ନିର୍ବାଚନରେ ରାଜ୍ୟରେ ଭାଜପା ସରକାରକୁ ଆସିବ ବୋଲି ଭାଜପା ରାଜ୍ୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଅନେକ ସମୟରେ ବିଜେଡିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥିବା ବେଳେ ଶାସକ ଦଳର ବହୁ ନେତା ଯୋଗାଯୋଗରେ ଥିବା ନେଇ ମଧ୍ୟ ଭାଜପାର ଆଗ ଧାଡ଼ିର ନେତାମାନେ ଅନେକ ସମୟରେ ମତ ରଖିଛନ୍ତି। ସେହିକ୍ରମରେ ବିଜେଡିରୁ ଟିକେଟ ପାଉ ନ ଥିବା ଏବଂ ଅସନ୍ତୁଷ୍ଟ ନେତାମାନଙ୍କୁ ଦଳରେ ସାମିଲ କରି ଟିକେଟ ଦେବା ଭାଜପା ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନଙ୍କ ଟିକେଟ କଟିବା ପରେ ସେମାନଙ୍କ ସମର୍ଥକମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଶି ଗତ କିଛିଦିନ ହେବ ହଙ୍ଗାମା କରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଏହି ଘଟଣା ସୀମା ଲଙ୍ଘିଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସମର୍ଥକ ଅରବିନ୍ଦ ଢାଲିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟରେ ପଶି ଚେୟାର ଭଙ୍ଗାରୁଜା କରିବା ସଙ୍ଗେ ଦଳର ଜଣେ ମୁଖପାତ୍ରଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏଭଳି ଘଟଣା ପରେ ଅସନ୍ତୁଷ୍ଟମାନଙ୍କୁ ବୁଝାଶୁଝା କରିବାରେ ଭାଜପା ଏକ ପ୍ରକାର ବିଫଳ ହେଉଥିବା ଦେଖିବାକୁ ମିଳୁଛି।

ନିକଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦେବା ପରେ ସେ ଖୋର୍ଦ୍ଧାରୁ ପ୍ରାର୍ଥୀ ହେବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏକ ସଭାରେ ଘୋଷଣା କରିଦେଲେ। ଏହାପରେ ସେଠାରୁ ୨୦୧୯ରେ ପ୍ରାର୍ଥୀ ହୋଇଥିବା କାଳୁ ଖଣ୍ଡାୟତରାୟଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟକୁ ଆସି ହୋହଲ୍ଲା ନାରାବାଜି ଆରମ୍ଭ କରିଦେଇଥିଲେ। ଅପରାଜିତାଙ୍କୁ ହଟାଇବା ପାଇଁ ମଧ୍ୟ ଦାବି କରିଥିଲେ। ଏହାପରେ ତାଙ୍କୁ ବୁଝାଶୁଝା କରି ଦଳ ଟିକେଟ ବିଷୟରେ ବିଚାର କରିବ ବୋଲି କହିଥିଲା। ଏପର୍ଯ୍ୟନ୍ତ ଖୋର୍ଦ୍ଧା ଆସନରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା କରିନାହିଁ। ସେହିପରି ଧର୍ମଶାଳାରେ ସ୍ମୃତିରେଖା ପହିଙ୍କୁ ଭାଜପା ଟିକେଟ ଦେବା ପରେ ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଟିକେଟ ବିକ୍ରି କରିଦେଇଥିବା ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ମଧ୍ୟ ହିମାଂଶୁଙ୍କ ସମର୍ଥକମାନେ ଆସି ପ୍ରତିବାଦ ଜାରି ରଖିଛନ୍ତି। ସେହିପରି କୋରେଇରୁ ଆକାଶ ଦାସ ନାଏକଙ୍କୁ ଟିକେଟ ମିଳିବା ପରେ ସେହି ଆସନର ଅନ୍ୟତମ ଆଶାୟୀଙ୍କ ସମର୍ଥକମାନେ ଆସି ଦଳୀୟ କାର୍ଯ୍ୟାଳୟ ଠାରେ ପ୍ରତିବାଦ କରିଛନ୍ତି। ସମାନଭାବେ ବାଙ୍କୀ ନିର୍ବାଚନମଣ୍ଡଳୀର ବହୁ ଭାଜପା ସମର୍ଥକ ମଧ୍ୟ ରାଜ୍ୟ କାର୍ଯ୍ୟାଳୟରେ ବିରୋଧ କରିଛନ୍ତି। ସେହିପରି ହିଞ୍ଜିଳିରେ ଦଳ ଦେଇଥିବା ପ୍ରାର୍ଥୀଙ୍କୁ ବହୁ ଭାଜପା ସମର୍ଥକ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟ ଆସିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ଏହିଭଳି ଆହୁରି ଅନେକ ନିର୍ବାଚନମଣ୍ଡଳୀରେ ଟିକେଟ ବଣ୍ଟନକୁ ନେଇ ସମସ୍ୟା ଦେଖାଦେଇଛି। ଅସନ୍ତୁଷ୍ଟ ଗୋଷ୍ଠୀମାନେ କାହା କଥା ନ ଶୁଣି ରାଜ୍ୟ କାର୍ଯ୍ୟାଳୟ ବାହାରେ ଘେରାଉ କରି ରହିଛନ୍ତି।

# ନିମାପଡ଼ା: ବଦଳିପାରେ ବିଜେଡି ସମୀକରଣ

ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଘୋଷଣା କରିଛି। ପ୍ରଭାତୀ ପରିଡ଼ା ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ କିଏ ପ୍ରାର୍ଥୀ ହେବେ ତାହାକୁ ନେଇ ଦୀର୍ଘଦିନ ହେବ ଚର୍ଚ୍ଚା ଚାଲିଛି। ଭାଜପା ଟିକେଟ ନ ପାଇବାରୁ ଦିଲୀପ ନାୟକ ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ଯୋଗଦାନ ପରେ ବିଜେଡି ସମୀକରଣ ବଦଳିବା ନେଇ ଆଲୋଚନା ହେଲାଣି।

ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ସୁବ୍ରତ ଛାଟୋଇ, ଜିତେନ୍ଦ୍ର ମହାନ୍ତି ଟିକେଟ ଲବିରେ ଥିବା ବେଳେ ଦିଲୀପ ନୂଆ ଭାବେ ଆଶାୟୀ ତାଲିକାରେ ଯୋଡ଼ି ହୋଇଛନ୍ତି। ପୁଣି କୁହାଯାଉଛି, ବିଜେଡି ଏହି ଆସନରେ ମହିଳାଙ୍କୁ ଗୁରୁତ୍ୱ ଦେଇପାରେ। ସୁଶ୍ରୀ ରୋଜାଲିନ ନାୟକ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଏବଂ ୬ଥର ଜିଲା ପରିଷଦ ଜିତିଥିବା କୁଞ୍ଜଲତା ସାମଲ ପ୍ରମୁଖ ଦାବିଦାର ରହିଛନ୍ତି। ତେବେ ୨୦୦୯ରୁ କ୍ରମାଗତ ସମୀର ଦାଶ ଜିତି ଚାଲିଛନ୍ତି। ୨୦୦୯ରେ କଂଗ୍ରେସରୁ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ ସତ୍ୟବ୍ରତ ପାତ୍ର ଓ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ ଦିଲୀପ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦିଲୀପ କଂଗ୍ରେସ ଛାଡି ପଦ୍ମ ଧରିଥିଲେ। ଏବେ ଟିକେଟ ପ୍ରତିଶ୍ରୁତି ପାଇବା ପରେ ଦିଲୀପ ବିଜେଡିରେ ଯୋଗଦେଇଛନ୍ତି ବୋଲି ତାଙ୍କ ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ହାତ ଛାଡି ଶଙ୍ଖ ଧରିଥିଲେ ସତ୍ୟବ୍ରତ। ସିଏ ରାଜନୀତିରେ ଜଣେ ପୋଖତ ଖେଳୁଆଡ଼। ଏଥର ଦଳୀୟ ଟିକେଟ ଆଶାରେ ସେ ଅଛନ୍ତି। ୨୦୧୯ ଶିକ୍ଷାବିତ୍‌ରୁ ପ୍ରତ୍ୟକ୍ଷ ରାଜନୀତିରେ ରୁଚି ରଖିଥିବା ସୁବ୍ରତ ଛାଟୋଇ ଏବେ ନିମାପଡ଼ାରେ ବିଜେଡି ମଙ୍ଗ ଧରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ବର୍ଷେ ତଳୁ ଏଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ସାମିଲ କରି ଜନସମର୍ଥନ ହାସଲ କରିଚାଲିଛନ୍ତି। ସେହିଭଳି କର୍ପୋରେଟର କ୍ଷେତ୍ରରୁ ରାଜନୀତିରେ ପାଦ ରଖିଥିବା ଜିତେନ୍ଦ୍ର ମହାନ୍ତି ଦଳୀୟ ଟିକେଟ ଲବିରେ ପ୍ରମୁଖ ଦାବିଦାର ରହିଛନ୍ତି।



ସମୀର



ଦିଲୀପ



କୁଞ୍ଜଲତା

ସୁଶ୍ରୀ ରୋଜାଲିନ ନାୟକ ପାଇଲଟ ଭାବେ ପ୍ରଶିକ୍ଷଣ ନେବା ପରେ ସିଧାସଳଖ ରାଜନୀତି ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ସେହିପରି ନିମାପଡା ନଗରପାଳ ସସ୍ମିତା ସାହୁ ଦଳୀୟ ଟିକେଟ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି ଓ ଭୁବନେଶ୍ୱରରେ ରହି ରାଜ୍ୟ ନେତୃତ୍ୱଙ୍କ ସହିତ ସେ ଯୋଗାଯୋଗରେ ଥିବା କୁହାଯାଉଛି। ଛଅ ଥର ଜିଲା ପରିଷଦ ଭାବେ ଶଙ୍ଖ ଚିହ୍ନରୁ ଜିତି ରେକର୍ଡ ସୃଷ୍ଟି କରିଛନ୍ତି କୁଞ୍ଜଲତା ସାମଲ। ତାଙ୍କର ମଧ୍ୟ ବିଜେଡି ଟପ୍ ନେତାଙ୍କ ସହ ଭଲ ଯୋଗାଯୋଗ ରହିଛି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଦଳ କାହାକୁ ଟିକେଟ ଦେବ ସେନେଇ ବିଜେଡି ଶୀର୍ଷ ନେତୃତ୍ୱ ଦ୍ୱନ୍ଦ୍ୱରେ ରହିଛନ୍ତି।

# ବିଜେଡିରେ ଆଶାୟୀ ଅନେକ, ଆଗରେ ବିଦ୍ୟୁବେନ୍ଦୁ

ବାଲେଶ୍ୱର, ୪।୪(ମାନସ ବିଶ୍ୱାଳ)

## ଭୋଗରାଇ ବିଧାନସଭା ଆସନ



ବିଦ୍ୟୁବେନ୍ଦୁ ପାତ୍ର

ବାଲେଶ୍ୱର ଜିଲାର ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ ବିଜେଡି ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଶେଷକରି ବିଜେଡି ଆଶାୟୀଙ୍କୁ ନେଇ କଳ୍ପନାଜଳ୍ପନା ବଢ଼ିଚାଲିଛି। ବର୍ତ୍ତମାନର ବିଧାୟକ ଅନନ୍ତ ଦାସଙ୍କୁ ବାର୍ଦ୍ଧକ୍ୟଜନିତ କାରଣରୁ ଦଳ ପ୍ରାର୍ଥୀ କରି ନ ପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଅନ୍ୟ ଆଶାୟୀମାନେ ଟିକେଟ ପାଇଁ ଜୋରଦାର ଲବି ଚଳାଇଛନ୍ତି। ଏହି ଟିକେଟ ଦୌଡ଼ରେ ଜିଲାର ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ବିଦ୍ୟୁବେନ୍ଦୁ ପାତ୍ର ଆଗରେ ରହିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଏହି ନିର୍ବାଚନମଣ୍ଡଳୀ ୧୯୯୦ରୁ ଜନତା ଦଳ ଦଖଲରେ ଥିବା ବେଳେ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଅକ୍ତିଆରରେ ଅଛି। ବିଜେଡି ଟିକେଟ ଲବିରେ ଆଗୁଆ ଥିବା ଶିକ୍ଷାବିତ୍ ବିଦ୍ୟୁବେନ୍ଦୁ ପାତ୍ର ୨୦୦୯ରୁ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରି ଶିକ୍ଷାବିତ୍ ଭାବେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଭଳି ଜିଲାରେ ବହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ କରାଇଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟପ୍ପର ହେବା ଭଳି ଛାତ୍ର ତାଙ୍କ ଶିକ୍ଷାନୁଷ୍ଠାନରୁ ବାହାରିଛନ୍ତି। ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିନା ଅର୍ଥରେ ସେ ପଢ଼ିବାର ସୁଯୋଗ ଦେଇଛନ୍ତି। କୋଭିଡ୍ ସମୟରେ ଭୋଗରାଇ ସମେତ ବାଲେଶ୍ୱର ଜିଲାରେ ଲୋକଙ୍କ ସେବା କରିଛନ୍ତି। ବିଶେଷକରି ଭୋଗରାଇ ନିର୍ବାଚନମଣ୍ଡଳୀରେ ପ୍ରାକୃତିକ ଦୁର୍ବିପାକ ସମୟ ଏବଂ ସାମୂହିକ କାର୍ଯ୍ୟରେ ସବୁବେଳେ ଲୋକଙ୍କୁ ସାହାଯ୍ୟ କରିଆସୁଥିବାରୁ ସମର୍ଥକମାନେ ତାଙ୍କୁ ଟିକେଟ ମିଳୁ ବୋଲି ଦାବି କରୁଛନ୍ତି। ବିଦ୍ୟୁବେନ୍ଦୁଙ୍କ ବ୍ୟତୀତ ବିଧାୟକ ଅନନ୍ତ ଦାସଙ୍କ ପୁଅ ଅଭିଜିତ୍ ଦାସ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବିଜେଡି ଜିଲା ସମ୍ପାଦକ ଭୁବନାନନ୍ଦ ଦାସ, ବିଜେଡିର ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ, ଡା. ସରୋଜ ଦାସ ମଜୁମଦାର, ବିଜେଡିର ବରିଷ୍ଠ ସଦସ୍ୟ ତପନ ପଣ୍ଡା ପ୍ରମୁଖ ଟିକେଟ ଆଶାୟୀ ତାଲିକାରେ ରହିଛନ୍ତି।

# ଭଦ୍ରକବାସୀଙ୍କ ନିଷ୍ପତ୍ତି ମୋ ନିଷ୍ପତ୍ତି: ଅସିତ

ଭଦ୍ରକ,୪।୪(ସନାତନ ରାଉତ)

ଭଦ୍ରକର ଚର୍ଚ୍ଚିତ ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ପୁଅ ଅସିତ ପଟ୍ଟନାୟକ ବିଜେଡିରୁ ଇସ୍ତଫା ଦେବା ପରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ଉଷ୍ମ ହୋଇଛି। ଭଦ୍ରକବାସୀ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ସେ ଆଗକୁ ବଢ଼ିବେ ବୋଲି ଅସିତ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ନରିପୁରସ୍ଥିତ ବାସଭବନରେ ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ସେ କ୍ଷୋଭ ପ୍ରକାଶ କରି କହିଛନ୍ତି, ବିଜେଡିରେ ତାଙ୍କ ପ୍ରତି ଅବିଚାର କରାଯାଇଛି। ଦଳୀୟ ନିଷ୍ପତ୍ତି ଭଦ୍ରକ ପାଇଁ କ୍ଷତିକାରକ। ଗତ ୫ ବର୍ଷରେ ଭଦ୍ରକରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ବିଧାୟକ ଏବଂ ପୌରାଧ୍ୟକ୍ଷାଙ୍କ ମଧ୍ୟରେ ବାଦ ବିବାଦ ସବୁବେଳେ ଲାଗି ରହିଥିବାରୁ ଭଦ୍ରକ ବିକାଶରେ ବାଧା ସୃଷ୍ଟି ହେଉଥିଲା। ଭଦ୍ରକ ଓ ଭଣ୍ଡାରିପୋଖରୀର ବିଧାୟକଙ୍କୁ ବଦଳ କରି ପ୍ରାର୍ଥୀ ଘୋଷଣା କରାଯିବା ଭଦ୍ରକ ପ୍ରତି ଅବହେଳା ହୋଇଛି। ତାଙ୍କର କର୍ମୀ ଓ ସମର୍ଥକମାନଙ୍କ ସହ ଆଲୋଚନା ପରେ ସେମାନଙ୍କ ମତାମତ ନେଇ ଆଗାମୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ପରେ ଭଦ୍ରକ ପୌରପାଳିକା ଓ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ, ସମର୍ଥକଙ୍କୁ ନେଇ ସେ ଏକ ବୈଠକ କରି ଏନେଇ ଆଲୋଚନା କରିଛନ୍ତି। ତେବେ ଗତ ପୌରପାଳିକା ନିର୍ବାଚନରେ ବିଜୟୀ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ତାଙ୍କ ପ୍ରତିନିଧି ଯୁବନେତା ଜାହିଦ ହବିବଙ୍କୁ ବୈଠକରେ ଦେଖିବାକୁ ମିଳି ନ ଥିଲା। ଜାହିଦ ହବିବ ଓ ଅସିତ୍ ଭଦ୍ରକ ବିଧାୟକଙ୍କ ବିରୋଧରେ ଗତ ୨ ବର୍ଷ ଧରି ମିଳିତ ରଣନୀତି ପ୍ରସ୍ତୁତ କରି ଆସୁଥିବା ବେଳେ ଏହି ବୈଠକରେ ଜାହିଦଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରକାଶଥାଉ କି, ଅସିତ ବୁଧବାର ରାତିରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ଦଳରେ ତାଙ୍କୁ କ୍ରମାଗତ ଭାବେ ଅବହେଳା କରାଯାଉଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି।



ବୈଠକରେ ସମର୍ଥକଙ୍କ ସହ ଅସିତ୍ ପଟ୍ଟନାୟକ।

# ୪ ଦିନରେ ୨୩,୦୦୦ ଆୟକର ରିଟର୍ନ

## ପୋର୍ଟାଲରେ ଆଇଟିଆର ଫର୍ମ ଉପଲବ୍ଧ




ଭୁବନେଶ୍ୱର,୪।୪(ଅନୁରାଧା ମହାରଣା)

୨୦୨୩-୨୪ ଆର୍ଥିକ ବର୍ଷ ଏବଂ ମୂଲ୍ୟାଙ୍କନ ବର୍ଷ ୨୦୨୪-୨୫ ପାଇଁ ଆୟକର ରିଟର୍ନ ଦାଖଲ କରିବାର ପ୍ରକ୍ରିୟା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି। ଗତ ଚାରି ଦିନ ମଧ୍ୟରେ ୨୩,୦୦୦ ଆୟକର ରିଟର୍ନ ଦାଖଲ କରାଯାଇଛି। ଆୟକର ବିଭାଗ ସୂଚନାନୁସାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲ ସହ ଜଡିତ ଫର୍ମଗୁଡିକ ଇ-ଦାଖଲ ପୋର୍ଟାଲରେ ଉପଲବ୍ଧ କରାଯାଇଛି ଏବଂ ଗତ ଚାରି ଦିନ ମଧ୍ୟରେ ପ୍ରାୟ ୨୩,୦୦୦ ଆୟକର ରିଟର୍ନ ଦାଖଲ କରାଯାଇଛି। ନିକଟ ଅତୀତରେ ପ୍ରଥମଥର ପାଇଁ ଆୟକର ବିଭାଗ ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନରୁ ଟିକସଦାତାଙ୍କ ଆୟକର ରିଟର୍ନ ଦାଖଲ କରିବାକୁ ବ୍ୟବସ୍ଥା କାର୍ଯ୍ୟକାରୀ କରି ପୋର୍ଟାଲକୁ ସକ୍ଷମ କରିଛି। ଟିକସ ନିୟମ ଅନୁପାଳନ ଏବଂ ନିରବଚ୍ଛିନ୍ନ ଟିକସଦାତା ସେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଆଇଟିଆର ଫର୍ମ ୧ (ସହଜ) ଏବଂ ଆଇଟିଆର ଫର୍ମ ୪ (ସୁଗମ) ବହୁ ସଂଖ୍ୟାରେ କ୍ଷୁଦ୍ର ଏବଂ ମଧ୍ୟମ ଟିକସଦାତାଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେଉଛି। ଆଇଟିଆର-୨ ଆବାସିକ ସମ୍ପତ୍ତିରୁ ଆୟ କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥାଏ। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ(ସିବିଡିଟି) ସୂଚନାନୁସାରେ ୨୦୨୪ ଏପ୍ରିଲ ୧ରୁ ୨୦୨୪-୨୫ (ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ) ମୂଲ୍ୟାଙ୍କନ ବର୍ଷ ପାଇଁ ଆଇଟିଆର ଦାଖଲ କରିବାକୁ ଟିକସଦାତାଙ୍କୁ ଏହି ସୁବିଧା ପ୍ରଦାନ କରିଛି। ସାଧାରଣତଃ ଟିକସଦାତା ବ୍ୟବହାର କରୁଥିବା ଆଇଟିଆର-୧, ଆଟିଆର-୨ ଏବଂ ଆଇଟିଆର-୪ ଟିକସଦାତାମାନଙ୍କ ପାଇଁ ରିଟର୍ନ ଦାଖଲ କରିବା ଲାଗି ଇ-ଫାଇଲ ପୋର୍ଟାଲରେ ଉପଲବ୍ଧ ହୋଇଛି। ସିବିଡିଟି କହିଛି ଯେ, କମ୍ପାନୀଗୁଡିକ ଏପ୍ରିଲ ୧ରୁ ଆଇଟିଆର-୬ ମାଧ୍ୟମରେ ସେମାନଙ୍କର ଆଇଟିଆର ମଧ୍ୟ ଦାଖଲ କରିପାରିବେ। ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ଟିକସଦାତାମାନେ ସହଜ ଫର୍ମ ମାଧ୍ୟମରେ ଆଇଟିଆର ଦାଖଲ କରିପାରିବେ। ଏହି ଆୟ ବେତନ, ଘରର ସମ୍ପତ୍ତି, ସୁଧ ପରି ଅନ୍ୟାନ୍ୟ ଆୟର ଉତ୍ସ ହୋଇପାରେ । ବ୍ୟକ୍ତି, ହିନ୍ଦୁ ଅବିଭାଜିତ ପରିବାର ଏବଂ ସଂସ୍ଥା (ଏଲ୍ଏଲ୍ପି ବ୍ୟତୀତ)ଙ୍କ ଦ୍ୱାରା ସୁଗମ ଫର୍ମ ଦାଖଲ କରାଯାଇପାରିବ, ଯାହାର ବ୍ୟବସାୟ ଏବଂ ବୃତ୍ତିରୁ ମୋଟ ଆୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବ। ସିବିଡିଟି ପୂର୍ବରୁ ଆଇଟିଆର ଫର୍ମକୁ ସୂଚିତ କରିସାରିଛି। ସିବିଡିଟି କହିଛି ଯେ, ଆଇଟିଆର ୩, ୫ ଏବଂ ୭ ଫର୍ମ ଦାଖଲ କରିବାର ସୁବିଧା ମଧ୍ୟ ଶୀଘ୍ର କରଦାତାମାନଙ୍କ ପାଇଁ ଉପଲବ୍ଧ ହେବ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୪।୪

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ)ର ସେନସେକ୍ସ ୩୫୧ (୩୫୦.୮୧) ପଏଣ୍ଟ ବଢ଼ି୭୪,୨୨୮(୭୪,୨୨୭.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୦୦) ପଏଣ୍ଟ ବୃଦ୍ଧି ଘଟି ୨୨,୫୧୫(୨୨,୫୧୪.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ୟୁବିଆଇ ବ୍ରହ୍ମପୁର କ୍ଷେତ୍ରର ନୂଆ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୪।୪


ବଂଶୀଧର ତ୍ରିପାଠୀ

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବଂଶୀଧର ତ୍ରିପାଠୀ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ବିଶେଷ କରି ବ୍ରହ୍ମପୁର କ୍ଷେତ୍ର ଅଧୀନରେ ଗଞ୍ଜାମ, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳ ଭଳି ଜିଲ୍ଲା ଆସୁଥିଲାବେଳେ ଉକ୍ତ କ୍ଷେତ୍ରରେ ବ୍ୟାଙ୍କର ମୋଟ ୬୩ଟି ଶାଖା ରହିଛି। ଏପରିକି ବ୍ରହ୍ମପୁର କ୍ଷେତ୍ରରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୬,୪୩୬ କୋଟିରେ ପହଞ୍ଚିଛି। ସେହିଭଳି ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତ୍ରିପାଠୀ ଡିଜିଟାଇଜେଶନ୍ ଓ କ୍ରେଡିଟ୍ ସେବା ଉପରେ ଅଧିକ ଧ୍ୟାନ ଦେବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ,୨୦୦୯ରେ ତ୍ରିପାଠୀ ୟୁବିଆଇ ସହ ଜଡିତ ହେବା ସହିତ ମୁମ୍ବାଇ, ଅହମଦାବାଦ, ଚଣ୍ଡିଗଡ଼, ପୁଣେ(ପୁନା), ରାଜକୋଟ ଏବଂ କାନପୁର ଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି।

## ମାର୍ଚ୍ଚରେ ହୋଣ୍ଡାର ୭୦୭୧ ୟୁନିଟ୍ ଯାନ ବିକ୍ରି

ଭୁବନେଶ୍ୱର,୪।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍ସିଆଇଏଲ)ର ମାସିକ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀର ସୂଚନା ଅନୁଯାୟୀ ୨୦୨୪ ମାର୍ଚ୍ଚରେ ହୋଣ୍ଡାର ମୋଟ ଘରୋଇ ବିକ୍ରି ୭୦୭୧ ୟୁନିଟ ରହିଛି। ଏପରିକି ୨୦୨୩ ସମାନ ଅବଧି ମଧ୍ୟରେ କମ୍ପାନୀ ୬୬୯୨ ୟୁନିଟ ଯାନ ବିକ୍ରି କରିଥିଲା। ସେହିଭଳି କମ୍ପାନୀ ୨୦୨୪ ମାର୍ଚ୍ଚରେ ମୋଟ ୬୮୬୦ ୟୁନିଟ ଯାନ ରପ୍ତାନି କରିଥିଲାବେଳେ ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୩୧୮୯ ୟୁନିଟ ଯାନ ରପ୍ତାନି କରିଥିଲା। ଅପରପକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀ ମୋଟ ୧,୨୪,୧୭୩ ୟୁନିଟ ଯାନ ଉଭୟ ଘରୋଇ ଏବଂ ରପ୍ତାନି କ୍ଷେତ୍ରରେ ବିକ୍ରି କରିଥିଲା। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ମୋଟ ୧,୧୪,୧୪୦ ୟୁନିଟ ଯାନ ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରରେ ବିକ୍ରି ହୋଇଥିଲା। ଏ ସମ୍ପର୍କରେ ଏଚସିଆଇଏଲର ଉପସଭାପତି (ମାର୍କେଟିଂ ଆଣ୍ଡ ସେଲ୍ସ) କୁନାଲ ବେହଲ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ସାହର ବର୍ଷ ଥିଲା। ବିଶେଷ କରି ବ୍ରାଣ୍ଡ୍ର ଅଗ୍ରଣୀ ମଡେଲ ତଥା ଏସୟୁଭି ମଡେଲ ହୋଣ୍ଡା ଏଲିଭେଟର ଉଲ୍ଲେଖନୀୟ ସଫଳତା ଯୋଗୁ ଆମେ ରେକର୍ଡ ସଂଖ୍ୟକ ବିକ୍ରି ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରରେ କରିପାରିଥିଲୁ।

## ମହିନ୍ଦ୍ରା ନ୍ୟୁ ଏସ୍ୟୁଭି ମଡେଲର ନାମ ଉନ୍ମୋଚିତ

- ଏପ୍ରିଲ ୨୯ରେ ୱାର୍ଲଡ ପ୍ରିମିୟର
- ବ୍ରାଣ୍ଡ୍ର ନୂତନ ମଡେଲ 'ଏକ୍ସୟୁଭି ୩ଏକ୍ସଓ'

ଭୁବନେଶ୍ୱର,୪।୪ (ଅଭୟ ଦାଶ)




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ଏସୟୁଭି ମଡେଲ ନାମ ନିକଟରେ ଉନ୍ମୋଚିତ ବା ଅନାବରଣ ହୋଇଯାଇଛି। ଏପରିକି ବ୍ରାଣ୍ଡ୍ର ଅଲ ନ୍ୟୁ ଏସୟୁଭି 'ଏକ୍ସୟୁଭି ୩ ଏକ୍ସଓ ( ଏକ୍ସୟୁଭି-ଥ୍ରୀ-ଇଏକ୍ସ-ଓଏଚ ବା ଏକ୍ସୟୁଭି ୩ ଏକ୍ସଓ)ର ୱାର୍ଲଡ ପ୍ରିମିୟର ଉନ୍ମୋଚନ ୨୦୨୪ ଏପ୍ରିଲ ୨୯ରେ ଅନୁଷ୍ଠିତ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ବ୍ରାଣ୍ଡ୍ର ସମସ୍ତ ଗୁଣବତ୍ତା ଓ ଟେକ୍ନୋଲୋଜି ସହ ଏକ୍ସୟୁଭି ବ୍ରାଣ୍ଡ୍ର ଡିଏନ୍ଏର ସମ୍ମିଶ୍ରଣ ହୋଇଛି। ସେହିଭଳି ବ୍ରାଣ୍ଡ୍ର ଉକ୍ତ ମଡେଲରେ ଆକର୍ଷଣୀୟ କଲର, ଇଣ୍ଟିଗ୍ରେଟେଡ ଥ୍ରିଲିଂ ପରଫରମାନ୍ସ, କଟିଂ ଏଜ ଟେକ୍ନୋଲୋଜି, ଓନମିସେବୁଲ ଡିଜାଇନ ସହିତ ସମସ୍ତ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଓ ୩ଏକ୍ସ ଫାକ୍ଟର ଭଳି ଆହୁରି ଅନେକ କିଛି ସୁବିଧା ଓ ଫିଚର ସଂଯୋଗ ରହିଛି। ସେହିପରି ବ୍ରାଣ୍ଡ୍ର ସିଏକ୍ସଓ ସେଗମେଣ୍ଟରୁ ବିଭିନ୍ନ ଉପାଦେୟତା ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, ଦି ନ୍ୟୁ ଏକ୍ସୟୁଭି୩ଏକ୍ସଓ ମଡେଲ କମ୍ପାନୀର ମହାରାଷ୍ଟ୍ରସ୍ଥିତ ନାସିକ ଉତ୍ପାଦନ ୟୁନିଟରୁ ନିର୍ମିତ ହୋଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ କୁହାଯାଇଛି।

## ସିଆଇଓରେ ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୪।୪

ଦେଶର ପ୍ରମୁଖ ପ୍ରତିଷ୍ଠାନ ତଥା କାଉନସିଲ ଫର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ବା ସିଆଇଓ (ବୀମା ଲୋକପାଳ ପରିଷଦ)ର ବାର୍ଷିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷ (୨୦୨୩-୨୪ ଆର୍ଥିକ ବର୍ଷ) ମଧ୍ୟରେ ସିଆଇଓ ଉଲ୍ଲେଖନୀୟ ସଫଳତା ସହ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ସର୍ବଭାରତୀୟସ୍ତରରେ ସିଆଇଓର ସମସ୍ତ ୯ଟି କାର୍ଯ୍ୟାଳୟର ମିଳିତ ସହଯୋଗରେ ପ୍ରତିଷ୍ଠାନ ଏହି ସଫଳତା ସହ ଆର୍ଥିକ ବର୍ଷ ଶେଷ କରିଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅଥବା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ୭୭,୧୮୮ ଅଭିଯୋଗର ସମାଧାନ କରିବାରେ ସିଆଇଓ ସଫଳ ହୋଇଛି। ବର୍ଷକ ମଧ୍ୟରେ ଗ୍ରହଣ କରାଯାଇଥିବା ୭୭,୧୮୮ଟି ଅଭିଯୋଗ ମଧ୍ୟରୁ ୩୪% ଅଭିଯୋଗ ଅନଲାଇନରେ ଦାଖଲ କରାଯାଇଥିଲା ଏବଂ ୭୪% ଅଭିଯୋଗ ଶୁଣାଣି ହୋଇ ଅନ୍ଲାଇନରେ ସମାଧାନ କରାଯାଇଥିଲା। ସିଆଇଓ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ ଏନେଇ ତଥ୍ୟ ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୨୦୨୩-୨୪ ବର୍ଷ ସର୍ବକାଳୀନ ଅଭିଯୋଗର ସମାଧାନ ସହିତ ଏହି ଅନୁଷ୍ଠାନ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବର୍ଷ ମଧ୍ୟରେ ମୋଟ୍ ଆବେଦନ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା ୩୬,୮୪୫ ହୋଇଥିବାବେଳେ ସୁପାରିସ କ୍ରମେ ହୋଇଥିବା ଅଭିଯୋଗ ସଂଖ୍ୟା ୧୫,୫୨୮ ରହିଛି। ଅଭିଯୋଗକାରୀଙ୍କ ସପକ୍ଷରେ ଦିଆଯାଇଥିବା ରାୟ ସଂଖ୍ୟା ୨୪,୮୧୫ ରହିଛି । ୪୨.୧୪% ଆର୍ବିଟ୍ରେସନ (ସୁପାରିସ) ମାଧ୍ୟମରେ ମାମଲାର ସମାଧାନ ହୋଇଛି। ୫୯.୩୬% ପ୍ରତିଶତ ମାମଲାର ସମାଧାନ ପଞ୍ଜୀକରଣର ୩୦ ଦିନ ମଧ୍ୟରେ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ୩୧ ସୁଦ୍ଧା ଅହମଦାବାଦ, ଭୁବନେଶ୍ୱର, ଦିଲ୍ଲୀ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଲକ୍ଷ୍ନୌ, ନୋଏଡା ଏବଂ ପାଟନା ଆଦି ୯ଟି କାର୍ଯ୍ୟାଳୟରେ ହୋଇଥିବା ଅଭିଯୋଗଗୁଡ଼ିକର ସମାଧାନ କରାଯାଇଛି।

## ନୀତି ରାଜନୀତି

# ବିଜେଡିରେ ଦିଲ୍ଲୀପ, ରାମଚନ୍ଦ୍ର, ଅଭିରାମ


ଶଙ୍ଖ ଭବନଠାରେ ଗୁରୁବାର ବରିଷ୍ଠ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଅନ୍ୟ ଦଳର ନେତା ଓ କର୍ମୀ।

ଭୁବନେଶ୍ୱର,୪।୪(ଅନିଲଦାସ)

ଭାଜପା ନେତା ରାମଚନ୍ଦ୍ର ପାଙ୍ଗୀ, ଦିଲୀପ ନାୟକ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳ ସେମାନଙ୍କ ସମର୍ଥକଙ୍କ ସହ ଶଙ୍ଖ ଧରିଛନ୍ତି। ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ନେତା ଦିଲୀପ ନାୟକଙ୍କ ସମେତ ପଦ୍ମଦଳର ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ଦାଶ ଓ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ଦିଲୀପ କହିଛନ୍ତି ।

ଏହି ମିଶ୍ରଣ ପର୍ବରେ ଗୋପ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସରପଞ୍ଚ ଅଜୟ ପରିଡ଼ା, ସମିତିସଭ୍ୟ ପୂଜାରାଣୀ ମହାପାତ୍ର, ଲକିବାଳା ନାୟକ, ପୂର୍ବତନ ସରପଞ୍ଚ ଗଦାଧର ସାମନ୍ତରାୟ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସ୍ୱାଇଁ, ଚିରଞ୍ଜନ ପାତ୍ର, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ପୂର୍ବତନ ନିମାପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ନିମାପଡ଼ା ଏନ୍ଏସି ଅଧ୍ୟକ୍ଷ ଅଜୟ କୁମାର ଭୋଇଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ ।

ସେହିପରି କୋରାପୁଟ ଜିଲା ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀର ୨୦୧୯ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ଚଳିତ ନିର୍ବାଚନରେ ବିଜେଡି ପଟ୍ଟାଙ୍ଗୀ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି । ଏହି ମିଶ୍ରଣ ପର୍ବରେ କଂଗ୍ରେସର ଶ୍ୟାମ ହନ୍ତାଳ, ହରିରାମ ଖୋରା,ଧୋନୁ ଘୁଣ୍ଟା, ବୀରେନ୍ଦ୍ର ଘୁଣ୍ଟା,ବିଜୟ ହନ୍ତାଳ,ନ୍ ଭାଜପା ନେତା ଦାମୋଦର ସେଠୀ, ନାଗେଶ୍ୱର ପୂଜାରୀ, ନକୁଳ ନାୟକ, ଉପେନ୍ଦ୍ର ହନ୍ତାଳ, ପର୍ଶୁରାମ ପାଙ୍ଗୀ, ରାଜେନ୍ଦ୍ର ପ୍ରଧାନ, ଗୁନା ପାଙ୍ଗୀଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଏହି ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ ଉପସ୍ଥିତ ଥିଲେ।

## ଭାଜପାରେ ପ୍ରତାପ, ପ୍ରଶାନ୍ତ

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ବିଶିଷ୍ଟ ନ୍ୟୁରୋ ସର୍ଜନ ଡା. ପ୍ରତାପ କୁମାର ପାଣି ବିଜେଡି ଛାଡି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ନୂଆଦିଲ୍ଲୀ ସ୍ଥିତ ଏମ୍ସ ମେଡିକାଲ କଲେଜ, ଜାମସେଦପୁରସ୍ଥିତ ଟାଟା ମୁଖ୍ୟ ଡାକ୍ତରଖାନା, ଅନୁଗୋଳସ୍ଥିତ ନାଲ୍କୋ ଏବଂ ପାରାଦୀପସ୍ଥିତ ପିପିଟି ହସ୍ପିଟାଲରେ ଦୀର୍ଘଦିନ ଧରି ସେବା ଯୋଗାଇବା ପରେ ବର୍ତ୍ତମାନ ଭୁବନେଶ୍ୱରରେ ଅବସ୍ଥାପିତ ଥିବା ବିଶିଷ୍ଟ ଇଏନ୍ଟି ବିଶେଷଜ୍ଞ ପ୍ରଶାନ୍ତ କୁମାର ମିଶ୍ର ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରଶାନ୍ତ କହିଛନ୍ତି, ଭାଜପାର ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଭାଜପାରେ ଯୋଗ ଦେଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

## ଭାଜପା ଛାଡ଼ି ହାତ ଧରିଲେ ସୋନାଲି

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ଭାଜପା ନେତ୍ରୀ ସୋନାଲି ସାହୁ ଗୁରୁବାର ପଦ୍ମ ଛାଡି ହାତ ଧରିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ନେଇ ଅନୁପ୍ରାଣିତ ହେବା ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଭରସା କରି ସୋନାଲି କଂଗ୍ରେସରେ ଯୋଗ ଦେଇଥିବା କହିଛନ୍ତି।

## ବିଜେଡି ଛାଡ଼ିଲେ ରମେଶ, ରାମଚନ୍ଦ୍ର

ଆଠମଲ୍ଲିକ/ବଇଣ୍ଡା/ବ୍ରହ୍ମପୁର,୪।୪
(ଉଦୀପ୍ତ ପୁରୋହିତ/ ପରିକ୍ଷିତ ସାହୁ/ନରସିଂହ ସାହୁ)


ରମେଶ ସାଏ


ରାମଚନ୍ଦ୍ର ପଣ୍ଡା

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏବଂ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ଗୁରୁବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେମାନେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି।

ଚଳିତ ବିଧାନସଭା ନିର୍ବାଚନରେ ଦଳ ରମେଶଙ୍କୁ ଟିକେଟ ଦେଇ ନ ଥିଲା। ଫଳରେ ସେ ଅସନ୍ତୋଷ ବ୍ୟକ୍ତ କରି ବିଜେଡି ଛାଡଛନ୍ତି।୨୦୧୯ରେ ରମେଶ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କମିଶନର ପଦବୀରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିଲେ। ଏହାପରେ ବିଜେଡି ତାଙ୍କୁ ଆଠମଲ୍ଲିକ ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ବିଜେଡିର ବରିଷ୍ଠ ନେତା ତଥା ବର୍ତ୍ତମାନର ଆଠମଲ୍ଲିକ ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ସହ ତାଙ୍କର ମତାନ୍ତର ହୋଇଥିଲା। ଏପରିକି ଏହା ପରଠାରୁ ଦଳ ତାଙ୍କୁ ଅବହେଳା କରୁଥିବା ଆଲୋଚନା ହେଉଥିଲା। ତେବେ ଗତ ବୁଧବାର ଆଠମଲ୍ଲିକ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବାବେଳେ ସାଏଙ୍କୁ ଦଳ ଟିକେଟ ଦେଇ ନ ଥିଲା। ଫଳରେ ସେ ଅସନ୍ତୁଷ୍ଟ ହୋଇ ଦଳ ଛାଡିଥିବା ସୂଚନା ମିଳିଛି। ଅନ୍ୟପଟେ ରମେଶ ଭାଜପାରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ବିଧାୟକ ସାଏ କହିଛନ୍ତି, ତାଙ୍କୁ ସମସ୍ତ କ୍ଷେତ୍ରରେ ଦଳ ପକ୍ଷରୁ ଅବହେଳା କରାଯାଉଥିଲା। କର୍ମୀଙ୍କ ସହ ଆଲୋଚନା କରିବା ପରେ ସେ ଦଳ ଛାଡ଼ିଛନ୍ତି। ଭବିଷ୍ୟତ ସମ୍ପର୍କରେ କର୍ମୀମାନେ ଯାହା କହିବେ ସେହି ଅନୁଯାୟୀ ନିଷ୍ପତ୍ତି ନେବେ।

ଗଞ୍ଜାମ ଜିଲାର ବରିଷ୍ଠ ରାଜନେତା, ବିଧାନସଭାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ବିଜେଡିରୁ ଇସ୍ତଫା ଦେଇଥିବା ବ୍ରହ୍ମପୁରରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ ସହ ଆଉଜଣେ ପୁରୁଖା ନେତା ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ଟି. ଗୋପୀ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି।

ରାମଚନ୍ଦ୍ର କହିଛନ୍ତି, ୨୦୧୭ରେ ସେ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ। ୨୦୧୯ ଭଳି ଚଳିତ ନିର୍ବାଚନରେ ଲୋକ ସଭା ଟିକେଟ ପାଇଁ ଏକାଧିକ ପତ୍ର ଦେଇଥିଲି, ଦଳ ଶୁଣିଲାନି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ୮୧ ବର୍ଷୀୟ ବୟସ୍କ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦଳ ପୁଣି ପ୍ରାର୍ଥୀ କରିବା ପ୍ରତିବାଦରେ ଇସ୍ତଫା ଦେଲେ ବୋଲି ଗୋପୀ କହିଛନ୍ତି।

## ଆନନ୍ଦପୁର ବିଧାନସଭା କ୍ଷେତ୍ର

# ବିଜେଡିରେ ମିଶିବା ଚର୍ଚ୍ଚା: ଗୁଜବ କହିଲେ ମନୋଜ

ହାଟଡ଼ିହୀ,୪।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଜୟଦେବ ଜେନାଙ୍କ ପୁଅ ଇଂ. ମନୋଜ କୁମାର ଜେନା ବିଜେଡିରେ ମିଶିବେ ବୋଲି କିଛି ଦିନ ହେବ ଚର୍ଚ୍ଚା ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ଫଳରେ ପ୍ରମୁଖ ଦଳର ନେତା ଏବଂ କର୍ମୀଙ୍କ ମଧ୍ୟରେ ମାନସ ମନ୍ଥନ ବି ଚାଲିଛି। ଶେଷରେ ଏହି ଚର୍ଚ୍ଚାର ଅବସାନ ଘଟାଇଛନ୍ତି ମନୋଜ। ସେ ବିଜେଡିରେ ମିଶିବା କଥାକୁ ଅସ୍ୱୀକାର କରିବା ସହ ଏହା ଗୁଜବ ବୋଲି ସୋସିଆଲ ମିଡ଼ିଆରେ ଭିଡିଓ ବାର୍ତ୍ତା ଦେଇ କହିଛନ୍ତି। ଏପରି କରି ଭଉଣୀ, ଭାଇମାନଙ୍କୁବିବ୍ରତ ନ କରିବାକୁଅନୁରୋଧ କରିଛନ୍ତି। ସେ କଂଗ୍ରେସରେ ଅଛନ୍ତି ଏବଂ ଆଗକୁ ରହିବେ ବୋଲି କହିଛନ୍ତି। କଂଗ୍ରେସର ଲୋକପ୍ରିୟତା ବଢୁଥିବାରୁ ବିରୋଧୀ ବିଚଳିତ ହୋଇ ଏପରି ପ୍ରୟାସ କରୁଛନ୍ତି। ଚଳିତ ନିର୍ବାଚନରେ ଜୟଦେବ ଜେନାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ଲଢ଼ି ବାଜିମାତ କରିବେ ବୋଲି ଦମ୍ଭୋକ୍ତି କରିଛନ୍ତି।

### ସୋସିଆଲ ମିଡିଆରେ ବାପାଙ୍କ ପାଇଁ ପ୍ରଚାର


ମନୋଜ କୁମାର ଜେନା


ଜୟଦେବ ଜେନା

ଆନନ୍ଦପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ଜୟଦେବ ଜେନାଙ୍କ ନାମକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଇଂ. ମନୋଜ ଜେନା ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଭାଇରାଲ ଭିଡିଓରେ ମନୋଜ କଂଗ୍ରେସ କର୍ମୀଙ୍କୁ ଜାଗ୍ରତ ହେବା ଏବଂ ଚୋର, ତସ୍କରଙ୍କଠାରୁ ଆନନ୍ଦପୁରକୁ ମୁକ୍ତ କରିବାକୁ କହିଛନ୍ତି। ୪ ମିନିଟ୍ ୫୯ ସେକେଣ୍ଡ ଅବଧିର ଭିଡିଓରେ ମନୋଜ କର୍ମୀଙ୍କୁ ଆହ୍ୱାନ ଦେଇ କହିଛନ୍ତି, ଆସନ୍ତୁ, ମୋ କାନ୍ଧରେ କାନ୍ଧ ଏବଂ ହାତରେ ହାତ ମିଶାନ୍ତୁ। ଆଗକୁ ଯିବା, ଆନନ୍ଦପୁରକୁ ଗଢ଼ିବା। କଂଗ୍ରେସକୁ ୧ ନମ୍ବର କରି ଜିତାଇ ଆଣିବା। ଆମେ ଜିତିକି ଅଛନ୍ତି। ଆହୁରି ୨ ମାସ ଅଛି। ଲୋକଙ୍କୁ ବୁଝାଇବା। ନିର୍ବାଚନ ଲଢ଼ିବା, ସଂଘର୍ଷ କରିବା। କଂଗ୍ରେସର ୯ ଗ୍ୟାରେଣ୍ଟି ବିଷୟରେ ଲୋକଙ୍କୁ ବୁଝାଇବା। ଆମେ କୌଣସି କ୍ଷେତ୍ରରେ ଅସମର୍ଥ ନୁହନ୍ତି। ଯିଏ ଯେମିତି ଚାହିଁବ ସେମିତି ଜବାବ ଦେବା। ମୋ ସହ ମିଶନ୍ତୁ, କଂଗ୍ରେସକୁ ଆଗକୁ ନିଅନ୍ତୁ। କଂଗ୍ରେସକୁ ହାତ ଚିହ୍ନରେ ମୋହର ମାରି ଆଗାମୀ ନିର୍ବାଚନରେ ଜୟଦେବ ଜେନାଙ୍କୁ ଜୟଯୁକ୍ତ କରାନ୍ତୁ ।

## କଂଗ୍ରେସ ଛାଡ଼ିଲେ ବାପି ସର୍ଖେଲ

ପାରାଦୀପ,୪।୪(ଶରତ ରାଉତ)

ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି)ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି, ପାରାଦୀପର ଶ୍ରମିକମାନଙ୍କ ସମସ୍ୟା ନେଇ ସେ ସ୍ୱର ଉଠାଇଥାନ୍ତି ଏବଂ ରାଜନୀତି ମଧ୍ୟ କରୁଛନ୍ତି। ତେବେ ବାପି କେଉଁ ଦଳରେ ମିଶିବେ ତାହା ସ୍ପଷ୍ଟ କରିନାହାଁନ୍ତି। କିନ୍ତୁ ସେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ହେଉଛି। କାରଣ ମାର୍ଚ୍ଚ ୧୭ରେ ତାଙ୍କ ସ୍ତ୍ରୀ ମୋନିଦୀପା ସର୍ଖେଲ ବିଜେଡିରେ ମିଶିଛନ୍ତି। ସୂଚନାଯୋଗ୍ୟ, ବାପି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ୨୦୨୦ ପରଠାରୁ ସେ ଆଉ କଂଗ୍ରେସ ଦଳର ଚିହ୍ନ ବ୍ୟବହାର କରୁ ନ ଥିଲେ। ୨୦୨୨ ପୌର ନିର୍ବାଚନରେ ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନ କରି ପାରାଦୀପର ସମସ୍ତ ୧୯ ୱାର୍ଡରେ ପ୍ରାର୍ଥୀ ଦେଇଥିଲେ । ସେଥିରୁ ୯ଟି ଆସନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଏଚ୍.ଏନ୍. ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୮ ଜିଲାରେ ଭାରୋତ୍ତୋଳନ, ୪ ପୁଲ୍‌ରେ ସନ୍ତରଣ

**ଏପ୍ରିଲରେ ଆରମ୍ଭ ହେବାକୁ ଯାଉଛି ସମର କ୍ୟାମ୍ପ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସନ୍ତରଣ, ବାସ୍କେଟବଲ, ଭାରୋତ୍ତୋଳନ, ଶୁଟିଂ, ଚେସ୍ ଓ ଲନ୍ ଟେନିସର ସମର କ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି। ଭାରୋତ୍ତୋଳନ ଓ ସନ୍ତରଣର କ୍ୟାମ୍ପ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେବା ଏହା ରାଜ୍ୟରେ ସମରକ୍ୟାମ୍ପ ପ୍ରତି ଆଗ୍ରହ ବଢୁଥିବାର ସୂଚନା ଦେଉଛି।**







ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ଗ୍ରୀଷ୍ମାବକାଶରେ ନୂଆ ପ୍ରତିଭାଙ୍କୁ କ୍ରୀଡ଼ାପ୍ରତି ଆକୃଷ୍ଟ କରିବା ଏବଂ ଖେଳକୁ କ୍ୟାରିୟର କରୁଥିବା ପିଲାମାନଙ୍କୁ ଏଥିସହ ଯୋଡ଼ି ରଖିବା ପାଇଁ ଅନୁଷ୍ଠିତ ହୋଇଥାଏ ସମର କ୍ୟାମ୍ପ। ଏଥିରେ ବିଗ୍‌ନରମାନେ ବିଭିନ୍ନ ଖେଳ ସମ୍ପର୍କରେ ମୌଳିକ ଧାରଣା ପାଇଥାନ୍ତି ଏବଂ ଖେଳସହ ଜଡ଼ିତ ଥିବା ପିଲାମାନେ ଅଭ୍ୟାସର ସୁଯୋଗଲାଭ କରିଥାନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜନ ହୋଇ ଆସୁଥିବା ଏହି ସମରକ୍ୟାମ୍ପ ପ୍ରତି ଆଗ୍ରହ କ୍ରମେ ବଢୁଥିବା ପରିଲକ୍ଷିତ ହୋଇଛି। ଏ ବର୍ଷ ମଧ୍ୟ ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ାର ସମର କ୍ୟାମ୍ପ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବାକୁ ଯୋଜନା ରହିଛି। ୧୮ଟି ଜିଲାର ୨୬ଟି ସ୍ଥାନରେ ଭାରୋତ୍ତୋଳନ ଏବଂ ୪ଟି ପୁଲ୍‌ରେ ସନ୍ତରଣ କ୍ୟାମ୍ପ ଆୟୋଜନ କରାଯାଇ ସବୁ ଅଞ୍ଚଳର ପିଲାଙ୍କୁ ସାମିଲ କରାଯିବାକୁ ପ୍ରୟାସ ହୋଇଛି। ଏପ୍ରିଲ ମାସ ଆରମ୍ଭ ସହିତ ସମର କ୍ୟାମ୍ପର ଋତୁ ଆରମ୍ଭ ହୋଇ ଯାଇଥାଏ। ଏଥର ମଧ୍ୟ ତାହା ହେବାକୁ ଯାଉଛି। ଏହା ପ୍ରତିଭା ସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି।

## ସନ୍ତରଣ

ସୁଇମିଂ ସମରକ୍ୟାମ୍ପ ଏଥର ୪ଟି ସ୍ଥାନରେ ୨ଟି ପର୍ଯ୍ୟାୟରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାର ପ୍ରଥମ ବ୍ୟାଚ୍ ଏପ୍ରିଲ ୧୬ରୁ ମେ ୮ ଓ ଦ୍ୱିତୀୟ ବ୍ୟାଚ୍ ମେ ୧୦ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ୫ରୁ ୧୪ ବର୍ଷର ଉଭୟ ବାଳିକା ବାଳକ ଏଥିରେ ଅଂଶଗ୍ରହଣ କରିପାରିବେ। ସକାଳ ୮ଟା ୨୦ରୁ ୯ ପର୍ଯ୍ୟନ୍ତ ସ୍ଲଟ-୧ ଓ ଅପରାହ୍ନ ୩ଟା ୨୦ରୁ ୪ଟା ପର୍ଯ୍ୟନ୍ତ ସ୍ଲଟ-୨ରେ କ୍ୟାମ୍ପ ଆୟୋଜନ ହେବ। ପ୍ରତି ବ୍ୟାଚରେ ସର୍ବାଧିକ ୪୦ ପିଲାଙ୍କୁ ନିଆଯିବ। ପ୍ରତି ସପ୍ତାହରେ ୬ ସେସନ ଏହିପରି ମୋଟ ୨୦ ସେସନରେ କ୍ୟାମ୍ପ ହେବ। ରାଉରକେଲାର ବିର୍ସାମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମ ପରିସର ସହ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍, ସମ୍ବଲପୁରର ଝସକେତନ ସାହୁ ସୁଇମିଂ ପୁଲ୍ ଓ ପୁରୀର ଶ୍ରୀ ଜଗନ୍ନାଥ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଏହି କ୍ୟାମ୍ପ ଆୟୋଜନ ହେବ। ଏଥିପାଇଁ ମାର୍ଚ୍ଚ ୨୮ରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ପ୍ରତି ପିଲାଙ୍କ ପାଇଁ ୧୦୦୦ ଟଙ୍କାର ଫି' ଧାର୍ଯ୍ୟ କରାଯାଇଛି। ଏଥିରେ ସନ୍ତରଣର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।

## ବାସ୍କେଟବଲ

ବାସ୍କେଟବଲ ସମର କୋଚିଂ କ୍ୟାମ୍ପ ମଧ୍ୟ ୨ଟି ବ୍ୟାଚ୍‌ରେ ଆୟୋଜନ ହେବ। ପ୍ରଥମ ବ୍ୟାଚ୍ ଏପ୍ରି ୨୦ରୁ ଆରମ୍ଭ ହୋଇ ମେ ୬ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ବ୍ୟାଚ୍ ମେ ୭ରୁ ୨୨ ପର୍ଯ୍ୟନ୍ତ ଆୟୋଜନ ହେବ। ୭ରୁ ୧୬ ବର୍ଷର ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ଟା ୩୦ରୁ ୮ଟା ୩୦ ଓ ଅପରାହ୍ନ ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଏବଂ ଓସିଏସ୍ ଗ୍ରାଉଣ୍ଡରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଏପ୍ରିଲ ୨ରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି।

## ଭାରୋତ୍ତୋଳନ

ଭାରୋତ୍ତୋଳନର ସମର କ୍ୟାମ୍ପ ୧୮ ଜିଲାର ୨୬ଟି ସ୍ଥାନରେ ଆୟୋଜନ ହେବ। ଏହି ଜିଲା ଗୁଡ଼ିକ ହେଲା ଅନୁଗୋଳ ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ପୁରୀ, ରାୟଗଡ଼ା ଓ ସୁନ୍ଦରଗଡ଼। କ୍ୟାମ୍ପ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୦ରୁ ୨୪ ଓ ଦ୍ୱିତୀୟ ପର୍ଯ୍ୟାୟରେ ମେ ୬ରୁ ୨୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ୮ରୁ ୧୫ ବର୍ଷର ବାଳିକା ବାଳକମାନେ ଏଥିରେ ଭାଗ ନେଇପାରିବେ। ପ୍ରତିଦିନ ଅପରାହ୍ନ ୪ଟାରୁ ୬ଟା ୩୦ ପର୍ଯ୍ୟନ୍ତ କ୍ୟାମ୍ପ ଆୟୋଜନ ହେବ। ଏଥିପାଇଁ ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ।

### ସମର କ୍ୟାମ୍ପ

## ଶୁଟିଂ

ଶୁଟିଂ ସମରକ୍ୟାମ୍ପ ମଧ୍ୟ ୨ଟି ବ୍ୟାଚ୍‌ରେ ଅନୁଷ୍ଠିତ ହେବ। ପ୍ରଥମ ବ୍ୟାଚ୍ ଏପ୍ରିଲ ୨୨ରୁ ମେ ୪ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ବ୍ୟାଚ୍ ମେ ୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୦ରୁ ୧୭ ବର୍ଷର ଶୁଟରମାନେ ଏଥିରେ ଭାଗ ନେଇପାରିବେ। ପ୍ରତିଦିନ ସକାଳ ୬ଟା ୩୦ରୁ ୭ଟା ୩୦, ୧୦ଟା ୩୦ରୁ ୧୧ଟା ୩୦ ଓ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ କ୍ୟାମ୍ପ ହେବ। କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟରରେ ଓପନ ସାଇଟ ରାଇଫଲ, ୧୦ ମିଟର ଏୟାର ରାଇଫଲ, ୧୦ ମିଟର ଏୟାର ପିସ୍ତଲରେ ପ୍ରଶିକ୍ଷଣ ଦିଆଯିବ। ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ୧୦୦୦ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି।

## ଚେସ୍

ଚେସ୍ ଖେଳିବା ଦ୍ୱାରା ପିଲାମାନଙ୍କ ଏକାଗ୍ରତା ବୃଦ୍ଧି ସହ ମାନସିକ ଦକ୍ଷତାର ବିକାଶ ଘଟିଥାଏ। ଚେସ୍ ପ୍ରତି ଆଗ୍ରହ ରଖୁଥିବା ପିଲାମାନଙ୍କ ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆରମ୍ଭ କରାଯାଉଥିବା ଚେସ୍ ସମରକ୍ୟାମ୍ପ ମେ' ୨ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ରୁ ୧୮ ବର୍ଷର ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି କ୍ୟାମ୍ପରେ ଚେସ୍‌ର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଖେଳ ଚାତୁର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନୟାପଲୀରେ ଥିବା ରାଜ୍ୟ କ୍ରୀଡ଼ା ବିଭାଗର ପ୍ରୋ-ଚେସ୍-ଟାରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ଗତ ୧ ତାରିଖରୁ ଏଥିପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ପ୍ରତି ପିଲାପାଇଁ ୫୦୦ ଟଙ୍କାର ଫି' ଧାର୍ଯ୍ୟ କରାଯାଇଛି।

## ଲନ୍ ଟେନିସ

ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଛି ଲନ୍ ଟେନିସ ସମର କ୍ୟାମ୍ପ। ଏହା ୨ଟି ବ୍ୟାଚ୍‌ରେ ଏପ୍ରିଲ ୧୫ରୁ ୨୫ ଓ ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ହେବାକୁଥିବା କ୍ୟାମ୍ପରେ ୫ରୁ ୧୨ ବର୍ଷର ପିଲାମାନେ ଏଥିରେ ଭାଗ ନେଇପାରିବେ। ଏଥିରେ ଖେଳ ସହ ପିଲାମାନଙ୍କୁ ଟେନିସର ମୌଳିକ ଶିକ୍ଷା ପ୍ରଦାନ କରାଯିବ।



ଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ ରାଇଡିଂ ପ୍ରତିଯୋଗିତାରେ ଓଡ଼ିଶାର ବିସ୍ମୟ ବାଳିକା ରିଦ୍ଧି ସାମନ୍ତରାୟ ଶିଶୁ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ୫ ବର୍ଷୀୟା ଭୁବନେଶ୍ୱରର ରିଦ୍ଧି ପ୍ରତିଯୋଗିତାର ସର୍ବକନିଷ୍ଠ ରାଇଡର ବିବେଚିତ ହୋଇଥିଲେ।

# ନୀତା ଏକାଡେମୀ ଚାମ୍ପିୟନ

### ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୪।୪ (ବିଜୟ ରଣା)

ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ୨୦୨୩-୨୪ ଓଡ଼ିଶା (୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍) ସଫଳତାର ସହିତ ସମ୍ପନ୍ନ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ଓଡ଼ିଶା କଟକରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ବିଭାଗରେ ନୀତା ଏକାଡେମୀ ଚାମ୍ପିୟନ ହୋଇଥିବା ବେଳେ କିଟ୍-କିସ୍ ଦଳ ରନରଅପ୍ ହୋଇଛି। ଚାମ୍ପିୟନ ଦଳ ୫୦,୦୦୦ ଟଙ୍କା ଏବଂ ରନରଅପ୍ ଦଳ ୩୦,୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛି। ସେହିପରି ୧୫ ବର୍ଷରୁ କମ୍ ବିଭାଗରେ ଓଡ଼ିଶା ଏକାଦଶ ଚାମ୍ପିୟନ ହୋଇଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ଚାମ୍ପିୟନ ଦଳ ଅନୁରୂପ ୫୦,୦୦୦ ଟଙ୍କା ଏବଂ ରନରଅପ୍ ଦଳ ୩୦,୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଟକସ୍ଥିତ ସିଡିଏ ସେକ୍ଟର-୬ ଫୁଟ୍‌ବଲ ଗ୍ରାଉଣ୍ଡରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଫାଓ'ର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ ସାହୁ, ଯୁଗ୍ମ ସମ୍ପାଦକ ଶାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, ନୀତା ଫୁଟ୍‌ବଲ ଏକାଡେମୀ ସମ୍ପାଦକ ଅରୁଣ କୁମାର ପରିଜା ଏବଂ ଅର୍ବାନ ଆଡ୍‌ଭେଞ୍ଚର୍ସ କ୍ଲବର ସମ୍ପାଦକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


HAPPY BIRTY DAY



Turning 72Yrs.
H.N. BEBORTA
(RLY- RETD.), 9437048212
ମଠସାହି, ଷ୍ଟେସନ ବଜାର, କଟକ
ଅଜା, ଆଜି ତା୦୫।୦୪।୨୪ରିଖ ତୁମର ଜନ୍ମଦିନ, ସେହି ଅବସରରେ ମୁଁ ସାଇଙ୍କ ନିକଟରେ ତୁମର ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି। ତୁମ ଆଶୀର୍ବାଦ ମୋ ପାଇଁ ଓ ପୂଜନୀୟା ଆଈଙ୍କ ପାଇଁ ସଦାସର୍ବଦା ନିକଟତର ରହୁ।
ନାତି: Satwik Senapati,
ଆଈ: Bharati Beborta
ଧ-୦୨୭


### ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ ଜିତ୍‌ସୁ

# ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର,୪।୪ (ସରୋଜ ଜେନା)

ଲକ୍ଷ୍ନୌର ଚୌକ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ ଜିତ୍‌ସୁ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୪ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଆ ଖେଳାଳି ମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଅମ୍ଲାନ ରାଉତ ଜୁନିୟର ପୁରୁଷ ୭୭ କିଗ୍ରା ଫାଇଟିଂରେ ସ୍ୱର୍ଣ୍ଣ ପଦକ ସହ ନିବାଜାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୨ କିଗ୍ରା ଓଜନ ବର୍ଗରେ ଉମାଶଙ୍କର ସାହୁ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଜୁନିୟର ମହିଳା ୪୮ କିଗ୍ରା ଓଜନ ବର୍ଗରେ ଶୁଭଲକ୍ଷ୍ମୀ ପାଲ ବ୍ରୋଞ୍ଜ ପଦକ ଜିତିଛନ୍ତି। ଟିମ୍ ମ୍ୟାନେଜର ତଥା କୋଚ୍ ସ୍ୱରାଜ ଯାନୀଙ୍କ ଅଧୀନରେ ଯାଇଥିବା ଦଳକୁ ଓଡ଼ିଶା ଜୁ ଜିତ୍‌ସୁ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ସାଇନାଙ୍କୁ ଡବଲ, କିରଣଙ୍କୁ ୧ ସ୍ୱର୍ଣ୍ଣ




ପଦକ ସହ (ବାମରୁ) ସ୍ମାରକୀ ମହାନ୍ତି, କିରଣ ମନୀଷା ମହାନ୍ତି ଓ ସାଇନା ସାଲୋନିକା।

### ନ୍ୟାଶନାଲ ଟିମ୍ ଚେସ୍

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ହିମାଚଳ ପ୍ରଦେଶର ଧର୍ମଶାଳାରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ରାଜ୍ୟର ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଦଳଗତ ଏବଂ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତେଲେଙ୍ଗାନା ଓ ଏଲ୍‌ଆଇସି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଛି। ପିଏସ୍‌ପିବି ଦଳର ସଦସ୍ୟା ଥିବାରୁ ସାଇନାଙ୍କୁ ଦଳଗତ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହା ବ୍ୟତୀତ ସେ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ପିଏସ୍‌ପିବି ସମସ୍ତ ୭ଟି ଯାକ ମ୍ୟାଚ ଜିତି ପ୍ରଥମ ସ୍ଥାନ ହାସଲ କରିଥିଲା। ଫଳରେ ପିଏସ୍‌ପିବିକୁ ପୁରସ୍କାର ଆକାରରେ ୧୨୫୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୧୦୦୦୦୦ ଓ ୭୫୦୦୦ଟଙ୍କା ଦିଆ ଯାଇଥିଲା। ସାଇନା ଖେଳିଥିବା ସମସ୍ତ ୪ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲେ। ତାଙ୍କ ଟିମ୍‌ମେଟ ଆଇଏମ୍ ସୌମ୍ୟା ସ୍ୱାମିନାଥନ ସ୍ୱର୍ଣ୍ଣ ପାଇଥିବାବେଳେ ଉଭୟ ଆଇଏମ୍ ନିସା ମୋହତା ଓ ଡବ୍ଲୁଜିଏମ୍ ମେରି ଆନ୍ ଗେମ୍ସ ନିଜ ନିଜ ବୋର୍ଡରେ ବ୍ୟକ୍ତିଗତ ରୌପ୍ୟ ପଦକ ହାସଲ କରିଥିଲେ।

ଏଲ୍‌ଆଇସିରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି କିରଣ ମନୀଷା ମହାନ୍ତି ବ୍ୟକ୍ତିଗତ ସ୍ୱର୍ଣ୍ଣ ଏବଂ ଦଳଗତ ବ୍ରୋଞ୍ଜ ପଦକ ପାଇଥିଲେ। ଓଡ଼ିଶା ପକ୍ଷରୁ ଖେଳିଥିବା ସ୍ମାରକୀ ମହାନ୍ତି ବ୍ୟକ୍ତିଗତ ବୋର୍ଡରେ ବ୍ରୋଞ୍ଜ ପାଇଥିଲେ। କିରଣ ସମ୍ପ୍ରତି ଏଲ୍‌ଆଇସିରେ କାର୍ଯ୍ୟରତ ଥିବାବେଳେ ସାଇନା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ କଲେଜରେ ଗ୍ରାଜୁଏଶନ କରୁଛନ୍ତି।


Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Newly open SPA health benefits relax refresh good therapist. 8260719139. D-76109

Keralabodymassagebest therapist Bhubaneswar. 9348457050. D-016

Relax, refresh your body, mind by expert therapist. Contact- 9938843929. D-76112

ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓କମଳାମଣି ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହିଁ ଚାହିଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭାରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୦୨୭

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପେସ୍ ସେନ୍‌ସେଶନ

ଭାରତର ଜଣେ କ୍ରିକେଟର ୧୫୫.୬ କିଲୋମିଟର ବେଗରେ ବୋଲିଂ କରିବା ନିଶ୍ଚିତ ଚକିତ କରିଦେବାଭଳି ଘଟଣା। ମାତ୍ର ସାଧନା ବଳରେ ଏହାକୁ ସତରେ ପରିଣତ କରିଛନ୍ତି ଦିଲ୍ଲୀ ଜନ୍ମିତ ଭାରତୀୟ ଯୁବ ଖେଳାଳି ମୟଙ୍କ ଯାଦବ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ୨ଟି ମ୍ୟାଚ ଖେଳିଥିଲେ ମଧ୍ୟ ନିଜ ଦ୍ରୁତଗତି ବୋଲିଂ ମାଧମରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ସେ ପାଲଟି ଯାଇଛନ୍ତି ଭାରତର ନୂଆ ପେସ୍ ସେନ୍‌ସେଶନ...



ଭାରତର ଅନ୍ୟତମ ଦ୍ରୁତଗାମୀ ଟ୍ରେନ ହେଉଛି ରାଜଧାନୀ ଏକ୍ସପ୍ରେସ୍। ସମାନ ଭାବରେ କ୍ରିକେଟ ପଡ଼ିଆରେ ଏମିତି ଜଣେ ଖେଳାଳିଙ୍କ ଆବିର୍ଭାବ ଘଟିଛି, ଯିଏ ନିଜକୁ ଭାରତର ଦ୍ରୁତତମ ବୋଲର ପ୍ରମାଣିତ କରିଛନ୍ତି। ଜାତୀୟ ରାଜଧାନୀ ନୂଆଦିଲ୍ଲୀରୁ ଆସିଥିବା ଖେଳାଳି ଜଣଙ୍କ ଦ୍ରୁତ ଗତିରେ ବୋଲିଂ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମାତ୍ର ଦୁଇଟି ଆଇପିଏଲ୍ ମ୍ୟାଚ୍ ଖେଳି ସମଗ୍ର ଦେଶର ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିଛନ୍ତି। ପଶ୍ଚିମ ଦିଲ୍ଲୀର ପଞ୍ଜାବୀ ବାଗରୁ ଆସିଥିବା ୨୧ ବର୍ଷୀୟ ମୟଙ୍କ ଯାଦବ ୧୫୫.୮ କି.ମି. ବେଗରେ ବୋଲିଂ କରିବା ସହ ଆଇପିଏଲ ଇତିହାସର ଦ୍ରୁତତମ ବୋଲର ପାଲଟିଛନ୍ତି। ଡେବ୍ୟୁ ମ୍ୟାଚ୍ ଖେଳୁଥିବା ବେଳେ ମାତ୍ର ୧୫ ମିନିଟ ବ୍ୟବଧାନରେ ଜଣେ ସାଧାରଣ ଖେଳାଳିରୁ ସମଗ୍ର ଦେଶରେ ଚର୍ଚ୍ଚିତ ବୋଲର ପାଲଟି ଯାଇଥିଲେ। ଆଇପିଏଲ ପଦାର୍ପଣରେ ଅନେକ ଖେଳାଳି ନର୍ଭସ ରହିଥାନ୍ତି। ମାତ୍ର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପକ୍ଷରୁ ପଦାର୍ପଣରେ ମୟଙ୍କ ନିଜ ସ୍ପିଡ୍ ଜରିଆରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତେବେ କେବଳ ପ୍ରଥମ ମ୍ୟାଚ୍ ନୁହେଁ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଶାଣିତ ବୋଲିଂ କରିଥିଲେ। ଚିନ୍ନାସ୍ୱାମୀ ଭଳି ଛୋଟ ଗ୍ରାଉଣ୍ଡରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭଳି ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍‌କୁ ଧରାଶାୟୀ କରିଥିଲେ ମୟଙ୍କ। ଅଷ୍ଟ୍ରେଲୀୟ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲ, କାମେରନ୍ ଗ୍ରୀନ୍ ଓ ରଜତ ପଟିଦାରଙ୍କୁ ଆଉଟ କରି ସେ ଆରସିବିକୁ ପରାଜୟ ସ୍ୱାଦ ଚଖାଇବାରେ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ମୟଙ୍କ ଦ୍ରୁତ ଗତିରେ ବୋଲିଂ କରିବା ସହ ଲାଇନ୍ ଓ ଲେନ୍ଥ ଠିକ୍ ରଖି ବ୍ୟାଟରଙ୍କୁ ଅଡୁଆରେ ପକାଇ ଥାନ୍ତି। ତାଙ୍କ ବାପା ପ୍ରଭୁ ଯାଦବ ଜଣେ ଦୋକାନୀ। ମଧ୍ୟବିତ୍ତ ଜୀବନ ବଞ୍ଚିଥିଲେ ମଧ୍ୟ ପ୍ରଭୁ ପୁଅ ପାଇଁ ଦେଖିଥିଲେ ଅସୁମାରୀ ସ୍ୱପ୍ନ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ୧୪ ବର୍ଷ ବୟସରେ ମୟଙ୍କ ସୋନେଟ୍ କ୍ରିକେଟ ଏକାଡେମୀରେ ଭର୍ତ୍ତି ହୋଇଥିଲେ। ଆରମ୍ଭରୁ ତାଙ୍କ ପାଖରେ ବୋଲିଂ କିଟ୍ ନ ଥିଲା। ତେବେ ପ୍ରତିଭାକୁ ସୁଯୋଗର ଅଭାବ ରହି ନ ଥାଏ। ସମାନ ଭାବରେ ରିଷଭ ପନ୍ତଙ୍କ କୋଚ୍ ଦିବଂଗତ ତାରକ ସିହ୍ନାଙ୍କ ନଜର ମୟଙ୍କଙ୍କ ଉପରେ ପଡ଼େ। ଦିଲ୍ଲୀ ପକ୍ଷରୁ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟ ଖେଳିଛନ୍ତି। ମୟଙ୍କଙ୍କ ପେସ୍ ହିଁ ତାଙ୍କର ମୁଖ୍ୟ ଅସ୍ତ୍ର। ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେନଙ୍କୁ ନିଜର ଆଦର୍ଶ ମାନୁଥିବା ମୟଙ୍କ ୨୦୨୨ରେ ପ୍ରଥମ ଥର ଆଇପିଏଲ୍ ଅକ୍ସନରେ ସାମିଲ ହୋଇଥିଲେ। ସେ ଦିଲ୍ଲୀ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ପୂର୍ବତନ ଭାରତୀୟ ଉଇକେଟ କିପର ତଥା ଲକ୍ଷ୍ନୌର ସହକାରୀ କୋଚ୍ ବିଜୟ ଦହିୟା ତାଙ୍କ ପ୍ରଦର୍ଶନରେ ପ୍ରଭାବିତ ହୁଅନ୍ତି। ୨୦୨୨ରେ ମୟଙ୍କ ମେଗା ଅକ୍ସନରେ ସାମିଲ ହେବା ସହ ଲକ୍ଷ୍ନୌ ତାଙ୍କୁ ବେସ୍ ପ୍ରାଇସରେ କିଣେ। ଆହତ କାରଣରୁ ପ୍ରଥମ ସିଜନରେ ଗୋଟିଏ ବି ମ୍ୟାଚ୍ ଖେଳିବାରେ ସମର୍ଥ ହୁଅନ୍ତି ନାହିଁ। ଦେଓଧର ଟ୍ରଫି ଖେଳୁଥିବା ସମୟରେ ମୟଙ୍କଙ୍କ ହାମଷ୍ଟ୍ରିଙ୍ଗ ଟାଣି ହୋଇଯିବା କାରଣରୁ ସମୁଦାୟ ରଣଜୀ ଟ୍ରଫି ଓ ଆଇପିଏଲ୍‌ରୁ ବାଦ୍ ପଡ଼ନ୍ତି। ତେବେ ଚଳିତ ସିଜନରେ ପଦାର୍ପଣ କିନ୍ତୁ ସମ୍ପୂର୍ଣ୍ଣ ଷ୍ଟାଇଲରେ କରିଛନ୍ତି। ଶିଖର ଧାୱନ, ଜନି ବେୟାରଷ୍ଟୋଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳିଙ୍କ ସମ୍ମୁଖରେ ଚମତ୍କାର ଧୈର୍ଯ୍ୟ ଓ ସାହସର ପରିଚୟ ଦେଇଥିଲେ ମୟଙ୍କ। ୪ ଓଭରର ସ୍ପେଲରେ ଜନି ବେୟାରଷ୍ଟୋ, ପ୍ରଭସିମରନ୍ ସିଂ ଓ ଜୀତେଶ ଶର୍ମାଙ୍କୁ ଆଉଟ କରିଥିଲେ। ଦ୍ରୁତ ଗତି ଓ ଶରୀରକୁ ଲକ୍ଷ୍ୟ କରି ଶର୍ଟ ବଲ ବୋଲିଂ କରି ମୟଙ୍କ ବ୍ୟାଟରଙ୍କୁ ଅଡୁଆରେ ପକାଇବାରେ ସକ୍ଷମ ହୋଇଛନ୍ତି। ତେବେ ଏହି ଉଦୀୟମାନ କ୍ରିକେଟ ତାରକାଙ୍କ ପାଇଁ ବଡ଼ ସମସ୍ୟା ହେଉଛି ଆହତ ସମସ୍ୟା। ସବୁ ପେସ୍ ବୋଲରଙ୍କ ପାଖରେ ଏହି ସମସ୍ୟା ରହିଥିବା ବେଳେ ଏହାକୁ ଅତିକ୍ରମ କରିପାରିଲେ ମୟଙ୍କ ବହୁ ଆଗକୁ ଯାଇପାରିବେ ଏଥିରେ କୌଣସି ସନ୍ଦେହ ନାହିଁ। ସୋନେଟ୍ କ୍ଲବର ମାଲିକ ଦେବେନ୍ଦର ମଧ୍ୟ ମୟଙ୍କଙ୍କୁ ପ୍ରଶଂସା କରିଛନ୍ତି। ମୟଙ୍କ ଆରମ୍ଭରୁ ଏତେ ଶକ୍ତିଶାଳୀ ନ ଥିବା ବେଳେ ତାଙ୍କ ପାଖରେ ଉପାୟ ମଧ୍ୟ ନ ଥିଲା। ତେବେ ତାଙ୍କ ପରିଶ୍ରମ ଆଗରେ ସବୁ କିଛି ହାର୍ ମାନିଥିଲା। ଆରମ୍ଭରୁ ତାଙ୍କ ପାଖରେ ବୋଲିଂ ସ୍ପାଇକ୍ ମଧ୍ୟ ନ ଥିଲା। ତେବେ ତାରକ ସିହ୍ନାଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଥିଲା। ସୋନେଟ୍ ଏକାଡେମୀର ଅନ୍ୟତମ ଭାରତୀୟ ଖେଳାଳି ରିଷଭ ପନ୍ତ ମୟଙ୍କଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ କରିବାକୁ ପ୍ରୟାସ କରିଥିଲେ। ତେବେ ଲକ୍ଷ୍ନୌ ଫ୍ରାଞ୍ଚାଇଜ ଟ୍ରାନ୍ସଫର ପାଇଁ ରାଜି ହୋଇ ନ ଥିଲା ବୋଲି ପୂର୍ବତନ ଦିଲ୍ଲୀ ଅଧିନାୟକ ଦେବେନ୍ଦର କହିଛନ୍ତି। ଦିଲ୍ଲୀରେ ସାଧାରଣତଃ ସ୍ଥାନୀୟ ଟୁର୍ନାମେଣ୍ଟଗୁଡ଼ିକରେ କାଞ୍ଚା(ହାର୍ଡ ବଲ୍) ବ୍ୟବହୃତ ହୁଏ। ତେବେ ଘରୋଇ କ୍ରିକେଟରେ ବ୍ୟବହୃତ ହେଉଥିବା ଏସ୍‌ଜି ବଲରେ ହିଁ ମୟଙ୍କ ଅଭ୍ୟାସ କରିଥିଲେ ଯାହା ତାଙ୍କୁ ଘରୋଇ କ୍ରିକେଟରେ ସଫଳତା ଦେଇଥିଲା । ମୟଙ୍କ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ମଧ୍ୟ ତାଙ୍କୁ ରଣଜୀ ଟ୍ରଫି ଖେଳିବାକୁ ପଡିବ ବୋଲି କୁହନ୍ତି ଦେବେନ୍ଦର। ପୂରା ସିଜନ ରଣଜୀ ଟ୍ରଫି ଖେଳିବା ଦ୍ୱାରା ହିଁ ମୟଙ୍କ ଭାରତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେବେ ବୋଲି ସେ ପ୍ରକାଶ କରିଛନ୍ତି।

–ସରୋଜ ଜେନା

### ସଂକ୍ଷେପରେ...

ନାମ: ମୟଙ୍କ ପ୍ରଭୁ ଯାଦବ
ଜନ୍ମ: ଜୁନ ୧୭, ୨୦୦୨, ନୂଆଦିଲ୍ଲୀ
ବୟସ: ୨୧ ବର୍ଷ, ୨୯୩ ଦିନ
ବୋଲିଂ ଷ୍ଟାଇଲ: ରାଇଟ ଆର୍ମ ଫାଷ୍ଟ
ଟିମ୍: ଦିଲ୍ଲୀ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ

### ଆଇପିଏଲ୍‌ରେ ମୟଙ୍କଙ୍କ ବୋଲିଂ ଫିଗର

- ବନାମ ପଞ୍ଜାବ କିଙ୍ଗ୍ସ: ୪–୦–୨୭–୩
(ଶିକାର: ଜନି ବେୟାରଷ୍ଟୋ, ପ୍ରଭସିମରନ ସିଂ, ଜୀତେଶ ଶର୍ମା)
- ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୪–୦–୧୪–୩
(ଶିକାର: ରଜତ ପଟିଦାର, ଗ୍ଲେନ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍)

**ଦୁଇଟିଯାକ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ**



ପୁରସ୍କାର ଗ୍ରହଣ ଅବସରରେ ମୟଙ୍କ ଯାଦବ

# ଜାଏଣ୍ଟ କିଲର



ଜାନିକ ସିନ୍ନର

ଟେନିସ ଜଗତରେ ଇଟାଲିର ଜାନିକ ସିନ୍ନର ଏବେ ବେଶ୍ ପରିଚିତ ନାମ। ଆମେରିକାରେ ଅନୁଷ୍ଠିତ ମାୟାମି ଓପନରେ ଚାମ୍ପିୟନ ହୋଇଛନ୍ତି ଏହି ତାରକା ଖେଳାଳି। ଫାଇନାଲରେ ସେ ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭ୍‌ଙ୍କୁ ୬–୩, ୬–୧ ସେଟ୍‌ରେ ପରାସ୍ତ କରିଛନ୍ତି। ସିଜନରେ ଏହା ହେଉଛି ସିନ୍ନରଙ୍କର ତୃତୀୟ ଟାଇଟଲ। ଏଥି ସହ ସେ କ୍ୟାରିୟର ଶ୍ରେଷ୍ଠ ଏଟିପି ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୮୭୧୦ ପଏଣ୍ଟ ହାସଲ କରି ସେ ପୂର୍ବତନ ନମ୍ବର ୱାନ ଖେଳାଳି ସ୍ପେନର କାର୍ଲୋସ ଅଲ୍‌କାରେଜ (୮,୬୪୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ ୯,୭୨୫ ପଏଣ୍ଟ ସହିତ ଶୀର୍ଷରେ ରହିଛନ୍ତି। ଏହା ପୂର୍ବରୁ ଚଳିତ ସିଜନରେ ସିନ୍ନର ଅଷ୍ଟ୍ରେଲିଆନ ଓପନ ଓ ରୋଟରଡାମ ଇନ୍‌ଡୋର୍ସ ଟାଇଟଲ ଜିତିଥିଲେ।

ସିଜନ ପ୍ରାରମ୍ଭରେ ଅଷ୍ଟ୍ରେଲିଆନ୍ ଓପନ ଜିତିବା ସହ ଟେନିସ୍ ଜଗତରେ ଜାଏଣ୍ଟ କିଲର୍‌ର ଟ୍ୟାଗ୍ ହାସଲ କରିଥିଲେ। ରୋଲାଣ୍ଡ ଗ୍ୟାରସ୍‌ର ଲାଲ ମାଟିରେ ରାଫେଲ ନାଡାଲଙ୍କୁ ହରାଇବା ଯେତିକି କଷ୍ଟକର ଅଷ୍ଟ୍ରେଲିଆନ୍ ଓପନରେ ଜୋକୋଭିଚ୍‌ଙ୍କୁ ହରାଇବା ସେହିପରି କାଠିକର ପାଠ। ନିଜର ଆବିର୍ଭାବ ସୂଚନା ଦେଇଥିଲେ ଇଟାଲୀର ସିନ୍ନର। ସେତେବେଳେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥାଇ ଏହି ଖେଳାଳି ଜଣକ ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଭାବେ ଅଷ୍ଟ୍ରେଲିଆନ୍ ଓପନ ୨୦୨୪ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ଟେନିସ୍ ଜଗତର ଅନେକ ସୁପରଷ୍ଟାରଙ୍କୁ ସେ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆନ୍‌ଓପନସେମିଫାଇନାଲରେ ସର୍ବିୟାର ଜୋକୋଭିଚ୍‌ଙ୍କୁ ପରାସ୍ତ କରି ୧୦ଥର ଅଷ୍ଟ୍ରେଲିଆନ୍ ଓପନ ଜିତି ସାରିଥିବା ଜୋକୋଭିଚ୍ କ୍ରମାଗତ ୫ ଥର ଅଷ୍ଟ୍ରେଲିଆନ୍ ଓପନ୍ ଜିତି ସାରିଥିଲେ। କ୍ରମାଗତ ଷଷ୍ଠ ଓ ଓଭରଅଲ ୧୧ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍‌ଙ୍କ ବିଜୟ ରଥ ଅଟକାଇବାରେ ସମର୍ଥ ହୋଇଥିଲେ ଇଟାଲୀର ଏହି ୨୨ ବର୍ଷୀୟ ଯୁବକ।

ଇଟାଲୀର ଅନ୍ୟ ଶିଶୁଙ୍କ ଭଳି ସିନ୍ନର ମଧ୍ୟ ଶୈଶବରୁ ଜଣେ ଫୁଟବଲର ତଥା ପର୍ବତାରୋହଣକାରୀ ହେବାକୁ ଚାହୁଁଥିଲେ। ତେବେ ୧୩ ବର୍ଷ ବୟସରେ ନିଜ ଜୀବନ ପଥ ବଦଳାଇଥିଲେ ସିନ୍ନର। ଟେନିସ୍‌କୁ କ୍ୟାରିୟର କରିବା ପାଇଁ ନିଷ୍ପତ୍ତି ନେବା ସହ ସଫଳତାର ଶିଡ଼ି ଚଢ଼ିବା ଆରମ୍ଭ କରିଥିଲେ। ତେବେ ନିଜ ସହରରେ ଟେନିସ୍ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ନ ଥିବା କାରଣରୁ ଇଟାଲିଆନ୍ ରିଭିଏରାକୁ ଯାଇ ପିଆଟି ଟେନିସ୍ ସେଣ୍ଟରରେ ଆଡମିଶନ ନେଇଥିଲେ। ସିନ୍ନରଙ୍କ ଏହି ନିଷ୍ପତ୍ତିକୁ ତାଙ୍କ ମାତାପିତା ମଧ୍ୟ ସହଯୋଗ କରିଥିଲେ। ଇଟାଲୀର ସଫଳତମ କୋଚ୍ ରିକାର୍ଡୋ ପିଆଟିଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ସିନ୍ନର। ଆଇଟିଏଫ୍ ଜୁନିୟର ସର୍କିଟ୍‌ରେ ସିନ୍ନରଙ୍କୁ ସଫଳତା ମିଳି ନ ଥିଲା। ୨୦୧୭ରୁ ସେ ସିନିୟର ସର୍କିଟରେ ଖେଳିବା ଆରମ୍ଭ କରିଥିଲେ। ତେବେ ପ୍ରଥମ ବର୍ଷରେ ତାଙ୍କୁ ସଫଳତା ମିଳି ନ ଥିଲା। ଏକ ମାତ୍ର ଡବଲ୍ସ ଟାଇଟଲ ହାସଲ କରିଥିବା ବେଳେ ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ୫୫୧ ରହିଥିଲା। ୨୦୧୯ରେ ୧୭ ବର୍ଷୀୟ ସିନ୍ନର ଚମତ୍କାର ପ୍ରଦର୍ଶନ କରିବା ସହ ଏକାଧିକ ଏଟିପି ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ ସିଙ୍ଗଲ୍ସ ର୍ୟାଙ୍କିଙ୍ଗର ଟପ୍–୧୦୦ ମଧ୍ୟରେ ପ୍ରବେଶ କରିଥିଲେ। ତେବେ ୨୦୨୦ ରହିଥିଲା ସିନ୍ନରଙ୍କ ପାଇଁ କ୍ୟାରିୟର ଚେଞ୍ଜିଙ୍ଗ ବର୍ଷ। ସୋଫିଆ ଓପନ ସହିତ କ୍ୟାରିୟରର ପ୍ରଥମ ଏଟିପି ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଏହା ସହ ସେ ଟପ୍ ୪୦ ର୍ୟାଙ୍କିଙ୍ଗରେ ମଧ୍ୟ ପ୍ରବେଶ କରିଥିଲେ। ସମାନ ବର୍ଷରେ ସେ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ତେବେ କ୍ୱାର୍ଟର ଫାଇନାଲରେ କିଙ୍ଗ ଅଫ୍ କ୍ଲେ ରାଫେଲ ନାଡାଲଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହା ପୂର୍ବରୁ ବିଶ୍ୱ ମାନ୍ୟତାର ୪୨ ନମ୍ବର ଖେଳାଳି ବେଞ୍ଜା ବୋରିଆ ଓ ଟପ୍ ଟେନ୍‌ରେ ଥିବା ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ। ମାତ୍ର ନାଡାଲଙ୍କ ସହିତ ଉକ୍ତ ମ୍ୟାଚ୍ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ସିନ୍ନର। ଏପରିକି ରାଫେଲ ନାଡାଲ ମଧ୍ୟ ତାଙ୍କର ପ୍ରଶଂସା କରିଥିଲେ। ବିଶ୍ୱ ମାନ୍ୟତାର ୩୭ ନମ୍ବରରେ ରହି ସେ ବର୍ଷ ଶେଷ କରିଥିଲେ।

୨୦୨୧ରେ ସିନ୍ନରଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତି ଆସିଥିଲା। ୪ଟି ଟାଇଟଲ ହାସଲ କରିବା ସହ ଟପ୍ ଟେନ୍ ର୍ୟାଙ୍କିଙ୍ଗରେ ପ୍ରବେଶ କରିଥିଲେ। ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲରେ ପ୍ରବେଶ କରିଥିବା ବେଳେ କାରେନ୍ ଖାଚାନୋଭ, ରବର୍ଟୋ ବାଟିଷ୍ଟା ଅଗୁଟଙ୍କୁ ହରାଇଥିଲେ। ତେବେ ଫାଇନାଲରେ ହ୍ୟୁବର୍ଟ ହୁରକାଜଙ୍କ ନିକଟରୁ ହାରି ରନରଅପ୍ ରହିଥିଲେ। ସମାନ ବର୍ଷରେ ସେ ୟୁଏସ୍ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଆଲେକଜାଣ୍ଡାର ଜେଭରେଭଙ୍କ ନିକଟରୁ ହାରି ବିଦାୟ ନେଇଥିଲେ ମଧ୍ୟ ର୍ୟାଙ୍କିଙ୍ଗରେ ଟପ୍ ଟେନ୍‌ରେ ପ୍ରବେଶ କରିଥିଲେ।

୨୦୨୨ରେ ସିନ୍ନର ୩ଟି ମେଜର ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସମାନ ବର୍ଷରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହ କ୍ୟାରିୟରର ପ୍ରଥମ କ୍ଲେ କୋର୍ଟ ଟାଇଟଲ ହାସଲ କରିଥିଲେ। ଫ୍ରେଞ୍ଚ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ ମଧ୍ୟ ଆଣ୍ଠୁରେ ଆଘାତ କାରଣରୁ ଓହରିବାକୁ ପଡିଥିଲା। ବର୍ତ୍ତମାନର ୧ ନମ୍ବର ଖେଳାଳି କାର୍ଲୋସ ଅଲକାରାଜଙ୍କୁ କ୍ରୋଏସିଆ ଓପନ ଫାଇନାଲରେ ପରାସ୍ତ କରି କ୍ୟାରିୟରର ପ୍ରଥମ କ୍ଲେ କୋର୍ଟ ଟାଇଟଲ ହାସଲ କରିଥିଲେ।

୨୦୨୩ରେ ଇଟାଲୀକୁ ଡେଭିସ୍ କପ୍‌ରେ ଚାମ୍ପିୟନ କରିବାରେ ସିନ୍ନରଙ୍କ ରହିଥିଲା ବଡ ଭୂମିକା। ସାଥୀ ଖେଳାଳି ଲରେଞ୍ଜୋ ମୋସେଟ୍ଟି ଓ ମାଟେଓ ବାରେଟେନୀଙ୍କ ସହ ମିଶି ସେ ଏହି ସଫଳତା ହାସଲ କରିଥିଲେ। ୱିମ୍ବେଲଡନ୍ ୨୦୨୩ରେ ସେମି ଫାଇନାଲରେ ପ୍ରବେଶ କରିଥିଲେ ହେଁ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ପରାଜିତ ହୋଇଥିଲେ ସିନ୍ନର। ତେବେ ବିଶ୍ୱ ର୍ୟାଙ୍କିଙ୍ଗର ଟପ୍ –୫ ମଧ୍ୟରେ ପ୍ରବେଶ କରିବାରେ ସେ ସମର୍ଥ ହୋଇଥିଲେ। ତେବେ ଏହି ପରାଜୟର କିଛି ମାସ ପରେ ଅଷ୍ଟ୍ରେଲିଆନ୍ ଓପନ ସେମିରେ ଏହାର ମଧୁର ପ୍ରତିଶୋଧ ନେଇଥିଲେ ସିନ୍ନର। ସେମିରେ ଜୋକୋଭିଚ୍‌ଙ୍କୁ ହରାଇବା ପରେ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ।

**ଇଟାଲିର ଜାନିକ ସିନ୍ନର ଏବେ ଟେନିସ ଜଗତରେ ଏକ ପରିଚିତ ନାମ । ନିକଟରେ ଆମେରିକାରେ ଅନୁଷ୍ଠିତ ମାୟାମି ଓପନରେ ଚାମ୍ପିୟନ ହୋଇଛନ୍ତି ଏହି ତାରକା ଖେଳାଳି । ସିଜନରେ ଏହା ହେଉଛି ତାଙ୍କର ତୃତୀୟ ଟାଇଟଲ। ଏଥି ସହ ସେ ଏଟିପି ର୍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ।**

## ୱାର୍କେ

ଟିସିଏସ୍ ମାରାଥନରେ
ରନର ହେବେ
ଏସ.ଏନ. ଦତ୍ତାତ୍ରେୟ
ଛୟାନବେ ବର୍ଷୀୟ ବୃଦ୍ଧଙ୍କର ନାହିଁ
ଗୋଡ଼ହାତ ଭଙ୍ଗା ଭୟ
ସେ କହନ୍ତି ରଖ ଲୟ
ଟଙ୍କା ଥାଇ ସ୍ୱାସ୍ଥ୍ୟ ନ ଥିଲେ ସଂସାର
ବୁଡ଼ିବାଟା ଭାଇ ଥୟ।



ବେଙ୍ଗାଲୁରୁ ଟ୍ରାଫିକ୍
ପୋଲିସଙ୍କୁ ନେଇ
ଖରାରେ ଯୋଗାଏ ପାଣି
ୟୁଜର୍ସ କମେଣ୍ଟରେ ବୃଦ୍ଧାଙ୍କୁ ପ୍ରଶଂସା
ନୋବୁଲ ଆକ୍ଟ ଦେଲା ଠାଣି
ରାଜ୍ୟ ଶିକ୍ଷା ସ୍ଥାନ ଜାଣି
ଦେଶରେ ଚବିଶ କିଏ କହେ ଜମା
ଦି ଘଣ୍ଟା ପଢ଼ାଅ ମଣି।

ଦେଶର ବରିଷ୍ଠ ଟେନିସ ଖେଳାଳି
ରୋହନ ବୋପାନ୍ନା ହସ
ଚଉରାଳିଶି ବର୍ଷରେ ଏଟିପି ମାଷ୍ଟର୍ସ
ଟାଇଟଲ ଇତିହାସ
ୱାର୍କ ବିନା ଭାଗ୍ୟ ଦୋଷ
ଲାଇକ୍, ଫେସବୁକ
କମେଣ୍ଟ ବେଳ ଖାଏ
କ୍ରିକେଟରେ ୟୁଥ୍ ନାଶ।

–ସୁବାସ ଚନ୍ଦ୍ର ପ୍ରଧାନ

# ପଞ୍ଜାବର ଲଢୁଆ ବିଜୟ



ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ଶଶାଙ୍କ ସିଂ।

**ଅହମଦାବାଦ,୪।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଲଢୁଆ ବିଜୟ ହାସଲ କରିଛି ପଞ୍ଜାବ କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୪ ଉଇକେଟରେ ୧୯୯ ରନ୍ କରିଥିଲା। ଜବାବରେ ପଞ୍ଜାବ ଗୋଟିଏ ବଲ୍ ବାକି ଥାଇ ୭ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଶଶାଙ୍କ ସିଂ ଅପରାଜିତ ୬୧ ରନ୍ କରିଥିବା ବେଳେ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଆଶୁତୋଷ ଶର୍ମା ୩୧ ରନ୍ କରିଥଲେ। ଟସ୍ ଜିତି ପଞ୍ଜାବ ପ୍ରଥମେ ବୋଲିଂ ନେଇଥିଲା। ଗୁଜରାଟ ପକ୍ଷରୁ ଶୁବମନ ଗିଲ୍ ୮୯ରନର ଅପରାଜିତ ଇନିଂସ ଖେଳିଥିଲେ। ଏହା ବ୍ୟତୀତ କେନ୍ ୱିଲିୟମସନ୍ ୨୨ ବଲ୍‌ରୁ ୨୬, ସାଇ ସୁଦର୍ଶନ ୧୯ ବଲ୍ ଖେଳି ସେ ୩୩ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ରାହୁଲ ଟେୱାଟିଆ ବିସ୍ଫୋରକ ବ୍ୟାଟିଂ କରି ୮ ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ସେ ୨୩ ରନ୍ କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଗିଲ୍ ୪୮ ବଲ୍ ଖେଳି ୮୯ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ପଞ୍ଜାବ ପକ୍ଷରୁ ରାବାଡା ୨,ହରପ୍ରୀତ ବ୍ରାର ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୦ ରନ୍ ଲକ୍ଷ୍ୟରେ ପଞ୍ଜାବ ୭୦ ରନ୍‌ରେ ଟପ୍ ୪ ବ୍ୟାଟରଙ୍କୁ ହରାଇଥିଲା। ତେବେ ଶଶାଙ୍କ ସିଂ ଲଢୁଆ ୬୧ ରନ୍ କରିବା ସହ ଦଳକୁ ବିଜୟୀ କରିଥିଲେ। ଶଶାଙ୍କ ୨୯ ବଲ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ରହିଥିବା ଆଶୁତୋଶ ଶର୍ମା ୧୭ ବଲ୍‌ରୁ ଦ୍ରୁତ ୩୧ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭସିମରନ୍ ସିଂ ୩୫ ଓ ଜନି ବେୟାରଷ୍ଟୋ ୨୨ ରନ୍ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ନୁର ଅହମଦ ୨, ଦର୍ଶନ ନାଲକଣ୍ଡେ, ମୋହିତ ଶର୍ମା, ଉମେଶ ଯାଦବ, ରଶିଦ୍ ଖାନ ଓ ଅଜମତୁଲ୍ଲା ଓମାରଜାଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୯/୪ (ଶୁବମନ ଗିଲ୍-୮୯*, ସାଇ ସୁଦର୍ଶନ-୩୩, କେନ୍ ୱିଲିୟମସନ୍-୨୬, କାଗିସୋ ରାବାଡା-୨/୪୪, ହର୍ଷଲ ପଟେଲ-୧/୪୪, ହରପ୍ରୀତ ବ୍ରାର-୧/୩୩)। ପଞ୍ଜାବ କିଙ୍ଗ୍ସ ୧୯.୫ ଓଭରରେ ୨୦୦/୭ (ଶଶାଙ୍କ ସିଂ-୬୧*, ପ୍ରଭସିମରନ୍ ସିଂ-୩୫, ଆଶୁତୋଷ ଶର୍ମା-୩୧, ନୁର ଅହମଦ-୨/୩୨, ଦର୍ଶନ ନାଲକଣ୍ଡେ-୧/୬, ଉମେଶ ଯାଦବ-୧/୩୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ଚେନ୍ନାଇ**

**ସ୍ଥାନ: ହାଇଦ୍ରାବାଦ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୪ | -୦.୫୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ